ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

# ପାରସ୍ୟ ଦେଶର କାହାଣୀ

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ବିଶ୍ୱ ସାହିତ୍ୟ ଗ୍ରନ୍ଥମାଳା

# ପାରସ୍ୟଦେଶର କାହାଣୀ

[ ପ୍ରଥମ ଖଣ୍ଡ ]

ସଂକଳକ :

ଡକ୍ଟର ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂହ

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ପ୍ରକାଶକ : ମନୋଜ କୁମାର ମହାପାତ୍ର
ଗ୍ରନ୍ଥମନ୍ଦିର, କଟକ-୨

ମୁଦ୍ରକ : ଲିପିକାର, ଝାଞ୍ଜିରିମଙ୍ଗଳା, କଟକ-୯

ପ୍ରଥମ ପରିମାର୍ଜିତ ସଂସ୍କରଣ : ୧୯୯୭

ମୂଲ୍ୟ ଟ ୧୮-୦୦

# ସୂଚୀ

| ବିଷୟ | ପୃଷ୍ଠା |
|---|---|
| ୧ । ଉଡ଼ଗଲା ପକ୍ଷୀ | ୧ |
| ୨ । ଝାଳବୁହା ଧନ | ୭ |
| ୩ । ରଜା ଜେମ୍‌ସେଡ୍‌ଙ୍କ କାହାଣୀ | ୯ |
| ୪ । କପାଳଲେଖା ଫଳ | ୩୭ |
| ୫ । ରଜା ଜୋହକ | ୪୧ |
| ୬ । ସୁନାର ରୁଖା | ୫୩ |
| ୭ । ମନ୍ତ୍ରୀ ପାଞ୍ଚଥିଲେ ଜାଲ | ୬୦ |

Digitized by srujanika@gmail.com

# ଉଡ଼ିଗଲା ପକ୍ଷୀ

ଏ ଗପଟି ବାଲଖ ନଗରୀର । ସେଠି ଜଣେ ଧନୀ ସୌଦାଗର ଥାଆନ୍ତି । ସେ ବଡ଼ ସୌଖୀନ ଲୋକ ଥିଲେ । ସବୁବେଳେ ଜାକଜମକରେ ରହିବାକୁ ତାଙ୍କର ଇଚ୍ଛା । ତାଙ୍କର ଗୋଟିଏ ସୁନ୍ଦର ବଗିଚା ଥାଏ । ବଗିଚାଟିରେ ଅନେକ ପ୍ରକାରର ଫୁଲ ଓ ଫଳଗଛ । ସେ ଫୁଲସବୁର ସୁଗନ୍ଧରେ ଆଖପାଖ ମହକଯାଉଥାଏ । ସେ ବଗିଚାରେ ଅନେକ ମିଠା ମିଠା ଫଳ । ଲୋକମାନେ କହୁଥିଲେ ତାହା ଗୋଟାଏ ବଗିଚା ନୁହେଁ ଯେ ଗୋଟାଏ ନନ୍ଦନକାନନ ।

ଥରେ ଗୋଟାଏ ଦୁଷ୍ଟ ପକ୍ଷୀ ସେ ବଗିଚାକୁ ଆସିଲା । ସେ ଚଢ଼େଇଟା କଞ୍ଚା ପାଚିଲା ଫଳଗୁଡ଼ାକୁ ଛିଣ୍ଡାଇପକାଉଥିଲା । ଦିନସାରା ପକ୍ଷୀଟା ଏ ଡାଳରୁ ସେ ଡାଳକୁ ଉଡ଼ୁଥିଲା । ପାଚିଲା ଫଳ ଯାହା ଖାଇବାର ଖାଉଥିଲା— ଦରପାଚିଲା ଆଉ କଞ୍ଚା ଫଳଗୁଡ଼ାକରେ ଥଣ୍ଟମାରି ଖଣ୍ଡିଆ କରୁଥିଲା ଓ ଅନେକ ଫଳ ଛିଣ୍ଡାଇ ତଳେ ପକାଇଦେଉଥିଲା । ସକାଳ ପାହିଲା ବେଳକୁ ସବୁ ଗଛ ମୂଳରେ ଏଇପରି ଅନେକ ଫଳ ପଡ଼ିଥାଏ ।

ସୌଦାଗର ଏହା ଦେଖି ଖୁବ୍ ଦୁଃଖିତ ହେଲେ । ସେ ମାଳୀକି ପଚାରିଲେ । ବିଚାରି ମାଳୀଟି ବଗିଚାର ଅନେକ ଯତ୍ନ ନେଉଥିଲା । ଗଛଲତା-ଗୁଡ଼ିକୁ ସେ ପୁଅଝିଅ ପରି ପାଳୁଥାଏ । ବଗିଚାର ଫଳଫୁଲର ଏ ଅବସ୍ଥା ଦେଖି ସେ ଅବାକ୍ ହୋଇଗଲା । ଦୁଃଖରେ ତା' ଆଖିରେ ଲୁହ ଆସିଲା । ସେ କପାଳକୁ ନିନ୍ଦୁଥାଏ ଓ କ'ଣ କରିବ କିଛି ବୁଝିପାରୁନଥାଏ । ଖାଲି ଦୁଃଖକଲେ ତ ଚଳିବନି, ଏମିତି ସମସ୍ୟାର ସମାଧାନ ପାଇଁ ସହିଲେ ଭିବଚିନ୍ତ ଉପାୟ ଠିକ୍ କରିବା ଉଚିତ । ମାଳୀ ସେଇଆ କଲା ।

ସେ ଲୁଚି ଛପି ଜଗିରହିଲା । ଜାଣିଲା ଏହା ଗୋଟାଏ ଦୁଷ୍ଟ ଚଢ଼େଇର କାମ । ପକ୍ଷୀଟା କେଉଁସବୁ ଜାଗାରେ ଚରବୁଲ କରୁଚି ସେ ଦେଖିନେଲା । ତା'ପରେ ଜାଲ ପାତିଲା । ଜାଲ ପକାଇ ଅଳ୍ପ ଦୂରରେ, ବୁଦା ଉହାଡ଼ରେ ସେ ଲୁଚି ରହିଥାଏ । ଯୋଗକୁ ପକ୍ଷୀଟା ଜାଲରେ ପଡ଼ିଗଲା । ମାଳୀର ଆନନ୍ଦ ଘର ଧରୁନଥାଏ । ଲୁଚିଥିବା ଜାଗାରୁ ସେ ଡେଇଁପଡ଼ି ଏକାବେଳକେ ଯାଇ ଚଢ଼େଇଟି ପାଖରେ ପହଞ୍ଚିଗଲା ଓ ବାଁହାତରେ ପକ୍ଷୀଟାକୁ ମାଡ଼ିବସିଲା ।

Digitized by srujanika@gmail.com

ଡାହାଣ ହାତରେ ତାକୁ ମୋଡ଼ିଦେବାକୁ ବାହାରିଲା ବେଳକୁ ପକ୍ଷୀଟା ତାକୁ ନିରେଖି ଚାହିଁରହିଲା ଓ ଚେଁ ଚେଁ କରି କିଛି କହିବାକୁ ଚେଷ୍ଟାକଲା ।

ମାଳୀର ମନରେ ଗୋଟାଏ ଅଦ୍ଭୁତ ବସ୍ତୁସ୍ପୃ ଖେଳିଗଲା । ସେ ପକ୍ଷୀଟିକି ଚାହିଁରହିଲା । ପକ୍ଷୀଟି କହିଲା, "ହେ ମଣିଷ ଭାଇ,

ତମ ବୁଦ୍ଧିପରି କାହାର ବୁଦ୍ଧି ନାହିଁ ।
ତମ ରୂପପରି କାହାର ରୂପ ନାହିଁ ।

ତମେ ତ ମୋତେ ମାରିବାକୁ ଯାଉଚ, ମାରିଦିଅ । ହେଲେ ଭାବିଚିନ୍ତି କାମ କରିବ ବୋଲି ଆଶା । ଭଗବାନ ତମର ମଙ୍ଗଳ କରିବେ । ତମର ମନସ୍କାମନା ପୂର୍ଣ୍ଣ ହେବ ।"

ମାଳୀ ଏତିକି ଶୁଣି ଖୁବ୍ ଆଶ୍ଚର୍ଯ୍ୟ ହେଲା । ସେ ଭାବିଲା, ଏ ପକ୍ଷୀଟି କୌଣସି ସାଧାରଣ ଜୀବ ନୁହେଁ । ତା'ଛଡ଼ା ସେ କେତେ ମିଠା ଗଳାରେ କହୁଛି ! ପକ୍ଷୀଟି ଦେଖିଲା, ମାଳୀ ତା' କଥା ଶୁଣି ଖୁସିହେଲାଣି । ସେ କହି-ଚାଲିଲା, "ଦେଖ, ତମେ ମୋତେ ମାରିଦେଲେ ମୋ'ର ବହୁତ ଲାଭ ହେବ । ମୁଁ ଏ ଜୀବନରୁ ମୁକ୍ତିପାଇଯିବି । ହେଲେ ତମର କିଛି ଲାଭ ହେବ କି ? ତମର ଯାହା କ୍ଷତି ହେଇଚି ସେସବୁ କ'ଣ ଫେରିପାଇବ ? ସବୁ କଥାରେ ଧୈର୍ଯ୍ୟଧରି କାମ କରିବା ଉଚିତ । ଯୋଉମାନେ ତରତରହେଇ ନବୁଝି ନବିଚାରି କାମ କରନ୍ତି, ସେମାନେ ବହୁତ କଷ୍ଟପାଆନ୍ତି । କହିବାକୁଗଲେ, ବଞ୍ଚିରହିବାକୁ ମୋର ବଡ଼ ଇଚ୍ଛା, ମାତ୍ର ମରିବାକୁ ମୁଁ ଡରୁନି । ଯାହାହେଉ, ମରିବା ଆଗରୁ ମୁଁ କେତୋଟି ଭଲକଥା କହିବାକୁ ଚାହୁଁଚି । କାରଣ ମୁଁ ମରିଗଲେ ସେକଥା ଆଉ ଅନ୍ୟମାନେ ଜାଣିପାରିବେ ନାହିଁ ।"

ମାଳୀଟି ଖୁସି ହୋଇଯାଇଥାଏ । ସେ ନିଜକୁ ଜଣେ ବିଶିଷ୍ଟ ଲୋକ ବୋଲି ଭାବୁଥାଏ । ସେଇଠୁ ସେ କହିଲା, "କହରେ ପକ୍ଷୀ କହ । ମରିବା ଆଗରୁ କ'ଣ କହିବାର ଅଛି କହିପକା !"

"ଏଇଠୁ ବେଶ୍ ଅନେକ ଦୂର···ପଶ୍ଚିମରେ···" ପକ୍ଷୀଟି ଆରମ୍ଭକଲା, "ମୋ' ଘର । ସେଇଠି ଗୋଟିଏ ସୁନ୍ଦର ମରୁଦ୍ୟାନ ଅଛି । ସେଠି ଅଛନ୍ତି ମୋ ପିଲାଏ, ମୋ ଜ୍ଞାତି, ବନ୍ଧୁବାନ୍ଧବ ସବୁ । ସେମାନଙ୍କ ସହିତ ମୁଁ ଖୁବ୍ ଖୁସିରେ ରହୁଥିଲି । ତା'ପରେ ଦିନେ ଶୁଣିଲି ତମର ଏଇ ବଗିଚାର ପ୍ରଶଂସା । ଅନେକ ପକ୍ଷୀବନ୍ଧୁ କହିଲେ, ଏ ବଗିଚା ସୁନ୍ଦର । ଏ ବଗିଚାର

Digitized by srujanika@gmail.com

ମାଳୀ ଖୁବ୍ ବୁଦ୍ଧିଚତୁର ଓ ଧାର୍ମିକ ଲୋକ ।" ମାଳୀ ଖୁବ୍ ଉଲ୍ଲସିତ ହେଲା । ତା' ମନରେ ଗୋଟାଏ ବୃଥା ଅଭିମାନ ପଶିଲା । ତା'ହେଲେ ପକ୍ଷୀମାନେ ତାକୁ ପ୍ରଶଂସା କରନ୍ତି । ସେମାନେ ତାକୁ ସମ୍ମାନ ଦଅନ୍ତି ।

"ତା'ପରେ ମୁଁ ଆସିଲି ଏଠିକି । ଆସି ଗୋଟାଏ ଗଛ ଡାଳରେ ବସିଥାଏ । ମୋ ଆଗରେ ଦୁଇଟି ପକ୍ଷୀ ବସିଥିଲେ । ସେଥିରୁ ଗୋଟିଏ ଥିଲା ବୁଲ୍‌ବୁଲ୍‌ଟିଏ । ଆଉଟି ଗୋଟିଏ ଟେଣ୍ଟେଇ । ସେ ଦହେଁ ନିଜର ଖାଦ୍ୟ ଖୋଜୁଥିଲେ । ଖୋଜୁ ଖୋଜୁ ଗୋଟିଏ ଝିଣ୍ଟିକା ପାଇଲେ । ଦହେଁ ତାକୁ ଧରିବାକୁ ଧାଇଁଲେ । ଶେଷରେ ବୁଲ୍‌ବୁଲ୍‌ଟି ଝିଣ୍ଟିକାଟିକୁ ଧରିଲା – ଆଉ ପକ୍ଷୀଟି ପାରିଲାନି । ମାତ୍ର କଥାଟି ଏତିକିରେ ସରିଲାନି !"

"ଆଚ୍ଛା, ଇଏ ତ ବେଶ୍ ମଜାଳିଆ କଥା ଦେଖୁଛି···"ମାଳୀଟିର ମନରେ ନୂଆ ଉତ୍ସାହ କୁଦାମାରୁଥାଏ । ସେ ଶ୍ରେଷ୍ଠ ପକ୍ଷୀଟି କହିଲା, "ବୁଲ୍‌ବୁଲ୍ କିନ୍ତୁ ଝିଣ୍ଟିକାଟିକି ଖାଇପାରିଲାନି । ଆଉ ପକ୍ଷୀଟି ବୁଲ୍‌ବୁଲ୍‌କୁ ଆକ୍ରମଣ କଲା । ତା'ଠୁ ଝିଣ୍ଟିକାଟିକି ଛଡ଼ାଇନେଲା । ଏଥିରେ ବୁଲ୍‌ବୁଲ ଦୁଃଖିତ ହେଲା । ସେ କହିଲା, "ଲାଜ ଲାଗୁନି ତୋତେ—ପରମୁହଁରୁ ଆହାର ଛଡ଼ାଉଚୁ । ଖୋଜୁନୁ ତୋର ନିଜର ଚଗ ! ପରର ଚଗ ଛଡ଼ାଇଲେ କି ବାହାଦୁର ଅଛୁ ?"

"ଆରେ, ରଖ ରଖ ତୋ ଉପଦେଶଗୁଡ଼ାକ । ସେଗୁଡ଼ାକ କୋଉ ସଭା ସମିତିରେ କାମଦେବ । ଶିକାରକୁ ଗୋଡ଼ାଇବା ଶିକାରୀ । ସେ ଧରିଲା ବି ତା' ଶିକାରକୁ—ସେଥିରେ ସେମିତି କିଛି ନୂଆକଥା ନାହିଁ । ସାରା ଦୁନିଆରେ ଏମିତି ହଜାର ହଜାର ଘଟଣା ଘଟୁଚି । ଅସଲ ଗୌରବ ସେଥିରେ ମୋଟେ ନାହିଁ । ମାତ୍ର ଶିକାରୀ ମୁହଁରୁ ଶିକାରକୁ ଝିକି ନେବାରେ ମଜା ଅଛି, ଆନନ୍ଦ ଅଛି, ଅଛି ପୁଣି ବାହାଦୁର ।"

"ତା'ହେଲେ ବୁଲ୍‌ବୁଲ୍ ତା' ଚଗକୁ ଛାଡ଼ିଦେଲା ?" ମାଳୀ ପଚାରିଲା ।

"ହଁ, ଛାଡ଼ିଦେବନି ଆଉ କ'ଣ କରିବ ? ବୁଲ୍‌ବୁଲ୍ ଛାଡ଼ିବାକୁ ବାଧ ।"

ସେ ତାକୁ କହିଲା, "ହଉ ହେଲା ! ନିଅ ଏ ଝିଣ୍ଟିକା । ମାତ୍ର ଆମେ ଆଉ ଏ ଚଗକଥା ନେଇ କଳିକରିବାନି । ପକ୍ଷୀମାନେ ତମ ବିଷୟରେ ଅନେକ କଥା କହନ୍ତି । ତମର ପୂର୍ବପୁରୁଷ କାଳେ ସେବାନଗରୀରୁ ସମ୍ବାଦ

Digitized by srujanika@gmail.com

ବୋହିଆଣିଥିଲେ ରାଜା ସଲୋମନଙ୍କ ପାଖକୁ । ସେ ଦୃଷ୍ଟିରୁ ତମମାନଙ୍କୁ ସବୁ ପକ୍ଷୀ ଖୁବ୍ ସମ୍ମାନ ଦିଅନ୍ତି । ଏ ପ୍ରକାର କାମପାଇଁ ତମେ କି ପୁରସ୍କାର ପାଇଚ ?"

"ଟେଣ୍ଟେଇ କହିଲା, ଏଥିପାଇଁ ଆମର ଛଟୋଟି ଲାଭ ହେଇଚି । ଆମେ ଆକାଶରେ ଉଡ଼ୁ ସିନା, କୋଉଠି କେତେ ଗମ୍ଭୀରରେ ପୃଥିବୀରେ ପାଣି ମିଳିବ ତାହା ଜାଣୁ । ଆମ ମୁଣ୍ଡରେ ଏଇ ମୁକୁଟ ଦେଖ । ପାରସ୍ୟ ଟେଣ୍ଟେଇର ମୁଣ୍ଡରେ ଚୂଳ ଥାଏ । ଇଏ ଆମର ଗୌରବ । ତା'ଛଡ଼ା କୋଉ ଫଳ ଭଲ, କୋଉ ଫଳ ବିଷ—ସେକଥା ଆମେ ସହଜରେ ଜାଣିପାରୁ । ଦେଖ, ଏବର୍ଷ ଏ ବଗିଚାର ପ୍ରତିଟି ଗଛରେ ବିଷ ଚଢ଼ିଯାଇଚି । ଏ ଫଳ ଯିଏ ଖାଇବ ତା'ର ବହୁତ କ୍ଷତି ହେବ । ମଣିଷ ଖାଇଲେ ମରିବାର ଭୟ ଅଛି । ତା'ପରେ ସେ ବୁଲ୍‌ବୁଲ୍‌କୁ ପଚାରିଲା—ଆଚ୍ଛା, ତମର ଏମିତି କୋଉ ଗୁଣ ଅଛି କହିଲ ?"

ମାଳୀଟିର ଆଖି ଏଡ଼େ ଏଡ଼େ ହୋଇଗଲା । ସେ ମନେ ମନେ କହିଲା, ହେଇଥିବ—ଏ ବଗିଚାର ଫଳଗୁଡ଼ା ଏ ବର୍ଷ ବିଷାକ୍ତ ହୋଇଯାଇଥିବ । ପକ୍ଷୀଏ ସିନା ପକ୍ଷୀମାନଙ୍କ ଭାଷା ବୁଝିବେ । ବୋଧହୁଏ ଏ ପକ୍ଷୀଟି ସେଇଥିଲାଗି ଏ ଗଛର ଆଉ ସେ ଗଛର, ସବୁ ଗଛର ଫଳ ଏମିତି ଛିଣ୍ଡାଇ ପକାଉଥିଲା । ତା'ହେଲେ ପକ୍ଷୀଟି ମୋର କିଛି ଖରାପ କାମ କରୁନଥିଲା ତ ? ତା'ପରେ ସେ ପକ୍ଷୀକି କହିଲା, "ଆଚ୍ଛା, ବୁଲ୍‌ବୁଲ୍ କ'ଣ କହିଲା ?"

ଚତୁର ପକ୍ଷୀଟି ମାଳୀର ମୁହଁକୁ ଚାହିଁଲା । ସେ ତା' ମନର ଭାବ କିଛି ବୁଝିପାରିଲା । ହସିଲା ମନେ ମନେ । ତା'ପରେ କହିଲା, "ବୁଲ୍‌ବୁଲ୍ କହିଲା ଯେ, ତା' ଜାତିର ବି ଛଟୋଟି ବିଶେଷ ଗୁଣ ଅଛି । ବୁଲ୍‌ବୁଲ୍‌ମାନେ ଭଲ ଗୀତ ଗାଆନ୍ତି । ସେମାନଙ୍କ ଗଳା ଖୁବ୍ ମିଠା । ସେମାନଙ୍କ ଗୀତ ଖୁବ୍ କରୁଣ । ତା'ଛଡ଼ା ସେମାନେ ରାତିରେ ଚେଇଁପାରନ୍ତି । କେବଳ ଧାର୍ମିକ ଜୀବମାନେ ରାତି ଉଜାଗର ରହିପାରନ୍ତି । ଏଥି ସହ ବୁଲ୍‌ବୁଲ୍‌ର ରୂପ ରଙ୍ଗ ଖୁବ୍ ସୁନ୍ଦର, ଖୁବ୍ ଉଜ୍ଜ୍ୱଳ ।"

"ବୁଝିଲି···ତମେ ତ ସବୁଠୁ ବୁଦ୍ଧିମାନ୍ ମଣିଷ, ସବୁଠୁ ଗୁଣଲୋକ, ମୁଁ ପକ୍ଷୀଦୁଇଟିର କଥା ଶୁଣିଲି । ତମକୁ ଆଗରୁ ଦେଖିଥାଏ । ତମପ୍ରତି ମୋ ମନରେ ଗୋଟାଏ ଦୟା ଆସିଲା । ଆସିଲା ବି ସମ୍ମାନ । କେତେ ପରିଶ୍ରମ

Digitized by srujanika@gmail.com

ତମେ କରୁଚ ହେ ! ଏତେ ଯତ୍ନ, ଏତେ ପରିଶ୍ରମ କେତେ ଲୋକ ଏ ଦୁନିଆରେ କରୁଚନ୍ତି ? ମାତ୍ର ଏ .ପରିଶ୍ରମ ବଦଳରେ ଯଦି ଫଳଗୁଡ଼ାକ ବିଷଫଳ ହୁଏ, ତମର ବଦ୍‌ନାମ ହେବ । ତୁମକୁ ଲୋକେ ନିନ୍ଦିବେ । ତୁମକୁ କହିବେ ମଣିଷମାରୁ । ଏକଥା ମୁଁ ସହିପାରିଲିନି । ତୁମକୁ କେମିତି ବଦ୍‌ନାମରୁ ରକ୍ଷାକରିବି, ସେଇ ହେଲା ମୋର ଦିନରାତିର ଚିନ୍ତା । ସେଇକ୍ଷଣି ମୁଁ ଠିକ୍ କରିନେଲି ଯେ ଏ ବଗିଚାରେ ଯେତେ ଯେତେ ଫଳ ଅଛି ସବୁ ଛିଣ୍ଡାଇ-ପକାଇବି । ତାହାଇ ତ କରିଚି ମୁଁ ।”

ମାଳୀଟି ନିଜ ପ୍ରଶଂସାରେ ଫୁଲିଯାଇଥିଲା । ପକ୍ଷୀର ଏକଥା ଶୁଣି ତା’ ମନରେ କିଛି ଦୁଃଖ, କିଛି ଆନନ୍ଦ ଆସିଲା । ଯାହାହେଉ, ଏ ପକ୍ଷୀଟି ବଡ଼ ହିତକାରୀ । ତାକୁ ବିପଦରୁ ରକ୍ଷାକରିବାକୁ ସିଏ କେତେ ପରିଶ୍ରମ ନ କରିଚି—ଅଥଚ ସେ ତାକୁ ମାରିବାକୁ ଯାଉଥିଲା ! ନିହାତି ଗୋଟାଏ ଅପଦାର୍ଥ ସେ ! ଆରେ, ଏତେ କଥା ନଜାଣି ତାକୁ ମାରିଦେଇଥିଲେ ସବୁ ତ ଓଲମବଲମ ହୋଇଯାଇଥାନ୍ତା ! ତା’ପରେ ତା’ ମନରେ କୃତଜ୍ଞତା ଭରିଗଲା ।

ପକ୍ଷୀଟି କହୁଥାଏ, “ଦେଖ, ତମେ ଚାହିଁଲେ ଏବେ ବି ମୋତେ ମାରି ଦେଇପାର । ଚାହିଁଲେ ମୋତେ ଛାଡ଼ି ବି ଦେଇପାର । ତାହା ତମ ହାତର କଥା, ତମ ମନର କଥା । ଆଉ ସେ କଥା ପରେ ଭାବିବ । ଏବେ ଶୁଣ, ମୁଁ ତୁମକୁ ତିନିଗୋଟି ବଡ଼ ଭଲକଥା କହିବି । ସେ ତିନୋଟି ତମେ ପାଳିଲେ ଦୁନିଆରେ ସବୁଠି ଜିତିବ । ତମର ଆପଦ ବିପଦ କିଛି ରହିବନି, ସାଙ୍ଗସାଥିରେ ଜଣେ ବଡ଼ଲୋକ ବୋଲି ଗଣାହେବ ।”

“କହନା···କହ ! ମୁଁ ଶୁଣୁଚି ହୋ ତମକଥା ।” ଲୋକଟି କଥାରେ କିଛିଟା ବେଖାତିର ଭାବ ଫୁଟିଉଠୁଥାଏ । ସିଏ ଆଉ ଚଢ଼େଇକୁ ମାରିବାର କଳ୍ପନା କରୁନି । ମାଳୀ ଏଥର ପକ୍ଷୀଟିକି ତା’ ବାଁ ହାତର ବଣିଆଙ୍ଗୁଠିରେ ବସାଇଲା । ଡାହାଣ ହାତଟି ପକ୍ଷୀର ବେକରୁ ଉଠାଇଆଣିଲା । ଅଣ୍ଟାରେ ରଖିଲା ଡାହାଣହାତ ।

“ହଉ···ହଉ···ଶୁଣ ! ତମ ମନରେ ଯୋଉ ଲୋକପ୍ରତି ଟିକେ ସନ୍ଦେହ ହେବ ତା’ର କଥା ବିଶ୍ୱାସ କରିବନି । ଦ୍ୱିତୀୟ କଥା ହେଲା—ଅସମ୍ଭବ କଥାକୁ ବିଶ୍ୱାସ କରିବନି । ତୃତୀୟରେ, ଯୋଉ ଜିନିଷଟା ତମର ଅକ୍ତିଆର

Digitized by srujanika@gmail.com

ବାହାରେ, ସେଥିଲାଗି ଦୁଃଖ କରିବନି । ଏଥର ମୋତେ ଛାଡ଼ିଦେବ ନା !" — ପକ୍ଷୀଟି ବିନମ୍ରଭାବରେ କହିଲା । ମାଳୀ ଏତେ ଖୁସିହୋଇଯାଇଥିଲା ଯେ, ସେ ସଙ୍ଗେ ସଙ୍ଗେ ପକ୍ଷୀଟିକି କହିଲା, "ନିଶ୍ଚୟ ! ଏଥର ତମେ ଖୁବ୍ ମଜାରେ ଉଡ଼ିଯାଇପାର ।"

ପକ୍ଷୀଟି ଫୁର୍‌କରି ଉଡ଼ିଗଲା । ସେ ଲୋକଟିର ମୁଣ୍ଡ ଚାରିପଟେ ଚକର୍ ଦେଲା । ତା'ପରେ ଗୋଟାଏ ନୁଆଁଣିଆ ଡାଳରେ ବସିଲା । ପରେ ହିପହିପ ଗୀତ ଗାଇଲା । ସେ କହିଲା—

"ଆରେ ବୋକା ମାଳୀ,
ତୁ କି ଜାଣୁ ତୋତେ ମୁଁ କେମିତି ଠକିଲି ?"
ମାଳୀ ପଚାରିଲା, "କି କହୁଚରେ ପକ୍ଷୀଟୁଆ ଜାଣିନପାରିଲି !!"
ପକ୍ଷୀ କହିଲା, "ଓହୋ, ନପାରିଲୁ ଜାଣି ?
ମୋ' ପେଟରେ ଅଛି ପରା ଏତ୍ତେବଡ଼ ମଣି ।
ବତକର ଅଣ୍ଡାଠାରୁ ହେବ ତାହା ବଡ଼
ପାଇଥିଲେ କିଣିଥାନ୍ତୁ ବାଦଶା ମହଲ ।
କାଳେ ମୋତେ ଦେବୁ ମାରି ସେଇ ଡରେ ସିନା
ଏତେକଥା କହି କହି କଲି ତତେ ବଣା !"

ମାଳୀ ଏହା ଶୁଣି ରାଗିଗଲା । ତା ମନରେ ଲୋଭ ଭଡ଼ମୋଡ଼ ହେଲା । ସେ ଏବେ ନିଜକୁ ଦୋଷିଲା । ଓହୋ, ସତରେ ସେ କି ଭୁଲ କଲା ! ହାତରେ ଏତେ ସମ୍ପଦ ପାଇଥିଲା—ସବୁ ହରାଇଲା । ସେ ପ୍ରାୟ ପାଗଳ ହୋଇଗଲା । ତା' କପଡ଼ାଲତା ଚିରିପକାଇଲା । ନିଜର ହାତକୁ ରାମ୍ପୁଡ଼ି-ବିଦାରି ପକାଇଲା । ସେ ପାଟିକଲା । ଅଳ୍ପ ଦୂରରେ ପକ୍ଷୀଟି ବସିଥାଏ । ସେ ମାଳୀର ଏ ଅବସ୍ଥା ଦେଖୁଥାଏ ଓ ମନେ ମନେ ହସୁଥାଏ । ଲୋକଟିର ବୁଦ୍ଧି ଫେରିଆସିଲା । ସେ ଦ'ହାତ ଟେକି ପକ୍ଷୀଟି ଆଡ଼କୁ ଦଉଡ଼ିଲା । ତାକୁ ଧରିବାକୁ ଥରଥର କରି ଅନେକଥର ଡେଇଁଲା । ହେଲେ ପକ୍ଷୀଟି ବେଶ୍ ଅପହଞ୍ଚ ଜାଗାରେ ବସିଚି । ମାଳୀ ତାକୁ ଛୁଇଁପାରୁନି ।

ହସୁଚି ପକ୍ଷୀ, "ଥରେ ଧରାଦେଲି ବୋଲି ଆଉଥରେ ଧରାଦେବି— ଏକଥା ଭାବୁଚ କାହିଁକି ! ସେ କଥାନେଇ ମୁଁ ଅନେକ ଆଗରୁ ହୁସିଆର ।"

Digitized by srujanika@gmail.com

ମାଳୀର ଗୁଡ଼ ଦୁଃଖରେ ଯେପରି ଫାଟିଯିବ ! ତା'ର ଏତେ କଷ୍ଟ ହେଲା ! ତହିଁରେ ପୁଣି ପକ୍ଷୀଟା ତାକୁ ଠକିଦେଲା । ପୁଣି ଥଟ୍ଟା କରୁଛି ! ଏମିତି ଭକ୍ତୁ ଭକ୍ତୁ ତା' ଆଖିରେ ଲୁହ ଆସିଲା । ସେ କାନ୍ଦିବାକୁ ଲାଗିଲା । ପକ୍ଷୀ ତାକୁ ଆହୁରି ଚିଡ଼ାଉଥିଲା · ଛିଗୁଲାଉଥିଲା !!

ସେ ପକ୍ଷୀ କହିଲା, "ତୁ ମଣିଷ ହେଲୁ କେମିତି ? ଏଇ ହାଲ୍ ହାଲ୍ ତତେ ମୁଁ ତିନୋଟି କଥା କହିଲି—ସେଥିରୁ ଗୋଟିଏ କଥା ବି ତୁ ମନେ-ରଖିନୁ ? କହିଥିଲି, ଯାହାକୁ ସନ୍ଦେହ ହେବ ତା' କଥାରେ କେବେହେଲେ ବିଶ୍ୱାସ କରିବନି । ଅସମ୍ଭବ କଥାଗୁଡ଼ାକୁ କେବେହେଲେ ସତ ଯିବନି । ଆରେ ବୋକା, ମୋ ଦେହ ତ ଦେଖୁଛୁ—ଏଥିରେ ବତକଅଣ୍ଡାର ସମାନ ମଣିଟାଏ ରହିପାରିବ ? ତୃତୀୟ କଥାଟି ତତେ କହିଥିଲି—ଯୋଉ କଥା ତୋ' ଅକ୍ତିଆର ବାହାରେ ସେ କଥାନେଇ ଦୁଃଖ କରିବୁନି । ମୁଁ ଆଉ ତୋ' ହାତମୁଠାରେ ଅଛି ? ଏଇକ୍ଷଣି ତୁ ଶହଚେଷ୍ଟା କଲେ ବି ମୋତେ ଧରିପାରିବୁ ? ଆରେ—ହୁଡ଼ିଗଲା କଥା, ଉଡ଼ିଗଲା ଜଳ, ଛାଡ଼ିଦେଲା ଶର, ଉଡ଼ିଗଲା ପକ୍ଷୀ, ଏମାନେ କେବେ ଫେରନ୍ତି ନା କେବେ ଫେରିବେ ?"

ପକ୍ଷୀଟି ଏତିକି କହିଲା । ସେ ଡାଳରୁ ଉଠି ହିଂଗୁଳି ଚକ୍କର ଦେଲା । ତା'ପରେ ଉଡ଼ିଯାଇ ଦୂର ଆକାଶରେ ମିଶିଗଲା । ମାଳୀ ସେଇଆଡ଼କୁ ବୋକାଙ୍କପରି ଗୃହିଁରହିଥାଏ ।

## ଝାଳବୁହା ଧନ

ଲୋକଟିର ନାଁ ଥିଲା ଜାଇନ୍ ଆଲ୍ ଆରବ । ସେ ରହୁଥାଏ ଡାମାସ୍କସ ନଗରୀରେ । ଏ ବିରାଟ ନଗରୀରେ ଅନେକ ଧନୀ ସୌଦାଗର ଥା'ନ୍ତି । ମାତ୍ର ଜାଇନ୍ ଥିଲା ଗରିବ ଲୋକଟିଏ । ଗରିବ କହିଲେ ଖୁବ୍ ଗରିବ । ତା'ର ହାଓଳ ଚୁଲି ଜଳୁନଥାଏ । ତା' ସ୍ତ୍ରୀ ଓ ଛୁଆପିଲାଙ୍କ ମୁହଁରେ ହ'ଖଣ୍ଡ ରୁଟି ଦେବାକୁ ତାକୁ ଖୁବ୍ ପରିଶ୍ରମ କରିବାକୁ ପଡ଼ୁଥାଏ । ଦିନରାତି ସେ କାମରେ ଲାଗିଥାଏ । କାମରେ ତା'ର ଅଣ୍ଟା ପିଠି ଲାଗିଯାଉଥାଏ । ଜୀବନରେ ଟିକେ-ହେଲେ ବିଶ୍ରାମ ସେ ନେଇନି । ଶୋଇବା କଥାଟାକୁ ବିଶ୍ରାମ ବୋଲି ନଭାବିବା ଭଲ । ଏପରିକି ଶୋଇବା ମଧ୍ୟ ସେ ଠିକ୍ ଭାବେ ପାଉନଥାଏ ।

Digitized by srujanika@gmail.com

ନିଦରେ ବି ସେ ଭାବୁଥାଏ କାଲିକି ତା'ଧନ କେମିତି ଯିବ ! ଏଇପରି ଦିନରାତି କାମ ଆଉ ଚିନ୍ତା ମିଶି ତାକୁ ହୀନବଳ କରିପକାଇଥାଏ ।

ପରିଶ୍ରମ କଲେ ଫଳ କିଛି ନା କିଛି ଅବଶ୍ୟ ମିଳେ । ଜାଇନ୍ ଜୀବନରେ ବି ସେଇୟା ଘଟିଥିଲା । କେତେ ସାଲ୍ ପରେ ତା' ଅବସ୍ଥା ଟିକେ ଭଲ ହୋଇଗଲା । ଜାଇନ୍ ପାଖରେ କ୍ରମେ କିଛି ପଇସା ରହିଲା । ମାତ୍ର ସେ ଯେମିତି ଚଳୁଥିଲା ସେମିତି ଚଳୁଥାଏ । ସେମିତି ଦିନରାତି କଠିନ ପରିଶ୍ରମ କରୁଥାଏ ।

ଜୀବନରେ ସୁଖ କରିବା, ଆନନ୍ଦ କରିବା ସେ ଜାଣିନଥାଏ । ପିଛିଲା ଦିନଗୁଡ଼ିକରେ ଦିନକ ପାଇଁ ବି ସେ ଆନନ୍ଦ କରିନଥିଲା । ଏବେ ହାତରେ ଧନ ସମ୍ପଦ ହେଲା । ତେବେ ବି ସେ ଆନନ୍ଦ ଉତ୍ସବ କଥା ଭାବିପାରୁନଥାଏ । ତା' ମନରେ ଡର ପଶିଯାଇଥାଏ । ତା' ଜୀବନଟା ଦୁଃଖଭରା । କାଳେ ଟିକେ କେତେବେଳେ ସୁଖକଲେ ଭାଗ୍ୟଲକ୍ଷ୍ମୀ ତା' ଉପରେ ବିଗିଡ଼ିଯିବେ, ସେଇ ଡରରେ ସେ ଟିକେ ଆମୋଦପ୍ରମୋଦ କରୁନଥାଏ ।

ଫେରି ଭାବିଲା, ତା' ସମ୍ପତ୍ତି ଯଦି ଶେଷହୋଇଯାଏ, ସେ ଯଦି ପୁଣି ଗରିବ ହୋଇଯାଏ, କ'ଣ କରିବ ? ତା'ପରେ ତା' ମୁଣ୍ଡକୁ ଗୋଟାଏ ବୁଦ୍ଧି ଢୁକିଲା । ନା, ସେ ବିପଦ-ଆପଦ ପାଇଁ ସାବଧାନ ହେବ—ଟଙ୍କା ପଇସା ସଞ୍ଚି ରଖିବ । ହେଲେ ରଖିବ କୋଉଠି ? ରଖିବ···ଘରେ ? ନା, ଘରେ ରଖିବନି । ସେ ରଖିବ ସହର ବାହାରେ । ଜାଇନ୍ ତା'ର ପଇସାପତ୍ରତକ ଗୁଣ୍ଡାଇପୁଣ୍ଡାଇ ରଖିଲା । ଦିନେ ମଝି ରାତିରେ···ଦାମାସ୍କସ୍ ନଗରୀର ସଭିଏଁ ନିଦରେ ଅଚେତନ । ଚାରିଆଡ଼େ ଅନ୍ଧାର । ସେଇ ଅନ୍ଧାର ଭିତରେ ସେ ନଗରୀ ଛାଡ଼ି ବାହାରକୁ ଗଲା । ଗୋଟାଏ ଗଛମୂଳରେ ମାଟି ଖୋଳିଲା—ପୋତିଲା ତା' ଧନତକ । ଗଛଟାକୁ ଠିକ୍‌ଭାବେ ଠଉରକଲା । ତା'ପରେ ଯେମିତି ଚୁପ୍‌ଚାପ୍ ଯାଇଥିଲା, ସେମିତି ଚୁପ୍‌ଚାପ୍ ଫେରିଆସିଲା । ଡାମାସ୍କସ୍‌ର ମାଛିଟିଏ ବି ଜାଣିପାରିଲାନି କିଏ ଗଲା, କେତେବେଳେ ବା କାହିଁକି ଗଲା ! !

ତା' ମନରେ ଟିକେ ଶାନ୍ତି ଆସିଲା । ସେ ଟିକେ ଖୁସିହେଲା । ଅଳ୍ପ କିଛିଦିନ ପରେ ତା' ମନ ବ୍ୟସ୍ତ ହେଲା । ବହୁ କଷ୍ଟରେ ସେ ଘରେ ସାଇତି ଥିଲା ଏ ଧନ ! ଘରେ ଆଜି ତାହା ନାହିଁ । ତାକୁ ନେଇ ସେ ପୋତି-ଦେଇଛି । ସେ ଧନ ଉପରେ ତା' ଦିହର କେତେ ଝାଳ ନିଗିଡ଼ି ପଡ଼ିଛି ।

Digitized by srujanika@gmail.com

ଆଜି ସେ ଧନ ରହିବ ବାହାରେ । ସେଠି ନିରାପଦ ଅଛି ତ ! ନା, ଚୋର ତସ୍କର ତାକୁ ଅଣ୍ଟାରେ ଗୁଞ୍ଜିଲେଣି ! ତା' ମନରେ ସନ୍ଦେହ ଆସିଲା । ସେ ଭାବିଲା, ସେଇ ଜାଗାକୁ ଯାଆନ୍ତା, ସେ ଗଣିକରି ଦେଖନ୍ତା ତା' ଧନ ଠିକ୍ ଅଛି କି ନାହିଁ । ଏକଥା ଭାବିଲା ବେଳକୁ ତା' ମନରେ ଗୋଟାଏ ଭାବନା ଆସିଲା—ସିଏ ଆଉ ଗରିବ ହୋଇ ରହିନି—ସିଏ ଜଣେ ଧନବାନ୍ । ଏଇ-କଥା ଭାବିଲା ବେଳକୁ ତା' ମନରେ ଗୋଟାଏ ଅଜଣା ଆନନ୍ଦ ଆସିଲା ।

ତା'ପରେ ସେ ରାତିର ଅନ୍ଧାରତଳେ ଗଲା ସେଇ ଗଛମୂଳକୁ । ତା' ମନରେ ଏକ ଅପରିଚିତ ସ୍ୱର ଉଠୁଥାଏ । ସିଏ ମନକୁମନ ଗୀତ ଗାଉଥାଏ । ସେଇ ଗଛକୁ ସେ ଠିକ୍‌ଭାବେ ଚିହ୍ନିଥାଏ । ସେ ସିଧା ସେହି ଗଛମୂଳକୁ ଗଲା । ସେଠାରେ ଯୋଉ ଜାଗାରେ ସେ ଧନ ପୋତିଥିଲା ସେଠି ହାତ ମାରିଲା । ମାଟି କ'ଣ ଫମ୍‌ପା ଲାଗୁଚି ! ସେ ମାଟି ଖୋଳିଲା । ସବୁ ମାଟି ବାହାର କଲା । ହେଲେ ତା' ପୋତାଧନ କାହିଁ ? କିଛି ବେଳ ପାଇଁ ସେ ନିର୍ବାକ୍ ହୋଇଗଲା । ତା' ଛାତି ନିସ୍ପନ୍ଦ ହୋଇଗଲା । ତା'ହେଲେ ତା' ସମ୍ପତ୍ତିକ କିଏ ଚୋରିକରି ନେଇଗଲା ! ହେଲେ କିଏ ନେଲା ? ନେଲା କେମିତି ? ସେ ସେଠାରେ ଧନ ପୋତିଥିବା ଆଉ କିଏ କିପରି ଜାଣିଲା ?

ଏହା ଆଗରୁ ଦୁନିଆ ବିଷୟରେ ତା'ର ଗୋଟାଏ ଭଲ ଧାରଣା ଥିଲା । ସେ ଭାବୁଥିଲା, ଏ ପୃଥିବୀ ଗୋଟାଏ ବଢ଼ିଆ ଜାଗା । ଏଠି ସବୁ ଭଲ । ଏଠାର ଲୋକସବୁ ଦୟାଳୁ, ସ୍ନେହୀ, ଉପକାରୀ । ମାତ୍ର ଆଜିର ଏ ଘଟଣା ତା' ମନକୁ ବିଷରେ ଭରିଦେଲା । ସେ ଆଉ ଦୁନିଆକୁ ଭଲ ଜାଗାଟିଏ ବୋଲି ଗ୍ରହଣ କରିପାରିଲାନି । ସୁଖ ଓ ଆନନ୍ଦର ଏ ଦୁନିଆଟା ହଠାତ୍ ରୂପ ବଦଳାଇ ହୋଇଗଲା ଏକ ହୃଦୟହୀନ ନିଷ୍ଠୁର ଜାଗା । ଏଠାର ପ୍ରତିଟି ଲୋକକୁ ସେ ସନ୍ଦେହକଲା । ଏମାନେ ଚୋର, ଡକାୟତ । ଏମାନେ ଛକିରହିଥାନ୍ତି, ସୁବିଧା ପାଇଲେ ପରର ଧନସମ୍ପଦ ଚୋରିକରି-ନେବେ । ତା' ମନର ଶାନ୍ତି କୁଆଡ଼େ ହଜିଗଲା । ସେ ରାଗରେ ଥରିଉଠିଲା । ଜାଇନ୍ ଚିନ୍ତାରେ ବୁଡ଼ିଗଲା । କାହାକୁ ସେ ଏକଥା କହିବ ? କିଏ ବା ଭଲଲୋକେ ଏଠି ? ସେ କ'ଣ କରିବ ? କେମିତି ସେ ତା' ଧନ ଫେରି-ପାଇବ ? ନାନାପ୍ରକାର ଚିନ୍ତାରେ ତା' ମନ ଧନ୍ଦହୋଇଗଲା ।

ଜାଇନ୍ ତା' ବେପାର ଆଗପରି ଚଳାଇଥାଏ । ତା' ଭିତରେ ଭିତରେ

Digitized by srujanika@gmail.com

ଟ୍ରେର ଧରିବାକୁ ଉପାୟ ଭାବୁଥାଏ । ତାମାସ୍କସରେ ତା'ର ଖୁବ୍ କମ୍ ବିଶ୍ୱାସୀ ଲୋକ । ସେମାନଙ୍କ ମଧ୍ୟରୁ ଜଣକୁ ସେ ମନେ ମନେ ବାଛୁଥାଏ । ସେ ଜଣେ ବଡ଼ ବିଦ୍ୱାନ୍ ମଣିଷ । ଅନେକ ପୋଥି ପୁରାଣ ପଢ଼ିଛନ୍ତି । ଅନେକ ବିଦ୍ୟା ବୁଦ୍ଧି ତାଙ୍କର । ତାଙ୍କୁ ପଚାରିଲେ ତା' କଥାର ଉତ୍ତର ମିଳିବ ।

ଜାଇନ୍ ତାଙ୍କୁ ଭେଟିବାକୁ ଗଲା । ସେ ତାକୁ ଦେଖି ଦେଖି କହି-ଉଠିଲେ, "ଆରେ...ଆରେ, ତମର କ'ଣ ହୋଇଚି ! ହଁ ହଁ ତ ସୁହଁନାହିଁ ! ମନେହେଉଚି କ'ଣ ଗୋଟେ ଗୋଳମାଳ ହୋଇଯାଇଚି । ତମର ମୁହଁ ଶୁଖିଯାଇଚି । ତମପରି ସାଧୁ ସଚ୍ଚୋଟ ଲୋକର ପୁଣି କ'ଣ ହେଲା ?"

ଏ କଥାଗୁଡ଼ିକ ଶୁଣିଶୁଣି ଜାଇନ୍‌ର ସମୁଦାୟ ବୁକୁଟା କେମିତି ଥରିଗଲା । ସ୍ନେହ ସହାନୁଭୂତିର କଅଁଳ ସ୍ପର୍ଶ ତା' ବୁକୁକୁ ମନ୍ଥିଦେଲା । ତା' ଆଖିରେ ଲୁହ ଜକେଇଆସିଲା । ସେ ଏହା ଦେଖିଲେ । ବ୍ୟସ୍ତ ହେଲେ । କହିଲେ, "ଓହୋ, କ'ଣ ଘଟିଚି କୁହ । ଏମିତି ଧୈର୍ଯ୍ୟହରା ହେଲେ ଚଳିବ ? ଦେଖିବା କିଛି ଉପାୟ ଭାବିବା । କହିଲ କ'ଣ ଘଟିଚି ?

ଜାଇନ୍ କହିଲା, "ବନ୍ଧୁ ହେ, ବିପଦ କଥା କ'ଣ କହିବି । ପ୍ରକୃତରେ ମୋ' କପାଳ ମୋ' ସଙ୍ଗେ ସୈତାନି କରିଚି । ସେକଥା ଭାଳି ଭାଳି ମୁଁ ଦୁଃଖରେ ସଢ଼ୁଚି । ତୁମକୁ କହିବାରେ କୌଣସି ଆପତ୍ତି ନାହିଁ । ହେଲେ ଏକଥା ଶୁଣିଲେ ତମେ ବି ଦୁଃଖିତ ହୋଇପଡ଼ିବ । ମୋ ଭାଗ୍ୟ ମନ୍ଦ । ମୁଁ ଭୋଗୁଚି ଦୁଃଖ...କଷଣ । ତମେ ପୁଣି ଦୁଃଖ ପାଇବ କାହିଁକି ।"

ବିଦ୍ୱାନ୍ ଏହା ଶୁଣି ଜାଇନ୍‌କୁ କୁଣ୍ଢାଇ ପକାଇଲେ । ସେ କହିଲେ, "ଏ କଥା ସତ । ମୁଁ ଦୁଃଖିତ ହେବି । ହେଲେ ତମେ ଦୁଃଖରେ ଏପରି ଜଳିପୋଡ଼ି କଷ୍ଟ ପାଉଥିବ, ମୁଁ ସହିବି କେମିତି ? ମୋର ଅନୁରୋଧ, ତମେ ମୋତେ ସେକଥା ଲୁଚାଅନି । ବନ୍ଧୁମାନେ ପର ଦୁଃଖକୁ ଭାଗକରି ସହନ୍ତି !"

ଜାଇନ୍ ନିଜକୁ ଖୋଲିଦେଲା । ସେ କହିଲା, "ତମେ ତ ମୋର ସବୁକଥା ଜାଣିଚ । ମୁଁ ଯେ ଜଣେ ଦୁଃଖୀଲୋକ, ସେକଥା ବି ଜାଣ । ବହୁ କଷ୍ଟରେ ଜୀବନଯାକ ଖଟି ଖଟି କିଛି ପଇସା କରିଥିଲି । ସେ ସବୁକୁ ସୁନାକରି ଘରେ ରଖିଥିଲି । ମନରେ ଆନନ୍ଦ ଆସିଥିଲା—ଏ ପରିଶ୍ରମ ଓ ଦୁଃଖର ବଦଳା ମୁଁ ସୁନା ପାଇଚି । ଆନନ୍ଦ ସାଙ୍ଗକୁ ଭୟ ବି ଥିଲା—କାଳେ କିଏ ଆଖିପକେଇଦେବ । ସେଥିଯୋଗୁଁ ମୁଁ ସେ ସୁନାକୁ ଗୋଟେ ଗୁପ୍ତଜାଗାରେ

Digitized by srujanika@gmail.com

ପୋତିଦେଲି । ଯୋଉ ସମୟରେ ଯୋଉ ଜାଗାରେ ରଖିଲି ତାହା କେହି ଜାଣିନାହାନ୍ତି । ଧନ ପୋତିବାର ଅଳ୍ପଦିନ ପରେ ଯାଇ ଦେଖେ ସବୁ ଚୋରି-ଯାଇଛି । ଏଥିରେ ମୁଁ ଦୁଃଖିତ ହେବିନି ! ଯୋଉ କଥାକୁ ଡରି ମୁଁ ଜୀବନଯାକର ଉପାର୍ଜନକୁ ଲୁଚାଇ ରଖିଲି, ସେଇକଥା ଘଟିଗଲା !” ଜାଇନ୍ ଏସବୁ ବର୍ଣ୍ଣନା କଲାବେଳେ ଦୁଃଖରେ ଆହୁରି ଭାଙ୍ଗିପଡ଼ିଲା ।

ତା’ ବନ୍ଧୁ କହିଲେ, “ଏ ତ ଗୋଟାଏ ଆଚମ୍ବିତ କଥା ! ତମେ କହୁଛ କେହି ଜାଣିନାହାନ୍ତି, କେହି ଦେଖିନାହାନ୍ତି । ମୋ’ର କିନ୍ତୁ ସନ୍ଦେହ, ବୋଧହୁଏ ତମର ଅଜାଣତରେ କେହି ତମକୁ ଦେଖିନେଇଛି । ତମେ ଯେତେବେଳେ ସୁନାକୁ ପୋତିଲ ସିଏ ଲୁଚି ରହି ଲକ୍ଷ୍ୟ ରଖିଛି, ଆଉ ପରେ ବେଳଦେଖି ନେଇଯାଇଛି । ଏ ଅବସ୍ଥାରେ ସେ ଲୋକକୁ ପାଇବା ନିହାତି ମୁସ୍କିଲ୍ କଥା । ଏତେ ବଡ଼ ଡାମାସ୍କସ୍ ନଗରୀ ! ସେଠି କାହାକୁ ଚୋର ବୋଲି ଜାଣିବ ? ଅବଶ୍ୟ ତମପରି ସାଧୁ ମଣିଷର ସିଏ ସର୍ବସ୍ୱ ନେଇଛି, ତା’ର ଭଲ ହେବନି । ମଣିଷ ଆଖିରେ ସିନା ଚୋର ଧୂଳି ଗୁଞ୍ଚି-ଦେଇଛି, ହେଲେ ଭଗବାନଙ୍କୁ ସିଏ ଠକିପାରିବନି ! ତା’ର ଭଲଦଶା ହେବନି । ସିଏ ଅଲବତ୍ତ ଦଣ୍ଡ ପାଇବ । କିନ୍ତୁ ସେଥିରେ ତମର କି ଲାଭ ! ତମର ତ ଧନ ଗଲା ।” ତା’ପରେ ସେ ଟିକେ ରହି କ’ଣ ଭାବିଲେ, ଆଉ କହିଲେ, “ଆଚ୍ଛା, ମୋତେ ଦଶଦିନ ସମୟ ଦିଅ । ତା’ ଭିତରେ ମୁଁ ଗୋଟାଏ କିଛି ଭାବିନେବି । ଏଇ ସାଙ୍ଗେ ସାଙ୍ଗେ କିଛି ଉପାୟ ଦିଶୁନି— ଚିନ୍ତାକଲେ ହୁଏତ କିଛି ଗୋଟେ ବାଟ ଦିଶିପାରେ !”

ସେ ବିଦ୍ୱାନ୍ ଏ ଦଶଦିନ କାଳ କଥାଟାକୁ ବହୁ ଦିଗରୁ ଭାବିଲେ । ହେଲେ କିଛି ଗୋଟାଏ କଥା ବି ସେ ସ୍ଥିର କରିପାରିଲେନି । ଯୋଉ କଥାଟି ଧରିଲେ, ସେ କଥାଟା ଆଉ ଆଉ କାରଣରୁ କାଟି ଖାଇଗଲା । ଏଇପରି ସେ ବଡ଼ ଦୋଧାଇରେ ପଡ଼ିଥାଆନ୍ତି । ଏଇପରି ନାନା ଚିନ୍ତାରେ ନାକେଦମ୍ ହୋଇ ସେ ବଜାରରେ ବୁଲୁଥାଆନ୍ତି, ହଠାତ୍ ଜାଇନ୍ ସହିତ ଦେଖାହେଲା । ଜାଇନ୍‌ର ମୁହଁଟି ଆଗଠୁଁ ଆହୁରି ଶୁଖିଲା ଦିଶୁଛି । ସେ ତାକୁ ଦେଖି ଦେଖି ତା ପାଖକୁ ଦଉଡ଼ିଗଲେ । କହିଲେ, “ବନ୍ଧୁ ହେ, ଦଶଦିନ ଦଶରାତି ମଧ୍ୟରେ ମୁଁ ଟିକିକ ପାଇଁ ତମ ଚିନ୍ତାରୁ ଓହରି ଆସିନି । ସବୁବେଳେ ତମରି ଦୁଃଖ କଥା ମୋ ମନକୁ ଘାରିଦେଉଛି । ଭାବନାର ସମୁଦ୍ରରେ ବୁଡ଼ି

Digitized by srujanika@gmail.com

ବୁଢ଼ ମୁଁ ଅଣନାଃଶ୍ୱାସୀ ହେଉଛ । ପାଇନ ସମାଧାନର ବାଟ । ମୁଁ ଭଗବାନଙ୍କ ପାଖରେ ତମପାଇଁ ପ୍ରାର୍ଥନା କରିବ । ତାଙ୍କର ତ ଏ ସବୁ ଖେଳ ! ସେ ତୁମକୁ ଦୁଃଖ ଦେଇଛନ୍ତି, ସେହି ତୁମର ଦୁଃଖ ଦୂର କରିବେ । କେବଳ ପ୍ରଭୁଙ୍କ ଉପରେ ଭରସା କରିବା ଛଡ଼ା ଆଉ କୌଣସି ବାଟନାହିଁ ।"

ସେମାନେ ଏମିତି କଥାଭାଷା ହେଉଥାନ୍ତି ସେ ପାଖରେ ଜଣେ ଲୋକ ଆସି ଠିଆହେଲା । ସେ ଲୋକଟି ଗୋଟାଏ ପାଗଳ । ବଡ଼ ପ୍ରପଞ୍ଚ ବେଶ । ମୁଣ୍ଡର ବାଳ ଆଲୁରୁବାଲୁରୁ ହୋଇ କେରି କେରି ଲମ୍ବିଛି । ଛିଣ୍ଡା ଲେଙ୍ଗୁଟି ଗୁଡ଼ାଏ ପିନ୍ଧିଛି । ଆବୁରୁଜାବୁରୁ ମାଳା ବେକରେ । ଝୁଲୁଛି ଟଳ ଟଳ । ସେ ଏମାନଙ୍କୁ ଦେଖି ଅଳ୍ପ ଦୂରରେ ଠିଆହେଇଗଲା । ତା'ପରେ ହି—ହି ହାହା ହାହା ହା—ହସିଲା । ଦୁ' ଗୋଡ଼ ପାହୁଣ୍ଡଯାଏଁ ଆଗକୁ ଆସିଲା । ପାଟିକରି କହିଲା, "ହୋ...ହୋ ପିଲାଏ...କ କଥା ଗୁଲଛ ? ଫୁସ୍ ଫୁସ୍ କଥା । ଗୁପତ କଥା । ବହୁତ ବ୍ୟଥା...ନା...ନା ।" ସେ ପାଗଳା ସେମାନଙ୍କ ପାଖକୁ ଚାଲିଆସିଲା । ଦାନ୍ତ ନେଫଡ଼ କାଢ଼ି କହିଲା, "କହିବନି ମୋତେ ? ଆରେ କୁହନା । କ'ଣ ଏମିତି ଗୁପ୍‌ଚୁପ୍ କଥା ହେଉଛ ସେ ! ତମ କଥାରୁ ଭାଗନେବନି ମ । ଦୁ'ଜଣରୁ ତିନିଜଣ ହେବା ।"

ପଣ୍ଡିତ ବନ୍ଧୁଜଣକ ଜାଇନ୍‌କୁ କହିଲେ, "ଦେଖ ବନ୍ଧୁ, ଆମେ ଦୁ'ଜଣ ଯୋଉ କଥା ନେଇ ଏତେ ଘାର୍ଣ୍ଣି ହେଉଚେ ସେ କଥାରେ ଆଉ ଜଣେ ଭାଗୀଦାର ଆସି ପହଞ୍ଚିଗଲା । ଏ ଜାଣି ଗୋଟେ ସୁଯୋଗ କଥା । ବେଳେବେଳେ ଏ ପ୍ରକାର ପାଗଳା ଲୋକଙ୍କ କଣ୍ଠରେ ମଧ୍ୟ ସତକଥା ଫୁଟିଥାଏ । ଯୋଉଠି ବିଦ୍ୟାବୁଦ୍ଧି ହାରିମାନେ, ସେଇଠି ଏ ଲୋକେ ଜିତିଥିବାର ଦେଖାଯାଏ । ତମେ ଯଦି କହିବ ଆମେ ଏ ଲୋକକୁ ପଚାରିନେବା ।"

ଜାଇନ୍ କଥାଟାକୁ ଠିକ୍ ଭାବେ ବୁଝିପାରିଲାନି । ସେ ପାଗଳାଟିକୁ ପାଖରେ ପୂରେଇ ଦେବାକୁ ଚାହିଁଲାନି । ସେ ଯୁକ୍ତିକଲା, "ତମ ପରି ପଣ୍ଡିତ ଲୋକଙ୍କ ବୁଦ୍ଧି ଯୋଉଠି ବଣାହେଲା, ସେଠି ଏ ପାଗଳାମାନଙ୍କ ଜାଗା କୋଉଠି ଅଛି ?"

ବିଦ୍ୱାନ୍ ନାନା କଥା କହି ଜାଇନ୍‌କୁ ବୁଝେଇଲେ, "ଏପରି ଜଣିଏ ଲୋକଟିକି କହିଲେ କ'ଣ କ୍ଷତି ହେବ ? ସିଏ ତ କାହାର କିଛି କ୍ଷତି

କଣବନା ? ହୁଏତ ତା’ ପାଟିରେ ଧର୍ମ ଫିଟିଯିବ, ହୁଏତ ସେ ଲୋକ ଆମକୁ କିଛି ଗୋଟେ ଖିଅ ଦେଇପାରେ ।” ସେଇଠୁ ଜାଇନ୍ ଓ ତା’ ବନ୍ଧୁ ପାଗଳାଟିକୁ ମୂଳରୁ ଚୂଳଯାଏ ସବୁକଥା ବୁଝାଇଲେ । ଏ କଥାର ପ୍ରଥମ ଭାଗରେ ପାଗଳାଟି ଖୁବ୍ ଖୁସିହେଲା । ତା’ପରେ ସେ ତା ବାହୁକୁ ଛନ୍ଦ ଠିଆହୋଇଗଲା । ଶେଷରେ ତା ହାତର ପଦ୍ମ ଭିତରେ ସେ ଥୋଡ଼ିକ ରଖି କପାଳ ଗୋଟାଏ ଅଦ୍ଭୁତ ଚନ୍ତାରେ ବୁଡ଼ିଗଲା—ସତେ ଯେପରି ସେ ମୂର୍ତ୍ତିଟାଏ ପାଲଟିଯାଇଛି । ସେ ସମୟରେ ଗୋଟିଏ ଗ୍ରେଟ ପିଲା ସେଠାରେ ପହଞ୍ଚି ଯାଇଥାଏ । ସେ ଏମାନଙ୍କୁ ଦେଖି ମଜା ପାଇଁ ଠିଆହୋଇଥାଏ ।

ପାଗଳା ହଠାତ୍ ପାଟିକରିଉଠିଲା, “ହଁ ହଁ···ସେ ନେଇଛି ତ···ସେ ନେଇଛି । ସେ ଲୋକ···ଯିଏ ସେ ଗଛର ଚେର ନେଇଛି, ସେ ନେଇଛି ଜାଇନ୍‌ର ସୁନା । ଏଥିରେ ଟିକେ ହେଲେ ସନ୍ଦେହ ନାହିଁ । ମିଳିଗଲା ହୋ··· ମିଳିଗଲା—ଜାଇନ୍‌ର ସୁନା ମିଳିଗଲା । ଚୋରକୁ ଆମେ ଧରିନେଲୁ । ଚୋରକୁ ଆମେ ଚିହ୍ନିନେଲୁ !!” ପାଗଳା ଏହା କହି କହି ଚଳି ଚଳି ସେ ଜାଗାରୁ ବାହାରିଗଲା । ସେ ମିଶିଗଲା ମହାନଗରୀରର ଲୋକ ଗହଳି ମଧ୍ୟରେ ।

ଜାଇନ୍ ଓ ତା ବନ୍ଧୁ ପାଗଳାର କଥା ଶୁଣି ତାଜୁବ ହୋଇଗଲେ । ତା’ ବନ୍ଧୁ କହିଲେ, “ଇଏ ଗୋଟାଏ ବଢ଼ିଆ କଥା କହିଲା ତ ! ହେଲେ କଥାଟା ବୁଝିହେଲାନି ।”

ଏହି ସମୟରେ ଟିକି ପିଲାଟି କହିଲା, “କାହିଁ ବୁଝିବାରେ ଅସୁବିଧା କ’ଣ ରହିଲା ସେ ! ସେ ଗଛର ଚେର କେହି ଜଣେ ନେଇଛି । ହୁଏତ ସେ ଚେର ଔଷଧରେ ଲାଗିଥିବ । ଆଉ ଚେର ଖୋଳୁ ଖୋଳୁ ସୁନା ମିଳିଗଲା । ସେ ସୁନା ମୋର ବୋଲି ତ କେହି କହୁନି କି ସେପରି କହିବାର ସୁବିଧା ବି ନାହିଁ । ତେଣୁ ସେ ଲୋକ ମାଲିକ ହେଲା । ଚେରକୁ ଚେର, ସଙ୍ଗରେ ସୁନା —ଏମିତି ସୁଯୋଗ କିଏ ଛାଡ଼େ ?”

ଜାଇନ୍ କହିଲା, “ଆରେ, ତୁ କ’ଣ ଜାଣିଲାପରି କଥାଗୁଡ଼ା କହୁଚୁ ।”

“ନା ମଉସା, ମୁଁ ଜାଣିନି କିଛି । ମୁଁ ଖାଲି ଭାବୁଚି ଏୟା ହୋଇଥିବ । ବର୍ତ୍ତମାନ ତମେ ହ’ଜଣ ଭାବ । ସେ ଗଛର ଚେର କୋଉ ରୋଗରେ ଲାଗେ । ଏ ସହରରେ ଯେତେ ଡାକ୍ତର ଅଛନ୍ତି ସବୁଠି ପଚାରି ନିଅ—ସେ ରୋଗ ପାଇଁ କିଏ ତାଙ୍କୁ ପଚାରିଥିଲେ । ତା’ପରେ ଲୋକଟିକୁ ପାଇଯିବ ।”

Digitized by srujanika@gmail.com

ଜାଇନ ଓ ତା ବନ୍ଧୁ କହିଲେ, "ବାଳକ, ଧନ୍ୟ ତୋ ବୁଦ୍ଧି । ଆମେ ଦି'ଟା ଲୋକ ଯୋଉ କଥା ଭାବିପାରିନଥିଲୁ ତୁ କେତେ ସହଜରେ ସେକଥା ଭାବିନେଇଛୁ !"

ଆଜି ସେ ଦୁଇବନ୍ଧୁ ଡାମାସ୍କସ୍ ନଗରର ସବୁ ଡାକ୍ତରଙ୍କ ପାଖରେ ଯାଇ ପହଞ୍ଚିଲେ । ପ୍ରଥମେ ଠିକ୍ କଲେ, ସେ ଗଛର ଚେର କୋଉ ରୋଗରେ ଲାଗେ । ଡାକ୍ତରମାନେ କହିଲେ ଶ୍ୱାସରୋଗରେ ସେ ଚେର ଭଲ ଔଷଧ । ସେଇଠୁ ଗୁଲିଲା ନିକଟରେ କିଏ ଶ୍ୱାସ ରୋଗପାଇଁ ଆସିଚି ଜାଣିବାର ଚେଷ୍ଟା । ତାକୁ ଏ ଚେର ଦେବାକୁ କୁହାଯାଇଚି କି—ଏଇ ଖିଆ ଧରି ସେମାନେ ଶେଷରେ ଜଣେ ଡାକ୍ତରଙ୍କ ପାଖରେ ପହଞ୍ଚିଲେ । ସେଇ ଡାକ୍ତରଙ୍କ ପାଖକୁ ଆସିଥିଲା ଖୋଜା ସମାନ୍ଦର । ସେ ଡାମାସ୍କସ୍‌ର ସବୁଠୁ ଧନୀ ସୌଦାଗର । ତାକୁ ଡାକ୍ତର କହି ଥିଲେ ଏଇ ଚେର ଆଣିବାପାଇଁ । ଏ ଘଟଣା ଘଟିଥିଲା କୋଡ଼ିଏ ଦିନ ତଳେ । ଏଥର ଏମାନେ ଖୋଜା ସମାନ୍ଦର ପାଖରେ ପହଞ୍ଚିଲେ । ଦେଖିଲେ, ସେ ସୁସ୍ଥ ସବଳ ହୋଇଉଠିଚି । ତା'ର ଭଲମନ୍ଦ ପଚାରି କୌଶଳରେ ତା' ଭଲ ହେବା ସୂଚନା ପାଇଲେ ।

ସେଇଠୁ ଜାଇନ୍‌ର ବନ୍ଧୁ ସେ ପଣ୍ଡିତ ଜଣକ କହିଲେ, "ଖୋଜା, ତମ ଘରେ ଧନର ଅଭାବ ନାହିଁ । ଗୋଟାଏ କଥା ପଚାରିବି ସତ କହିବ ?" ଖୋଜା ସମାନ୍ଦର କହିଲା, "ମୁଁ ନିଶ୍ଚୟ ସତ କହିବି । ବିଶେଷରେ ତମପରି ଗୁଣୀ ଲୋକଙ୍କୁ ମିଛ କହି ଲାଭ କ'ଣ !" ସେ ଜାଇନ୍‌ର ସୁନା ପୋତିବା ଆଦି କଥା ବର୍ଣ୍ଣନା କଲେ । ଶେଷରେ କହିଲେ, "ମୋର ପୂର୍ବବିଶ୍ୱାସ ସେ ସୁନା ତମେ ପାଇଚ । ଭଗବାନ ତମକୁ ଧନ ଓ ସ୍ୱାସ୍ଥ୍ୟ ଦେଇଛନ୍ତି । ତମେ ବିଚରା ଜାଏନ୍‌କୁ ରକ୍ଷାକର ।"

ଖୋଜା ସମାନ୍ଦର ଭଲଲୋକଟିଏ ଥିଲା । ତା'ର ପର ସମ୍ପଦ ଉପରେ ଲୋଭ ନଥିଲା । ସେ କହିଲା, "ଜାଇନ୍, ଠିକ୍‌କରି କୁହ ତୁମେ କେତୋଟି ସୁନାମୋହର ରଖିଥିଲ ? କେଉଁଠି ଓ କେତେ ଗଭୀରରେ ପୋତିଥିଲ ?" ଜାଇନ୍ ସବୁକଥା ଠିକ୍‌ଠିକ୍ କରି କହିଲା । ଖୋଜା ସମାନ୍ଦରର ମନ ମାନିଗଲା । ସେ ଫେରାଇଦେଲା ସୁନାମୋହରତକ ଜାଇନ୍‌କୁ । ଜାଇନ୍‌ର ମନରେ ଅନେକ ଆନନ୍ଦ !

Digitized by srujanika@gmail.com

# ରାଜା କେମରଶେଦ୍‌ଙ୍କ କାହାଣୀ

ପାରସ୍ୟର ଉତ୍ତରରେ ଲମ୍ବା ପର୍ବତମାଳା ଏଲବର୍ଜ । ଏଇ ପର୍ବତମାଳାରେ ଅନେକ ଗୁହା । ବହୁ ସାଲ ଆଗେ ଲୋକେ ସେଇ ଗୁହାରେ ରହୁଥିଲେ । ସିଏ ଥିଲା ଏକ ବର୍ବର ଯୁଗ । ସେ ସମୟରେ ପାରସ୍ୟର ଲୋକେ ଏମିତି ସଭ୍ୟ ଶିକ୍ଷିତ ହୋଇନଥିଲେ । ଲୋକେ ଗୃହବାସ ବି ଜାଣିନଥିଲେ । ସେ ଲୋକ ଥିଲେ ଶିକାରୀ । ବଣଜଙ୍ଗଲରେ ପଶୁପକ୍ଷୀ ମାରି ସେମାନଙ୍କ ମାଂସ ଖାଉଥିଲେ । ପିନ୍ଧୁଥିଲେ ପଶୁର ଚମଡ଼ା । ସେ ବେଳକୁ ସମାଜରେ ଏତେ ଏତେ ନିୟମ ନଥିଲା । ସବୁ ଲୋକ ଥିଲେ ସମାନ । କେହି ରାଜା ନୁହେଁ— କେହି ପ୍ରଜା ନୁହେଁ ।

ସେଇ ସମୟରେ ଏଇ ମଣିଷମାନଙ୍କ ଭିତରେ ଜଣେ ଲୋକ ଥିଲେ— ତାଙ୍କ ନାଁ କାଇଉମରସ୍ । କାଇଉମରସ୍‌ଙ୍କ ଦେହରେ ହାତିଏ ବଳ । ତାଙ୍କ ମୁହଁ ଦେହ ଖୁବ୍ ସୁନ୍ଦର ଥିଲା । ସେ ଯାହାକୁ ଯାହା କହୁଥିଲେ ସେ ତାହା କରିବାକୁ ବାଧ୍ୟହେଉଥିଲା । ତାଙ୍କ କଥାକୁ ଅନ୍ୟଥା କରିବାର ସାହସ କାହାରି ନଥିଲା, ଏପରିକି ବଣର ପଶୁମାନେ ବି ଦଳବଳ ନେଇ ଏଇ ସାହସୀ ସୁନ୍ଦର ପୁରୁଷଙ୍କୁ ସମ୍ମାନ ଦେଖାଉଥାଆନ୍ତି । ଚିତାବାଘ, ହେଟା, ଭାଲୁ, ବାରହା ଆଦି ଭୟଙ୍କର ପଶୁଗୁଡ଼ିକ ଏହାଙ୍କ ଆଗରେ ଲମ୍ବ ଲମ୍ବ ହୋଇ ଗଡ଼ୁଥିଲେ । ସେମାନେ ସାଷ୍ଟାଙ୍ଗ ପ୍ରଣାମ କରୁଥିଲେ । ବାଘ ସିଂହ ଆଦି ଦୂରରୁ ମୁଣ୍ଡ ପୋତି ପ୍ରଣାମ ଜଣାଇ ଅପସରି ରହୁଥିଲେ ।

କାଇଉମରସ୍ ତେଣୁ ହେଲେ ସେ ଲୋକଙ୍କ ମୁଖିଆ । ସେ ହେଲେ ସେମାନଙ୍କର ରାଜା । କାଇଉମରସ୍ ଯେମିତି ବୁଦ୍ଧିଆ ସେମିତି ବଳୁଆ, ସେମିତି ଦୟାଳୁ । ତାଙ୍କ ଲୋକେ, ତାଙ୍କ ରାଇଜର ପଶୁପକ୍ଷୀ ସମସ୍ତେ ତାଙ୍କୁ ଭକ୍ତିକରୁଥିଲେ ।

କ୍ରମେ ଏକଥା ଅସୁର ରାଜାଙ୍କ କାନରେ ପଡ଼ିଲା । ତା' ରାଇଜଟା କାଇଉମରସ୍‌ଙ୍କ ରାଇଜର ସୀମାକୁ ଲାଗିଥାଏ । ଏଇ ଅସୁରମାନଙ୍କ ରୂପ ଅତି ଅଜବ ଢଙ୍ଗର । ଏମାନେ ଅଧା ମଣିଷ ଅଧା ପଶୁ । ଏମାନଙ୍କ ମୁଣ୍ଡରେ ଥାଏ ମୁନିଆଁ ଶିଙ୍ଗ, ଲମ୍ବା ଲମ୍ବା କାନ । ଆଉ ଥାଏ ଲାଞ୍ଜ । ଏଇ ଅଦ୍ଭୁତ ଜୀବଗୁଡ଼ିକର ବହୁତ ବଳ । ତା'ଛଡ଼ା ଏମାନେ ଗୁଣିଗାରେଡ଼ିରେ ଓସ୍ତାଦ୍ । ଏଇକ୍ଷଣି ଗୁହାଁଲେ ତ ନିଆଁ ଜାଳଦେବେ । ସୃଷ୍ଟି କରିଦେବେ ଝଡ଼ ବତାସ ।

Digitized by srujanika@gmail.com

ଥିବେ ଥିବେ ହଠାତ୍ କୁଆଡ଼େ ଉଭେଇଯିବେ, ପୁଣି କୋଉ ରୂପ ନେଇ ଦେଖାଦେବେ । ସାପ ହୋଇଯିବେ—ସିଂହ ବାଘ ହୋଇଯିବେ ।

କାଇଉମରସ୍ ଗୃହଁ ଥିଲେ ଶାନ୍ତ । କାହା ସହିତ ଲଢ଼େଇ କରିବା ତ ଦୂରର କଥା, ଝଗଡ଼ାଝାଣ୍ଟି କରିବାକୁ ସେ ଭଲପାଉନଥିଲେ । ମାତ୍ର ନିଜେ ଚୂପ୍ ରହିଲେ ତୁମର ଶତ୍ରୁ କଥା କହିବନି ବୋଲି କୋଉ ନିଶ୍ଚୟତା ଅଛି ! ଅସୁରରଜା କାଇଉମରସ୍‌ଙ୍କ କଥା ଶୁଣି ରାଗରେ ଦାନ୍ତ ରଗଡ଼ୁଥାଏ ଓ ତାଙ୍କ ଉପରେ କେମିତି ଦାଉ ସାଧିବ ସେଇ ଓର ଉଣ୍ଡୁଥାଏ । ଦିନେ ଗୁଡ଼ାଏ ଭୟଙ୍କର ରାକ୍ଷସଙ୍କୁ ଡାକି ସେ କହିଲା, "ଯାଅରେ ଦେଖିଦିଅ କାଇଉମରସ୍‌କୁ !" ଦଳ ଦଳ ସୈନ୍ୟ ମାଡ଼ିଆସିଲେ । ଏମାନଙ୍କର ମୁହଁ ବଳେଇପରି ଓ ଦେହ ମଣିଷପରି । ଏମିତିକା ଭୟଙ୍କର ଜୀବଗୁଡ଼ାଏ ସୈନ୍ୟ ହୋଇ ମାଡ଼ିଆସିଲେ । କାଇଉମର୍‌ସଙ୍କ ରାଇଜ ଉପରେ ଧସେଇ ପଶିଲେ ।

ଏ ବେଳକୁ କାଇଉମର୍‌ସ ବୁଢ଼ା ହେଲେଣି । ତାଙ୍କର ପୁଅ ପିଲା ହୋଇଥାଏ । ମାତ୍ର ସେଇ ପୁଅଟି ତାଙ୍କ ସେନାଦଳର ନେତା । ସେମାନେ ଅସୁରମାନଙ୍କ ସହିତ ଖୁବ୍ ଲଢ଼ିଲେ, କାଇଉମର୍‌ସଙ୍କ ପୁଅଟିର ଯୁଦ୍ଧରେ ମୃତ୍ୟୁ ହେଲା । ତାଙ୍କର ସୈନ୍ୟମାନେ ସାହସ ହରାଇ ପଛଘୁଞ୍ଚା ଦେଲେ ଓ ପାହାଡ଼ର ଗୁମ୍ଫା ଆଢ଼ରେ ଲୁଚିବାକୁ ଲାଗିଲେ । ଅସୁରମାନେ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଧରି ବନ୍ଦୀକଲେ । ସେମାନେ ହେଲେ ଅସୁରମାନଙ୍କର କିଣା ଚାକର । କାଇଉମର୍‌ସଙ୍କ ଦୁଃଖର ସୀମା ରହିଲାନି । ସେ ତାଙ୍କ ପୁଅର ମରଣ ସମ୍ବାଦରେ କାନ୍ଦିଉଠିଲେ । ତାଙ୍କ ଲୋକଙ୍କ ଦୁର୍ଦ୍ଦଶାକଥା ଭାଳି ତାଙ୍କର ଦୁଃଖ ଆହୁରି ବଢ଼ିଗଲା ।

କାଇଉମରସ୍ ଗୋଟିଏ ଗୁମ୍ଫାରେ ଲୁଚିରହିଥାନ୍ତି । ସେ ଦୁଃଖରେ ଛଟପଟ ହେଉଥାନ୍ତି । ହଠାତ୍ ଗୋଟିଏ ଝଟକ ଆଲୁଅରେ ଗୁମ୍ଫାଟି ଝଲସି ଉଠିଲା । ସଙ୍ଗେ ସଙ୍ଗେ ଏକ କଣ୍ଠସ୍ୱର ତାଙ୍କ କାନରେ ବାଜିଲା; "କାଇଉମରସ, ଦୁଃଖ କରନି । ଦୁଃଖରବେଳ ଏ ନୁହେଁ । ତମେ କାହାର କୌଣସି କ୍ଷତି କରନି । ତମର ଯିଏ କ୍ଷତି କରିଚି ତା'ର କିଛି ଭଲହେବନି । ଏବେ ପାରସ୍ୟର ସବୁ ବୀରଙ୍କୁ ତମେ ଏକାଠି କର । ଶତ୍ରୁ ଯିଏ ତମ ଉପରେ ଚଢ଼ାଉ କରିଥିଲା, ତମେ ତା' ଉପରେ ଚଢ଼ାଉ କର । ତମେ ଯୁଦ୍ଧରେ ନିଶ୍ଚୟ ଜିତିବ । ଉଠ···କାଇଉମର୍‌ସ ଉଠ !!"

Digitized by srujanika@gmail.com

ଏକଥା ଶୁଣିବାକ୍ଷଣି କାଇଉମର୍ସଙ୍କ ଲୋମ ଟାଙ୍କୁରିଉଠିଲା । ସେ ତାଙ୍କ ନାତି ହୁସେଂଙ୍କୁ ଡାକି ଶୀଘ୍ର ସୈନ୍ୟମାନଙ୍କୁ ଠୂଳ କରିବାକୁ କହିଲେ । ବାପାଙ୍କ ମୃତ୍ୟୁରେ ହୁସେଂର ହାଡ଼ ଜଳୁଥାଏ । ଜେଜେଙ୍କ କଥା ଶୁଣି ସେ ବଳପାଇଲା । ସେ ଡେଇଁପଡ଼ିଲା ଆଗକୁ । ଡାକଦେଲା ପାରସ୍ୟର ସୈନ୍ୟ-ମାନଙ୍କୁ । ସେଥି ସହ ସେ ପଶୁ ଓ ପକ୍ଷୀମାନଙ୍କୁ ବି ଯୁଦ୍ଧକୁ ଡାକିଲା ।

ଅସୂରମାନଙ୍କ ସହ ଘମାଘୋଟ ଯୁଦ୍ଧ ହେଲା । ସେମାନେ ନିଆଁହୁଳା ଧରି ଲଢ଼େଇ କରୁଥାଆନ୍ତି । ଧୂଆଁରେ ଚାରିଆଡ଼ ପୂରିଯାଇଥାଏ । ପାରସ୍ୟର ଯୋଦ୍ଧାମାନେ ସାହସର ସହିତ ଲଢିଲେ । ପକ୍ଷୀମାନେ ଆକାଶରେ ଉଡ଼ି ଅସୂରମାନଙ୍କ ଉପରେ ଝାମ୍ପଦେଲେ । ସେମାନେ ଥଣ୍ଟ ଓ ନଖରେ ଅସୁର-ମାନଙ୍କ ମୁହଁରେ ସିଧା ଆକ୍ରମଣ କଲେ । ହୁସେଂ ନିଜେ ଅସୂର ରଜା ସହିତ ଲଢ଼ି ତାକୁ ମାରିଦେଲେ । ରଜାର ମୃତ୍ୟୁରେ ଅସୂରସେନାର ବଳ ଭାଙ୍ଗିଗଲା । ସେମାନେ ପଛଘୁଞ୍ଚା ଦେଲେ । ଥରେ ସେମିତି ପଛଘୁଞ୍ଚା ଦେଇଛନ୍ତି, ଦେଖ ମଜା ! ପାରସ୍ୟସେନା ସେମାନଙ୍କୁ ଗୋଡ଼ାଇ ହାଣିଲେ । ବାଘ, ସିଂହ, ଚିତା, ଭାଲୁ ଆଦି ସେମାନଙ୍କୁ ଗୋଡ଼ାଇନେଲେ । ଅସୁର-ମାନଙ୍କ ଗଳା ଚିରି ରକ୍ତ ପିଇଲେ । ଅସୂରସେନା ଛିନ୍ନଛତ୍ର ହେଲେ । ଅସୂରମାନେ ହତାହତ ହୋଇ ପ୍ରାଣବିକଳରେ ଯିଏ ଯୁଆଡ଼େ ପଳାଉଥାଆନ୍ତି, ପାରସ୍ୟସେନା ସେମାନଙ୍କୁ ଗୋଡ଼ାଉଥାଆନ୍ତି । ସେଥର ଅସୁରମାନେ ଚୂରିଚୂରି ହାରିଲେ । ପାରସ୍ୟ ଜିଣିଲା ।

ଫଳରେ ପାରସ୍ୟରେ ଆସିଲା ଶାନ୍ତି । ଦେଶ ଶତ୍ରୁହୀନ ହେବାରୁ ଦେଶରେ ସବୁଦିଗରେ ଉନ୍ନତିହେଲା । ଧନଧାନ୍ୟରେ ଦେଶ ଭରିଗଲା । ଲୋକେ ଗୀତ, ନୃତ୍ୟ, ସଙ୍ଗୀତର ଚର୍ଚ୍ଚା କଲେ । ପାରସ୍ୟ ଦେଶ ପାଖପଡ଼ଶା ଦେଶମାନଙ୍କ ଭିତରେ ସମ୍ମାନ ପାଇଲା । ଅସୂରମାନେ ତ ଆଉ ଉଠି-ପାରିଲେନି । ହୁସେଂକ ନାତିବେଳକୁ ସେମାନେ ପାରସ୍ୟ ଲୋକଙ୍କ କଣା ଚାକର ହୋଇଯାଇଥାନ୍ତି ।

ହୁସେଂକ ନାତିର ନାମ ଜେମ୍‌ଶେଦ୍ । ଜେମ୍‌ଶେଦ୍ ଖୁବ୍ ବଡ଼ ରଜା ଥିଲେ । ତାଙ୍କର ଗୁଣ, ଜ୍ଞାନ, ଶକ୍ତି ଖୁବ୍ ବେଶି ଥିଲା । ଚାରିଆଡ଼େ ତାଙ୍କର ଜୟଜୟକାର କରୁଥିଲେ । ଦେବତାମାନେ ତାଙ୍କ ଉପରେ ସନ୍ତୁଷ୍ଟ ଥିଲେ । ଦେଶରେ ନଥିଲା ରୋଗବୈରାଗ । ଲୋକ କଳିତକରାଳ କରୁନଥିଲେ ।

Digitized by srujanika@gmail.com

ଅସୁରମାନେ ତାଙ୍କର ସେବାରେ ଦିନରାତି ଲାଗିଥାଆନ୍ତି । କେତେ ବୋଇତ ତିଆରିହେଲା । କାସ୍ପିୟାନ୍ ସାଗରରେ ଅନେକ ପାରସିକ ବୋଇତ ଭାସିଲା । ଜେମ୍‌ଶେଦ୍‌ଙ୍କର ଗୋଟିଏ ବିଚିତ୍ର ସିଂହାସନ ଥାଏ । ସେ ଗୋଟେ ଉଡ଼ନ୍ତା ସିଂହାସନ । ସମ୍ରାଟ ତା' ଉପରେ ବସୁଥିଲେ ଆଉ କହୁଥିଲେ—ଚାଲ ଅମୁକ ଜାଗାକୁ—ସିଂହାସନ ସେ ଜାଗାକୁ ଉଡ଼ିଯାଉଥିଲା ।

ଜେମ୍‌ଶେଦ୍‌ଙ୍କ ପାଖରେ ଆଉ ଏକ ଅଦ୍ଭୁତ ଜିନିଷ ଥିଲା । ଏଇଟି ହେଲା ତାଙ୍କର ପିଆଲା । ଏ ପାତ୍ରଟି ସୂର୍ଯ୍ୟକିରଣପରି ଝଲସୁଥାଏ । କୌଣସି ଲୋକ ପାତ୍ରଟିକୁ ଅନେକ ସମୟ ଧରି ଅନାଇଁ ପାରୁନଥାଏ । ସେଥିସହ ଏହାର ଏମିତି ଗୁଣ ଥିଲା ଯେ, ସାରା ଦୁନିଆର ଛବି ଏଥିରେ ଫୁଟିଉଠୁଥିଲା । ସେ ଛବିକୁ ଦେଖି ଜେମ୍‌ଶେଦ ଆଗତ ଭବିଷ୍ୟ କଥା ଜାଣିପାରୁଥିଲେ । ଦୂର ଦେଶରେ କ'ଣ ଘଟିବ ଜାଣିପାରୁଥିଲେ ।

ଜେମ୍‌ଶେଦ୍‌ଙ୍କ ଉଆସ ଥିଲା ପଥରଇଟାର କୋଠାଘର । ରାଜଧାନୀର ମଝିରେ ଥାଏ ଉଆସଟି । ଝରକା କବାଟରେ ଅଦ୍ଭୁତ ମଣିମାଣିକ ଖଞ୍ଜା-ଯାଇଥାଏ । ସୂର୍ଯ୍ୟକିରଣରେ ଏଗୁଡ଼ିକ ନାନାପ୍ରକାର ଶୋଭା ଧାରଣ କରେ । ଉଆସ ଭିତରେ କେତେ ସାଜସଜ୍ଜା···କେତେ ଆଡ଼ମ୍ବର ! ଲମ୍ବା ଚଉଡ଼ା ବଡ଼ ବଡ଼ କୋଠରି ଭିତରେ ମଣିଷ ତିଆରି ଝରଣା । ଖୁମ୍ବଗୁଡ଼ିକ କେତେ ରଙ୍ଗର ରେଶମରେ ଆବୃତ ।

ଆଗରୁ ପାରସ୍ୟ ଅସୁରମାନଙ୍କ ଉତ୍ପାତ ଯୋଗୁଁ କଷ୍ଟପାଉଥିଲା । ଏବେ ସେସବୁ ନାହିଁ । ଏଇପରି ଙ୍କର୍ଦ୍ଧ ସାତ୍ୟଶହ ବର୍ଷ ଗଲା । ପାରସ୍ୟରେ ପୁଣି ଦୁଃଖ କଷ୍ଟ ଧାପଦେଲା । ଏଥରକ ଦୁଃଖ ପାଇଁ ଦାୟୀ ଥିଲେ ସମ୍ରାଟ ଜେମ୍‌ଶେଦ୍ ନିଜେ । ବହୁ ଆନନ୍ଦ, ଉତ୍ସବ, ବିଳାସବ୍ୟସନରେ ଚଳି ଜେମଶେଦ୍‌ଙ୍କ ମନରେ ଆସିଲା ଗର୍ବ । ସିଏ ନିଜକୁ କ'ଣ ନା କ'ଣ ଭାବିଲେ । ମଣିଷ ଜୀବନରେ ଗର୍ବ ଆସିଲେ ସବୁ ସରିଲା । ଗର୍ବ ଆସିଲେ ଆସେ ପତନ ।

ଜେମଶେଦ୍‌ଙ୍କ ଏହି କୁହୁକ ଉଆସ ଆଗରେ ଥାଏ ଗୋଟାଏ ବଡ଼ ଛକ । ସେ ତାଙ୍କ ରାଜ୍ୟର ସବୁ ଲୋକଙ୍କୁ ଥରେ ଡକାଇଲେ । ସେମାନେ ଏଇ ଛକରେ ଜମାହେବାକୁ ରାଜାଦେଶ ହେଲା । ଜେମଶେଦ୍‌ଙ୍କ ସେଇ କୁହୁକ ସିଂହାସନ ଉଆସରୁ ଆସିଲା । ତାହା ଛକର ଏକ ନିର୍ଦ୍ଦିଷ୍ଟ ଜାଗାରେ ରଖାଗଲା । ସୂର୍ଯ୍ୟ କିରଣରେ ସେ ସିଂହାସନର ବିଭିନ୍ନ ରତ୍ନ ଚକ୍‌ଚକେଇ ଉଠିଲା । ତା' ଉପରୁ

Digitized by srujanika@gmail.com

ଏପରି ଆଲୋକରେଖା ସବୁ ବାହାରିଆସିଲା ଯେ, ଲୋକେ ତା' ଆଡ଼କୁ ଆଦୌ ଚାହିଁପାରିଲେନି । ଏହି ସିଂହାସନ ପାଖରେ ଅସୁର ଅଙ୍ଗରକ୍ଷୀମାନେ ଠିଆହୋଇଥାନ୍ତି । ସେମାନଙ୍କ ମୁହଁ ଲାଲେଇ ମୁହଁ ପରି । ଏହି ସିଂହାସନଟିର ପଛରେ ଦେଖାଯାଉଥାଏ ଏଲବର୍ଜ ପାହାଡ଼ମାଳାର ବରଫଢାଙ୍କୁ ଚୂଳସବୁ । ଆଉ ଡେମାବେନ୍ଦ ଆଗ୍ନେୟଗିରିରୁ ଧୂଆଁ ବାହାରି ଆକାଶ ଛଲେ ଛାପି-ଯାଉଥାଏ । ରାଜାଙ୍କ ପଛପାଖରେ ଏ ଦୃଶ୍ୟ ଫିଟି ହଉଥାଏ ।

ରାଜା ଜାମଶେଦ୍ ସିଂହାସନଙ୍କ ସାମ୍ନାରେ ଆଉ ବଭିନ୍ନ ହଗରେ ଜମା-ହୋଇଥାନ୍ତି ସେନା, ସେନାପତି, ମନ୍ତ୍ରୀ, ନଗରପାଳ, ପାରିଷଦ । ସେମାନଙ୍କ ସହ ଜମିଥାଆନ୍ତି ପ୍ରଜାପାଳକ ସବୁ । ରାଜା ଜେମଶେଦ୍ ଆସିନଥାନ୍ତି । ଲୋକେ ଆକୁଳ ହେଉଥାଆନ୍ତି । ରାଜା ସେମାନଙ୍କୁ ଡାକଲେ କଅଁ ! ହୁଏତ ସେମିତି କିଛି ଗୋଟାଏ ଜରୁରି କଥା ଥିବ । ଶେଷରେ ବାଜଉଠିଲା ବଭିନ୍ନ ବାଦ୍ୟ । ଲୋକଙ୍କ ଭିତରେ ଏକ ଶିହରଣ ଖେଳିଗଲା । ଓ, ଆସୁଛନ୍ତି ରାଜାଧିରାଜ ଜେମଶେଦ୍ ! ରାଇଜର ସବୁଠୁ ବଡ଼ ବଡ଼ ବୀର, ଜ୍ଞାନୀ, ପଣ୍ଡିତଲୋକ ରାଜାଙ୍କ ସଙ୍ଗରେ ଅଛନ୍ତି । ରାଜା ବଜେକଲେ ସଭାକୁ । ଅଗଣିତ ଲୋକ ତାଙ୍କୁ ଚାହିଁ-ରହିଥାନ୍ତି । ସେ ଆସିବାବେଳରୁ ଲୋକେ ମାଟିରେ ଲମ୍ବ ହୋଇ ପଡ଼ି-ରହିଥାନ୍ତି । ସେମାନେ ତାଙ୍କୁ ସାଷ୍ଟାଙ୍ଗ ଦଣ୍ଡବତ ଜଣାଉଥିଲେ । ସେ ଯେ ଭଗବାନଙ୍କ ଅବତାର ! ସେ ଯେ ଦେବତାମାନଙ୍କ ସହିତ ସମାନ !

ଜେମଶେଦ୍ ଅନେକ ରେଶମ କୋଟ୍ ପିନ୍ଧିଥାଆନ୍ତି । ସବା ଉପରେ ଥାଏ ଗୋଟାଏ ଲୋମର କୋଟ୍ । ଜରିକାମକରା ତାଙ୍କର ପୋଷାକ । ସେ ପିନ୍ଧିଛନ୍ତି ଖାଣ୍ଟି ସୁନାର ଚପଲ । ମୁଣ୍ଡରେ ଗୋଟାଏ ମୂଲ୍ୟବାନ୍ ପଗଡ଼ି । ପଗଡ଼ିଟା ଖାଲି ରତ୍ନରେ ମଣ୍ଡିଣି ହୋଇଚି । ପଗଡ଼ିର ସାମ୍ନା ପାଖରେ ଜଳୁଚି ବିରାଟ ହୀରାଖଣ୍ଡ; ହଠାତ୍ ଦେଖିଲେ ମନେହେବ ପୂର୍ବଆକାଶର ତାରାମାନଙ୍କ ମଧ୍ୟରେ ଜଳୁଚି ପ୍ରଭାତ ତାରା । ଉପସ୍ଥିତ ଜନତା ଜେମଶେଦ୍‌ଙ୍କ ଜୟ-ଜୟକାର ଧ୍ୱନି କଲେ ।

ରାଜା ଜେମଶେଦ୍ ନୀରବ ହୋଇ ରହିଥାଆନ୍ତି । ସେ ତାଙ୍କର ରାଜଦଣ୍ଡ ଉଠାଇଲେ । ଲୋକଙ୍କୁ ନିର୍ଦ୍ଦେଶଦେଲେ ଉଠିବାକୁ, ଆଉ ନିର୍ଦ୍ଦେଶ ଦେଲେ ନୀରବ ହେବାକୁ । ଏତେଗୁଡ଼ାଏ ଲୋକ ଠିକ୍ ଯନ୍ତ୍ର ଉଠିଲା ପରି ଉଠିଲେ । ସମସ୍ତେ ସମ୍ପୂର୍ଣ୍ଣ ଚୁପ୍ । ଜେମଶେଦ୍‌ଙ୍କ ବୁକୁ ଗର୍ବରେ ଫୁଲିଉଠିଲା ।

Digitized by srujanika@gmail.com

ସେ କହିଲେ, "ହାଏ ଦୁନିଆର ସବୁଠୁ ବଡ଼ ମୁଲକର ମୋ'ର ପ୍ରିୟ ପ୍ରଜାଗଣ, ତମମାନଙ୍କ ଭକ୍ତିର ଅଭିବାଦନ ମୁଁ ଗ୍ରହଣ କରୁଚି । ଏଥିସହିତ ମୁଁ କହିବାକୁ ଚାହେଁ—ଏଇ ମୋର ବିରାଟ ରାଜ୍ୟ...ଏ ରାଜ୍ୟରେ ନାହିଁ ରୋଗ । ଏ ରାଜ୍ୟର ଲୋକେ ବୁଢ଼ାବୁଢ଼ୀ ହୁଅନ୍ତିନି । ମୃତ୍ୟୁ ଏ ରାଜ୍ୟକୁ ପଶିପାରେନି । ଦେଖ—ଦେଖ ଆମର ପଡ଼ଶା ମୁଲକକୁ ! ଆଃ, କି କଷ୍ଟରେ ସେ ଦେଶର ଲୋକେ ଚଳନ୍ତି ! ସେମାନଙ୍କ ଦୁଃଖର ସୀମା ନାହିଁ । ରୋଗ ସେଠି ବାରମାସ ବସା ବାନ୍ଧି ରହିଚି । ମରଣ ସେ ଦେଶରେ ନାଚୁଚି । ଘରେ ଘରେ ସେଠି ନିତି କାନ୍ଦବୋବାଳି ପଡ଼ୁଚି, ଅଥଚ ମୋ ରାଜ୍ୟରେ ଲୋକେ କାନ୍ଦିବା ଜାଣନ୍ତି ନାହିଁ । ଦୁଃଖ କଷ୍ଟ ସବୁ ଦୂର ହୋଇଯାଇଚି । କୁହ—କୁହ ମୋର ପ୍ରଜା-ମାନେ, କାହା ଯୋଗୁଁ ତମେ ସବୁ ଏତେ ସୁଖ, ଏତେ ସମ୍ପଦ, ଏତେ ଆନନ୍ଦ ପାଉଚ ?"

ରଜା ଜେମଶେଦ୍‌ଙ୍କର ପ୍ରତି କଥାରେ ଗର୍ବ, ଅହଙ୍କାର ଫୁଟି ଝଡ଼-ଯାଉଥାଏ । ତାଙ୍କର ଆଖି କୁମ୍ଭାରଚକ ପରି ବୁଲିଯାଉଥାଏ । ପୁ'ଆଗରୁ ଲୋକେ ସବୁ କଥାରେ ଦେବତାମାନଙ୍କ ନାମ ନେଉଥିଲେ । ଭଗବାନଙ୍କ କରୁଣାରେ ପାରସ୍ୟ ଏମିତି ସ୍ୱର୍ଗରାଜ୍ୟ ହୋଇଚି ବୋଲି ଭାବୁଥିଲେ । ରଜା ଜେମଶେଦ୍ ଏ ପ୍ରକାର କହିବା ସଙ୍ଗେ ସଙ୍ଗେ ସମସ୍ତେ ସମସ୍ୱରରେ କହି-ଉଠିଲେ, "ଧନ୍ୟ—ଧନ୍ୟ ଦେବତାଗଣ !"

ଲୋକମାନେ ଏକଥା କହିବା ସଙ୍ଗେ ସଙ୍ଗେ ଦେଖାଗଲା ଜେମଶେଦ୍‌ଙ୍କ ମୁହଁ କେମିତି ଅମ୍ବିଳା ହୋଇଯାଇଚି । ଲୋକେ କେହି ବୁଝିପାରିଲେନି । କହୋ, ସେମାନେ ସତକଥାଟା ତ କହିଛନ୍ତି, ରଜା ମୁହଁଟା ଏମିତି କରୁଛନ୍ତି କିଆଁ ? ସେମାନେ କେଉଁଠି ଭୁଲ କଲେ ? ଲୋକେ ଟିକେ କାବୁଛ ହୋଇଗଲେ । ରଜାଙ୍କ ଭ୍ରୂ ଏବେ କୁଞ୍ଚିତ ହୋଇଯାଉଚି । ରଜା ରାଗୁଛନ୍ତି ।

ପାଟିଟାଏ କରିଉଠିଲେ ଜେମ୍‌ଶେଦ—"ଆରେ ଆରେ ବୋକାଦଳ, ବୁଦ୍ଧିହୀନ ପଶୁଦଳ, କ'ଣ ସବୁ କହୁଲରେ ତମେମାନେ ? ତମର ଭାଗ୍ୟ ସହିତ ଦେବତାମାନଙ୍କର କି ସମ୍ପର୍କ ? ତମେଗୁଡ଼ା କୃତଘ୍ନ ! ଜାଣୁନ ସବୁ, ମୁଁ ତୁମ ଭାଗ୍ୟର କାରଣ । ମୁଁ ତଡ଼ିଚି ଏ ରାଜ୍ୟରୁ ରୋଗ, ଦୁଃଖ, ମୃତ୍ୟୁକୁ । ମୁଁ... ମୁଁ ଜେମ୍‌ଶେଦ୍ ! ତମର ମହାମହିମ ଦେବତାଠୁ ବଡ଼ ସମ୍ରାଟ ମୁଁ ! ଆରେ, ମୋରି ଯୋଗୁଁ ତମର ଏ ରୂପ, ଭେକ, ଶୋଭା ଶ୍ରୀ ! ଆରେ, ତମେ ସବୁ

Digitized by srujanika@gmail.com

ଭୁଲିଗଲ ଏତେ ବଡ଼ କଥା ! ତମେ ସବୁ ନିମକହାରାମ ! ମୋତେ ତୁମେ ଧନ୍ୟବାଦ ଦେବାକଥା, ମୋ'ଠାରେ କୃତଜ୍ଞ ରହିବା କଥା ।"

ପ୍ରଜାମାନେ ଏକଥା ଶୁଣି ତଟସ୍ଥ ହୋଇଗଲେ । ରାଜା ଏ କ'ଣ କହୁଛନ୍ତି ? ହେଲେ ସେ ଯୁଗର ପ୍ରଜା ତ ସେମାନେ, ରାଜା ଯାହା କହିଲେ ତା' ତୁଆଡ଼େ ଅଲଙ୍ଘ୍ୟ, ତା' ହୁଏ ବେଦର ଗାର । କଳାକୁଆ ସେଠି ହୁଏ ଧଳା···ଯଦି ରାଜା କହନ୍ତି । ସେମାନେ ବୁଝିଗଲେ ଜେମ୍‌ଶେଦ୍ କ'ଣ ଚାହାନ୍ତି । ସେମାନେ ଜେମ୍‌ଶେଦ୍‌ଙ୍କ ଆନନ୍ଦ ପାଇଁ ସବୁ କରିବାକୁ ତିଆର ଥିଲେ । ଗୋଟାଏ ସ୍ୱରରେ ସେମାନେ କହିଲେ, "ମହାରାଜ, ହେ ମହିମାମୟ ସମ୍ରାଟ, ଏ ସବୁର ଏକମାତ୍ର କାରଣ ଆପଣ ।"

ଆଉ ଠିକ୍ ଏଇ ସମୟରେ···ଏଇ ସମୟରେ ଏଲ୍‌ବର୍ଜ୍‌ର ବରଫ ସବୁ ହଠାତ୍ ତରଳିଗଲା । ଡେମାବନ୍ଦର ଗର୍ଭ କମ୍ପିଉଠିଲା । ହଠାତ୍ ତା'ର ସେଇ ପାଉଁଶିଆ ରଙ୍ଗର ଧୂଆଁଗୁଡ଼ାକ ନାଲି ଟକଟକ ହେଲା, ଆଉ ସେ ରଙ୍ଗରେ ଆକାଶରେ ସେ ଫାଳକ ନାଲି ଦେଖାଦେଲା । ତା'ପରେ ଭୟଙ୍କର କଳା ଧୂଆଁ ଦେଖାଗଲା । ସଙ୍ଗେ ସଙ୍ଗେ ପୃଥିବୀଫଟା ଗର୍ଜନ ଉପରେ ଗର୍ଜନ । ଡେମାବେଂଦ ବାନ୍ତିକଲା ତରଳ ନିଆଁ । ଅନେକଦୂର ଯାଏଁ ତରଳ ନିଆଁ ମାଡିଗଲା । ଲୋକେ ଚୁନିଆ ହୋଇପଡ଼ିଲେ । ଡରରେ ସେମାନଙ୍କ ପାଟିରୁ କଥା ବାହାରିଲାନି । ସେମାନେ ତାଙ୍କର ସେଇ ପ୍ରିୟ ରାଜାଙ୍କ ପାଖରେ ଶରଣ ପଶିଲେ । ଆକୁଳ କଣ୍ଠରେ ଡାକିଲେ—ରକ୍ଷା ହେ ମହାବାହୁ ! ରକ୍ଷା ହେ ଜେମଶେଦ୍ !

କିନ୍ତୁ ସେମାନେ କାହାକୁ ମହାବାହୁ ବୋଲି କହିଲେ ? କିଏ ରକ୍ଷିବ ସେମାନଙ୍କୁ ? ସେ କ'ଣ ନିଜ ରକ୍ଷଣେ ସମର୍ଥ ? ସେମାନଙ୍କ ଆଖି ଆଗରେ ଜେମ୍‌ଶେଦ୍‌ଙ୍କ ପୋଷାକର ସବୁ ରତ୍ନ କୁଆଡ଼େ ଉଭେଇଲା । ତାଙ୍କ ପୋଷାକ ଛିଣ୍ଡା ଲେଙ୍କୁଡ଼ିଆ ହୋଇଗଲା । ପୃଥିବୀର ସବୁଠୁ ଦରିଦ୍ରର ପୋଷାକ ଏବେ ଜେମ୍‌ଶେଦ୍‌ଙ୍କ ପୋଷାକଠୁଁ ବି ଭଲ । ଆଉ ତାଙ୍କର ପ୍ରାସାଦ—ସେ ମିଶିଗଲା ଧୂଳିରେ । ତାଙ୍କର ସେଇ ରତ୍ନସିଂହାସନ ସେ ବି ହୋଇଗଲା ଧୂଳି ।

ଲୋକଙ୍କ ପାଦତଳେ ଖେଳିବୁଲିଲେ ବିଷାକ୍ତ ସାପମାନେ । ଯେତେ ଜାତିର ବିଷାକ୍ତ ଜୀବସବୁ ଯୋଉଠି ଥିଲେ ସେସବୁଗୁଡ଼ା ଭେଳା ଭେଳା ହୋଇ ମାଟିରେ ବୁଲିଲେ । ଏଣେ ଆକାଶଟା ଘନ କଳାମେଘରେ ଭରିଗଲା ।

Digitized by srujanika@gmail.com

ମେଘରୁ ବର୍ଷାହେଲା ଅସରନ୍ତି କଙ୍କଡ଼ାବିଛା, ତେନ୍ତୁଳିଆ ବିଛା ଆଉ କେତେ ପ୍ରକାର ବିଷାକ୍ତ ଜୀବ । ଛୁଟିପିଟି ହୋଇ ଲୋକେ ପଳାଇଲେ । ସେମାନଙ୍କ ନଗରୀ ଆଜି ଖାଲି ସାପଭରା । ଏହା ଘଟିଲା କିପରି ? କାହା ଯୋଗୁଁ ? ଜାଣିପାରିଲେ ! ଏସବୁ ଘଟିଲା ଜେମ୍‌ଶେଦ୍‌ଙ୍କ ଗର୍ବଯୋଗୁଁ । ଦେବତାମାନେ ସବୁ ସହିବେ—ସହିବେନି ଗର୍ବ । ତେଣୁ ସେମାନେ ଜେମ୍‌ଶେଦ୍‌ଙ୍କୁ ଦଣ୍ଡଦେଲେ । ଦଣ୍ଡଦେଲେ ପାରସ୍ୟ ଲୋକଙ୍କୁ । ଲୋକେ ଜେମ୍‌ଶେଦ୍‌ଙ୍କୁ ମନେ ମନେ ଅଭିଶାପ ଦେଲେ । କ'ଣ କଲା ଏ ମତ୍ତଗର୍ବୀ ରାଜା ! ନିଜପାଇଁ, ଦେଶପାଇଁ, ଦେଶର ଅଗଣିତ ଲୋକଙ୍କ ପାଇଁ ଏ ଡାକିଆଣିଲା କେତେବଡ଼ ବିପଦ ! ଏଇଠୁ ସରିଲା ପାରସ୍ୟର ସୁନାର ଯୁଗ । ସାତଶହ ବର୍ଷର ସୁଖ ସମ୍ପଦ ମୁହୂର୍ତ୍ତକ ମଧ୍ୟରେ ଶେଷହୋଇଗଲା । ଲୋକେ ହାୟ ହାୟ କଲେ । କାନ୍ଦିଲେ ।

ଜେମ୍‌ଶେଦ୍‌ଙ୍କ ମନ ବି ଦୁଃଖ ଓ ଅନୁଶୋଚନାରେ ଭରିଗଲା । ଆଃ ! କ'ଣ ସେ ନକଲେ ? କି ଦରକାର ଥିଲା ପ୍ରଜାମାନଙ୍କୁ ଡାକିବା ? କି ଦରକାର ଥିଲା ତାଙ୍କର ଏଡ଼େ ବଡ଼େଇ କରିବା ? ସବୁ ଦୋଷ ତାଙ୍କର । ହେଲେ ଯା'ଗଲା ସେ ଗଲା । ବହିଗଲା ପାଣି ଆଉ ଲେଉଟେନି । ଏଲଗେ ମୁଣ୍ଡ ବାଡ଼େଇଲେ, କାନ୍ଦିଲେ କାଟିଲେ, ଯାହାକିଛି କଲେ କ'ଣ ହେବ ?

ପାରସ୍ୟରେ ଅସନ୍ତୋଷର ନିଆଁ ଜଳିଲା । ଲୋକେ ଜେମ୍‌ଶେଦଙ୍କୁ ଛିଛିକରିକଲେ । ତାଙ୍କୁ ଅଭିସମ୍ପାତ ଦେଲେ । ଗାଳିଦେଲେ, ଖୋଲାଖୋଲି ତାଙ୍କ ବିରୁଦ୍ଧରେ ବିଦ୍ରୋହ କଲେ । ଆଉ ବଡ଼ ବଡ଼ ବୀରମାନେ ତାଙ୍କୁ ଛାଡ଼ି ଜୋହକ ବୋଲି ଆରବଦେଶର ଜଣେ ରାଜାଙ୍କ ପାଖକୁ ଦଉଡ଼ିଲେ । ଜୋହକ ଦୁଷ୍ଟଙ୍କ ଚୂଡ଼ାମଣି । ସେ ସୈତାନ୍ ଇବ୍‌ଲିସ୍ ଦେବତାଙ୍କର ଭକ୍ତ । ଜୋହକ ଦେଖିଲେ ଇଏ ଗୋଟେ ସୁଯୋଗ ଆସିଛି । ତାଙ୍କ ମୁଲକଠୁଁ ପାରସ୍ୟ ଢେର୍ ବଡ଼ । ପାରସ୍ୟରେ ଢେର୍ ଢେର୍ ଧନରତ୍ନ ଅଛି । ପାରସ୍ୟ ରାଜାଙ୍କ ଗର୍ବ ଯାଇଛି । ତାଙ୍କ ସେନା ସେନାପତି ତାଙ୍କୁ ପସନ୍ଦ କରୁନାହାନ୍ତି । ସେ ଭାବିଲେ ପାରସ୍ୟ ଉପରେ ଚଢ଼ାଉ କରିବେ । ଯୋଜନା ଚାଲିଲା । ସୈନ୍ୟଦଳ ତିଆରିକରି ସେ ପାରସ୍ୟ ଆକ୍ରମଣ କଲେ ।

ଯୁଦ୍ଧ ଡାକରା ଦେଇ ଆରବସେନା ମାଡ଼ିଆସିଲେ । ଜେମ୍‌ଶେଦ ଡାକଦେଲେ—ଆସରେ ସେନାଦଳ, ଆରବମାନଙ୍କୁ ଧ୍ୱଂସ କର । ନିଜେ ସେ ପାରସ୍ୟର ସବୁଠୁ ଭଲ ଘୋଡ଼ାରେ ଚଢ଼ିଥାଆନ୍ତି । ଦୁଧପରି ଧଳା ଏ

Digitized by srujanika@gmail.com

ଘୋଡ଼ାର ଅତି ଅଦ୍ଭୁତ ଶକ୍ତି । ବିଜୁଳିପରି ତା'ର ଗତି । ଆଖିର ପଲକରେ କୁଆଡ଼େନାହିଁ କୁଆଡ଼େ ସେ ଉଡ଼ିଯାଇପାରେ ।

ପାରସ୍ୟର ଆଉ ସୈନ୍ୟମାନଙ୍କର ଲଢ଼ିବାକୁ ଆଉ ଆଗ୍ରହ ନାହିଁ । ସେମାନେ ଖୁବ୍ ପାଳଟିଗଲେ । ଏଇ କାଲି ଜେମ୍‌ଶେଦଙ୍କୁ ପାଇ ଏମାନେ କେତେ ଖୁସି ହେଉନଥିଲେ, କେତେ ଗର୍ବ କରୁନଥିଲେ ! ଆଜି ସେସବୁ କିଛିନାହିଁ । ସେମାନେ ଲଢ଼ିବାକୁ ଖୋଲଖୋଲ ଭାବେ ମନାକଲେ । ରାଜା ଜେମ୍‌ଶେଦ ମଲେ କି ଗଲେ କ'ଣ ଯିବ ସେମାନଙ୍କର ! କିଏ ଗୋଟାଏ ରାଜା ହେବ ତ ହେଉ । ଜେମ୍‌ଶେଦଙ୍କ ଯୋଗୁଁ ତ ଏତେ ହୀନ ଅବସ୍ଥା । ଜେମ୍‌ଶେଦଙ୍କ ପତନ ହେଉ । ଏଇ ଭାବନାରେ ପାରସ୍ୟ ସେନା ଯୁଦ୍ଧ କଲାନାହିଁ । ହାତରେ ବିରାଟ ଗଦା ବୁଲାଇ ବୁଲାଇ ଘୋଡ଼ା ଉପରେ ଧାଇଁ ଧାଇଁ ଜେମ୍‌ଶେଦ ଡାକୁଥିଲେ, "ଆସରେ ବୀରମାନେ, ଆସ ଆରବମାନଙ୍କ ମୁକାବିଲା କର !" କେହି ଟସ୍‌କିଲେନି । ଜେମ୍‌ଶଦ ରାଗରେ ଫାଟିଗଲେ— ଆରେ ବିଶ୍ୱାସଘାତକ ଦଳ, ତମ ସମସ୍ତଙ୍କୁ ମୁଁ ଫାଶୀଦେବି । ତମମାନଙ୍କୁ ମୁଁ ଗଦାରେ ପ୍ରହାରକରି ନାଶକରିବି ।

ତେବେ ବି ସେନାପତି ଅଟଳ । ସେମାନେ ଜାଣନ୍ତି, ଜେମ୍‌ଶେଦ୍ ଯେତେ ବଳୁଆ ହେଲେ ବି ମାତ୍ର ଜଣେ । ସେମାନେ ଅନେକ···ଅନେକ । ଜେମ୍‌ଶେଦ୍ ଏମିତି ଗର୍ଜି ଗର୍ଜି ଭୂନିରହିବେ । ସେମାନଙ୍କ ଯୋଗୁଁ ଜେମ୍‌ଶେଦ୍‌ଙ୍କ ଗର୍ବ । ଆଜି ସେ ଗର୍ବ ନାହିଁ । ସେ ଗର୍ବ ଭାଙ୍ଗିଛି । ଭାଙ୍ଗିବା ଦରକାର । ଜେମ୍‌ଶେଦ୍‌ଙ୍କ ଚେତା ଆସିଲା । ଏ କ'ଣ ହେଲା ? ଏଇମାନଙ୍କୁ ନେଇ ସିନା ସେ ଲଢ଼ି- ଥାଆନ୍ତେ—ସେମାନେ ଯେ ବିଦ୍ରୋହୀ ! ସେମାନେ ତାଙ୍କୁ ମାନୁନାହାନ୍ତି । ତା'ହେଲେ···ଉପାୟ ? ସେ ଆରବମାନଙ୍କ ହାତରେ ବନ୍ଦୀ ହେବେ । ସେପରି ବନ୍ଦୀ ହୋଇ ରହିବାଠୁଁ ଅଧିକ ଅପମାନର କଥା ଆଉ କ'ଣ ହୋଇପାରେ ?

ମାଡ଼ିଆସୁଛନ୍ତି ଆରବ ସେନାଦଳ । ଜେମ୍‌ଶେଦ୍ ଶୀଘ୍ର କିଛି ଗୋଟେ ବୁଦ୍ଧି କରିବେ । ସେ ନିଜେ ବଞ୍ଚିବା ଉଚିତ । ଜେମ୍‌ଶେଦ୍ ଆଉ କ୍ଷଣେ ବି ବିଳମ୍ବ କଲେନି । ବିଜୁଳି ବେଗରେ ଘୋଡ଼ାଟିକୁ ଚଳାଇଦେଲେ । ଆରବର ସବୁଠୁ କ୍ଷିପ୍ର ଘୋଡ଼ାଚଢ଼ାଳିମାନେ ତାଙ୍କ ପଛରେ ଗୋଡ଼ାଇ- ଗଲେ, ହେଲେ କେହି ତାଙ୍କର ପିଛା କରିପାରିଲେନି । ଦୂର ଦିଗନ୍ତରେ

Digitized by srujanika@gmail.com

ଧୂଳିର ପଟଳ ମଧ୍ୟରେ ଲୁଚିଗଲେ ଜେମ୍‌ଶେଦ୍‌ ।

ହେଲେ ଜେମ୍‌ଶେଦ୍‌ ଯିବେ କୁଆଡ଼େ ? ଚୁରିଆଡ଼େ ତ ତାଙ୍କର ଶତ୍ରୁ । ଯେକୌଣସି ମୁହୂର୍ତ୍ତରେ ଶତ୍ରୁର ତଲୁଆର ତାଙ୍କ ଦେହରୁ ମୁଣ୍ଡଟାକୁ ଅଲଗା କରିଦେଇପାରେ । ସେ ଅବସ୍ଥାରେ ତାଙ୍କର ଶାନ୍ତି ନଥାଏ । ନଥାଏ ଆନନ୍ଦ । ସେ ଖାଲି କନକନ ହେଉଥାନ୍ତି । କୋଉଠି ମୁହୂର୍ତ୍ତେ ବି ରହୁନଥାନ୍ତି, ସବୁବେଳେ ବୁଲୁଥାନ୍ତି । କାଳେ କିଏ ଜାଣିଗଲା କି ! କିଏ ଧରିପକାଇଲା ପରା ! ଏଇ ସନ୍ଦେହ ତାଙ୍କ ମନକୁ ଆବୋରି ରଖିଥାଏ । ସେ ଆଉ ସ୍ଥିର ହେବେ କପରି ? ବାବନାଭୂତ ପରି ସେ ଖାଲି ବୁଲୁଥାଆନ୍ତି । ଆରବ ସୈନ୍ୟଦଳ ବନଗାଡ଼ ଖୋଜୁଛନ୍ତି, ପାଇଲେ ରକ୍ଷାରକ୍ଷଣ ନାହିଁ । ଦକ୍ଷିଣରେ ପାରସ୍ୟ ସାଗର । ସେଠି ଭରିଛନ୍ତି କୁମ୍ଭୀର, ମଗର, ହାଙ୍ଗର । ସେସବୁ ମଣିଷକୁ ପାଇଲେ ବେଶ୍ ମିଠା ଖାଇଲାପରି ଆନନ୍ଦରେ ପାକୁଳି କରିଦେବେ ।

ଉତ୍ତରରେ ବିରାଟ ଏଲବର୍ଜ । ମାଜାନଡେରାନର ଉର୍ବର ଉପତ୍ୟକା ସେଠି ଅଛି । ଇଏ ତ ଅସୁରମାନଙ୍କ ମୁଲକ । ତାଙ୍କର ଜେଜେ ହୁସେଂ ଅସୁରମାନଙ୍କୁ ସାତ ହାନସ୍ତା କଲେ । ଶେଷରେ କଣାଗୁଳର କଲେ । ଅସୁରମାନେ ପୁରୁଷ ପୁରୁଷ ଧରି ପାରସ୍ୟ ଲୋକଙ୍କର ସେବା କରିଛନ୍ତି । ତେଣୁ ସେମାନେ ରାଗରେ ଫୁଟୁଛନ୍ତି । ପଳାତକ ଜେମ୍‌ଶେଦ୍‌ଙ୍କୁ ପାଇଲେ ସେମାନେ କ'ଣ ଜୀବନରେ ଛାଡ଼ିଦେବେ ! ତେଣୁ ସେ ଦିଗକୁ ସେ ଯାଇ-ପାରିବେନି । ଓହୋ, କପାଳ ତାଙ୍କର କେଡ଼େ ମନ୍ଦ ? ତାଙ୍କପାଇଁ ଏତେ ବଡ଼ ପୃଥିବୀର କୋଉ କୋଣରେ ବି ଜାଗା ନାହିଁ । ଜେମଶେଦ୍‌ ଚିନ୍ତାରେ ଭାଙ୍ଗିଗଲେ । ନା, ନା, ତାଙ୍କପାଇଁ ଏବେ ବି ଟିକେ ଦୟାଅଛି ଭାଗ୍ୟର । ସେ ଯିବେ ପୂର୍ବ ଦିଗକୁ । ଯିବେ ଭାରତବର୍ଷକୁ । ସେଠି ସେ ଜଣେ ବଳୁଆ ରାଜାଙ୍କ ସେନାଦଳରେ ମିଶିଯିବେ । ସେଠି କାମ କରିବେ । ସେ ରାଜାଙ୍କ ମନ ନେବେ, ତା'ପରେ ଭାରତବର୍ଷର ସୈନ୍ୟମାନଙ୍କୁ ନେଇ ପାରସ୍ୟ ଉପରେ ଧସାଇପଡ଼ିବେ । ହୁଏତ ଏମିତିରେ ତାଙ୍କ କପାଳ ଖୋଲିଯାଇ-ପାରେ । ସେ ଫେରିପାଇପାରନ୍ତି ତାଙ୍କର ରାଜ୍ୟ ।

ଜେମ୍‌ଶେଦ୍ ତାଙ୍କର ଧଳାଘୋଡ଼ାକୁ ଛୁଟାଇଦେଲେ ସେଇ ପୂର୍ବଦିଗକୁ । ଓହୋ, କେତେ ରାସ୍ତା ! କେତେ କେତେ ଜଙ୍ଗଲ ! କେତେ ପାହାଡ଼ ପର୍ବତ । ପୁଣି କେତେ ନପାଣିଆ ମରୁଭୂମି । ଜେମ୍‌ଶେଦ୍‌ କି ତାଙ୍କ ଘୋଡ଼ା ଦିନ ଦିନ

Digitized by srujanika@gmail.com

ଧରି କିଛି ଖାଇନାହାନ୍ତି, ପିଇନାହାନ୍ତି ପାଣି, ଚାଲିଛନ୍ତି—ସତେ ଯେମିତି ଚାଲିବା ଛଡ଼ା ସେମାନେ ଆଉ କିଛି ଜାଣନ୍ତିନି । ଆଗରେ ଗୋଟାଏ ଲମ୍ବା ନିପାଣିଆ ମରୁଭୂମି । ଜେମ୍‌ଶେଦ୍‌ ତାଙ୍କ ଚମଡ଼ା ମୁଣାରେ ଯାହା ପାଣି ଆଣିଥିଲେ, ଅନେକ ଦିନରୁ ସେତକ ସରିଗଲାଣି । ପାଖଆଖରେ ପାଣି ନାହିଁ । ଲୋକଙ୍କଠାରୁ ଯାହା ସେ ଶୁଣିଥିଲେ ପାଣି ମିଳିବ ଆହୁରି ଅନେକ ଦୂରରେ ।

ଦିନବେଳା ଟାଣୁଆ ଖରା, ଆଉ ରାତି ତ ହିମକାକର । ଜେମ୍‌ଶେଦ୍‌ଙ୍କ ଦେହର ବଳ ଛୀଣହେଉଛି । ପଶୁଟିର ବଳ ସରିଆସୁଛି । ଜେମ୍‌ଶେଦ୍‌ ଜାଣିପାରିଲେ ଘୋଡ଼ାଟି ଦେହରେ ଟିକେ ବି ବଳନାହିଁ । ସିଏ ତାଙ୍କୁ ବୋହି-ପାରୁନି । ହୁଏତ କୌଣସି ମୁହୂର୍ତ୍ତରେ ଖସିପଡ଼ିବ । ସେ ଓହ୍ଲାଇପଡ଼ିଲେ । ନିଜେ ବଡ଼ କଷ୍ଟରେ ଗ୍ଡେଟେଇ ଗ୍ଡେଟେଇ ଚାଲିଲେ । ତାଙ୍କର ବିଶ୍ୱାସୀ ଘୋଡ଼ାଟି ପଡ଼ି ଉଠି ତାଙ୍କୁ ଅନୁସରଣ କରୁଥାଏ ।

ଶୋଷରେ କଣ୍ଠ ଫାଟୁଛି । ଓଠ ଶୁଖିଲା । ଅଧା ସଚେତନ, ଅଧା ଅଚେତନ । ଏଇ ଅବସ୍ଥାରେ ସେ ଦୁହେଁ ଆଉ ଦୁଇଦିନ ଚାଲିଲେ । ତୃତୀୟ ଦିନ ଘୋଡ଼ାଟି ବାଲିରେ ପଡ଼ିରହିଲା । ବହୁ ଚେଷ୍ଟାକରି ବି ଉଠିପାରିଲାନି । ଜେମ୍‌ଶେଦ୍‌ ଉଠାଇବାକୁ ଚେଷ୍ଟା କଲେ—ସବୁ ବିଫଳ ହୋଇଗଲା । ଘୋଡ଼ାଟିକି ସେଇଠି ଛାଡ଼ିଦେଇ ଜେମ୍‌ଶେଦ୍‌ ଆଗକୁ ପାଦ ବଢ଼ାଇଲେ । ସେ ପ୍ରାୟ ପାଗଳ ହୋଇଗଲେଣି । ସେ କୁଆଡ଼େ ଯାଉଛନ୍ତି ଜାଣିପାରୁ-ନାହାନ୍ତି । ହଠାତ୍ କେତୋଟି ବୁଦାଗଛ ଦେଖାଗଲା । ତାଙ୍କର ଆଖିରେ ଆଲୁଅ ଖିଏ ଖେଳିଗଲା । ଏଇଠ କ'ଣ ମାଟି ଦବିଯାଇଛି ! ତେବେ ତାଙ୍କର ଆଶା ପୂରିବ । ଜେମ୍‌ଶେଦ୍ ସେଇ ଦବିଯାଇଥିବା ଜାଗାରେ ପହଞ୍ଚିଗଲେ । ଟିକେ ଓଦାଳିଆ ଲାଗୁଛି । ସେ ବାଲି ଗାଡ଼ିଲେ—ଓଦାଳିଆ ଲାଗୁଛି । ଖୋଳିଲେ...ଖୋଳିଲେ—ଆହୁରି ଖୋଳିଲେ...ନିଜର ଚାରିପାଖେ ସେ ବାଲି ଜମା-କରିଦେଲେ । ସୂତାଖିଅ ପରି ସରୁଗାରଟିଏ ପାଣି ଝିଲ୍‌ମିଲ୍ କଲା । ସେ ଆଉ ଟିକେ ଖୋଳିଦେଲେ । ପାଣିଧାର ବହିଆସିଲା । ପେଟଭରି ପାଣି ପିଇଲେ ଜେମ୍‌ଶେଦ୍‌ । ଓଃ, ଏଥିପାଇଁ ଜଳକୁ ଜୀବନ କହନ୍ତି । କପାଳ ତାଙ୍କୁ ଆଜ ଏଠିକି ସିନା କଢ଼ାଇ ଆଣିଲା, ନହେଲେ ଏତେବେଳକୁ ହୁଏତ ସିଏ ଆଉ ନଥାନ୍ତେ ।

ନିଜେ ସାବ୍ଧାନ ହେବା ପରେ ପରେ ବିଚରା ଘୋଡ଼ାଟିର କଥା ତାଙ୍କୁ

Digitized by srujanika@gmail.com

ବଡଳତ କରିପକାଇଲା । ସେ ଭାବିଲେ, ସେ କ'ଣ ବଞ୍ଚିଥିବ ! ବଞ୍ଚିଥାଉ ବା ମରିଥାଉ, ତା' ଲାଗି ଜୀବନ ରକ୍ଷାକାରୀ ଜଳ କେଇଟୋପା ନେଇଯାଏ ତ ! ତା'ପରେ ତାଙ୍କର ଟୋପିକି ସେ ପାଣିରେ ଭରିଦେଲେ । ବେଗେ ବେଗେ ପାଦଚାଳ ଫେରିଆସିଲେ ସେଇ ଧଳାଘୋଡ଼ାଟି ପାଖକୁ । ଘୋଡ଼ାଟି ଚାରି-କାତ ମେଲାଇ ପଡ଼ିଯାଇଥାଏ । ତା' ପିଣ୍ଡରେ ପ୍ରାଣ ନଥିଲା ପରି ମନେ-ହେଉଥାଏ । ଜେମ୍‌ଶେଦ୍ ତା' ମୁହଁ ପାଖରେ ବସିଲେ । ଘୋଡ଼ାର ପାଟି ଖୋଲିଲେ । ତା' ଗଳାରେ ସେ ଟୋପା ଟୋପା ପାଣି ଢାଳିଲେ । ଘୋଡ଼ାଟି ଧୀରେ ଧୀରେ ତା' ଆଖି ଖୋଲିଲା । ଆଉ ସବୁ ପାଣିତକ ବଡ଼ ବ୍ୟାକୁଳରେ ପିଇଗଲା । ତା'ପରେ ସେ ଠିଆହେଲା । ଚାଲିଲା ।

ଘୋଡ଼ା ଆଉ ଜେମ୍‌ଶେଦ୍ ଉଭୟେ ଅବିକା ନୂଆଜୀବନ ପାଇଲେ । ସେମାନେ ପୂର୍ବ ଆଡ଼କୁ ମୁହଁ କରି ଆଗେଇଲେ । ଦିନ ପରେ ଦିନ, ସପ୍ତାହ ପରେ ସପ୍ତାହ ବିତିଗଲା । ଜେମ୍‌ଶେଦ୍‌ଙ୍କ ପଛରେ ପାରସ୍ୟ ପଡ଼ିରହିଥାଏ ।

ବାଟ ଅସରା ହେଇ ହେଇ କେତେଦିନ ଆଉ ରହନ୍ତା । ଯେତେ ଲମ୍ବା ରାସ୍ତା ହେଲେ ବି ଦିନେ ତ ସରିବ ! ଜେମ୍‌ଶେଦ୍‌ଙ୍କ ଜୀବନରେ ସେଇ କଥା ଘଟିଲା । ସେ ଗୋଟିଏ ମୁଲକରେ ପହଞ୍ଚିଲେ । ଏ ମୁଲକର ନାଁ ଥିଲା ଜାବୁଲସ୍ଥାନ୍ । ଅନେକଦିନ ଧରି ଏ ମୁଲକରେ ସେ ବୁଲୁଛନ୍ତି···ରାଜାଧି-ରାଜ ଭାବେ ନୁହେଁ···ପ୍ରାଣପ୍ରାର୍ଥୀ ଭିକାରି ଭାବରେ ।

ସେତେବେଳେ ଜାବୁଲସ୍ଥାନ୍‌ରେ ରାଜୁତି କରୁଥିଲେ ଗୁରେଙ୍ଗ ନାମରେ ଜଣେ ରାଜା । ତାଙ୍କର ଗୋଟିଏ ଅପୂର୍ବ ସୁନ୍ଦରୀ ଜେମା । ଜେମାର ନାଁ ଫେରୁଜ୍ । ଫେରୁଜ୍ ଏଡ଼େ ସୁନ୍ଦରୀ ଯେ, କବିମାନେ ବି ତା' ରୂପମାଧୁରୀ ବର୍ଣ୍ଣନା କରିପାରୁନଥିଲେ । ତାକୁ ପାଇବାଲାଗି ଅନେକ ରାଜକୁମାର ଝାକେ-ବସିଥିଲେ । ଅନେକ ଦେଶରୁ ପ୍ରସ୍ତାବ ସବୁ ଆସିଲା, ମାତ୍ର ରାଜକୁମାରୀର ମନରେ କୌଣସି ଏକ ନିର୍ଦ୍ଦିଷ୍ଟ ଭାବନା ଥାଏ । ସେଥିପାଇଁ ସେ ଏସବୁ ପ୍ରସ୍ତାବକୁ ଗ୍ରହଣ କରିପାରିଲେନି । ଗୁରେଙ୍ଗ ଝିଅକୁ ଖୁବ୍ ଭଲପାଉଥିଲେ । ସେ ତା ମନରେ ଟିକେହେଲେ ଦୁଃଖ ଦେବାକୁ ଚାହୁଁନଥିଲେ । ତେଣୁ ସେ କହୁଥିଲେ, "ଝିଅ ଯାହାକୁ ବାଛିବ, ଯେଉଁଦିନ ବାଛିବ, ସେଇଦିନ ତା' ସହିତ ବିବାହ ହେବ । ଝିଅର ଇଚ୍ଛା ବିରୁଦ୍ଧରେ ସିଏ କିଛି କରିବେନି ।"

ଆଉ ଫେରୁଜ୍ କାହାକୁ ବାହାହେବାକୁ ଚାହୁଁଥିଲା ? ସେ ଚାହୁଁଥିଲା

Digitized by srujanika@gmail.com

ପାରସ୍ୟର ସେଇ ସମ୍ରାଟ ଜେମ୍‌ଶେଦ୍‌ଙ୍କୁ । ଜେମ୍‌ଶେଦ୍ ଦେବତାମାନଙ୍କ ପ୍ରିୟ ବରପୁତ୍ର ! ଜେମ୍‌ଶେଦ୍ ଗୁଣୀ, ଜ୍ଞାନୀ, ସୁନ୍ଦର ! ଯଶ ତାଙ୍କର ଚାରିଆଡ଼େ ପ୍ରସରି ଯାଇଛି । ରାଜା ଝିଅ ସେଇ ଜେମ୍‌ଶେଦ୍‌ଙ୍କୁ ମନେ ମନେ ନିଜର ସ୍ୱାମୀ ବୋଲି ଭାବିନେଇଛି ।

ଫେରୁଜ୍ ପାଖରେ ଧାଈଟିଏ ଥାଏ । ଧାଈଟିର ଘର କାବୁଲ୍‌ରେ । ସେ ବହୁତ ଗୁଣିଗାରେଡ଼ି, ଭବିଷ୍ୟତ କଥା ଜାଣେ । ମନ୍ତ୍ର ବଳରେ ଦୂରରେ କ'ଣ ହେଉଛି, ଏପରିକି ଗ୍ରହ ନକ୍ଷତ୍ର କଥା ବି ସେ କହିପାରୁଥିଲି । ସେ ଫେରୁଜ୍‌କୁ କହିଥିଲି ଯେ ସେ ନିଶ୍ଚୟ ଜେମ୍‌ଶେଦ୍‌ଙ୍କୁ ବାହାହେବ । ଏଇ କାରଣରୁ···ଏଇ ଆଶାଯୋଗୁଁ ଫେରୁଜ୍ ଆଉ ସବୁ ପ୍ରସ୍ତାବ ଭାଙ୍ଗିଦେଉଥାଏ ।

ରାଜା ଗୁରେଙ୍ଗ ବି ଧାଈର ଭବିଷ୍ୟତ କଥା କହିବାକୁ ବିଶ୍ୱାସ କରୁଥିଲେ । ତାଙ୍କ ଝିଅଟି ଜେମ୍‌ଶେଦ୍‌ଙ୍କୁ ବାହାହେବ ବୋଲି ଭାବିବାରେ ତାଙ୍କର କିଛି ଭୁଲ ନଥିଲି । ଗୁରେଙ୍ଗ ତାଙ୍କ ପାଖ ପଡ଼ଶା ରାଜ୍ୟର ରାଜାମାନଙ୍କର କ'ଣ ଘଟୁଛି, ସେ ସବୁ ଖବର ରଖନ୍ତି । ସେଇପରି ସୂତ୍ରରୁ ସେ ମହାରାଜା ଜେମ୍‌ଶେଦ୍ ଯୁଦ୍ଧରେ ହାରି ପଳାଇଯିବା, ଆଉ ଜୋହକ ରାଜ୍ୟରେ ରାଜା-ହେବା କଥା ଜାଣିପାରିଲେ । ଯୋଉ ଜେମ୍‌ଶେଦ୍‌ଙ୍କ ଖବର ଅନ୍ତରେ କିଛି ମିଳୁନି, ତାଙ୍କୁ ରାଜକୁମାରୀ ଫେରୁଜ୍ ବାହାହେବ କେମିତି ? ଇଏ ତ ଗୋଟାଏ ଅସମ୍ଭବ କଥା ! ରାଜା ଗୁରେଙ୍ଗ ଧାଈର କଥାସବୁ ମନେ ମନେ ତଉଲୁଥିଲେ । ତା' ପ୍ରତି ତାଙ୍କର ସନ୍ଦେହ ବଢ଼ୁଥିଲି—ଧାଈର କଥା ଏଇଠି ଭୁଲ୍ ହୋଇଯାଇପାରେ ।

ଜେମ୍‌ଶେଦ କାବୁଲ୍ ନଗରୀରେ ପହଞ୍ଚିଲାବେଳକୁ ମେ ମାସ ହୋଇଯାଇ-ଥାଏ । ବାଗବଗିଚାରେ ଗୋଲାପଫୁଲ ଫୁଟି ଚାରିଆଡ଼ ମହ ମହ ବାସୁଥାଏ । ଖରା ଟାଣ ନୁହେଁ । ବେଶ୍ ମଧୁର ଏ ଋତୁ । ସହର ବାହାରେ ଗୋଟିଏ ଚମତ୍କାର ବଗିଚା । ବଗିଚା ଚାରିପଟେ ଉଚା ପାଚେରି । ସେ ବଗିଚାଟି ଫୁଲ ଫଳରେ ସଦା ଭରପୂର । ଜେମ୍‌ଶେଦ୍ ତା' ଭିତରକୁ ଯିବାକୁ ବସିଲେ । ଫାଟକ ସାମ୍ନାରେ ଠିଆହୋଇଥିବା ଜଗୁଆଳ ହାତ ବଢ଼େଇ ତାଙ୍କୁ ରୋକିନେଲା । ଜେମ୍‌ଶେଦ୍ ନଛାଡ଼ିବାର କାରଣ ପଚାରିବାରୁ ଜଗୁଆଳ କହିଲା—ଅବିକା ପରା ରାଜକୁମାରୀ ତାଙ୍କ ସଖୀ ସହଚରୀମାନଙ୍କ ସାଙ୍ଗରେ ଏ ବଗିଚାରେ ବୁଲୁଚନ୍ତି !

Digitized by srujanika@gmail.com

ଜେମ୍‌ଶେଦ୍‌ ବହୁତ ଥକ୍‌କା ହୋଇଯାଇଥିଲେ । ସେ ଆଉ ଅପେକ୍ଷା କରିପାରିଲେନି । ପାଖର ଗୋଟାଏ ଗଛ ତଳେ ବସିଗଲେ । ଏ ସମୟରେ ଜେମାଙ୍କର ସହଚରୀଟିଏ କୋଉ କାମରେ ବାହାରକୁ ଆସିଲା । ତା' ଆଖି ପଡ଼ିଲା ଜେମ୍‌ଶେଦଙ୍କ ଉପରେ ଏବଂ ବିପଦ ଆପଦ ଭିତରେ ବାଟ ଚାଲି, କଷ୍ଟ ସହି ସହି ଜେମ୍‌ଶେଦ୍‌ କ'ଣ ନା କ'ଣ ହୋଇଯାଇଥିଲେ । ମଇଳିଆ ମସିଆ ପୋଷାକ ତାଙ୍କର । ତଥାପି ବି ରାଜପୁରୁଷର ତେଜ ତାଙ୍କର ଜଳ-ଉଠୁଥାଏ । ସହଚରୀଟି କ'ଣ ଭାବିଲା କେଜାଣି, ସେ ଯାଇ ତାଙ୍କ ପାଖରେ ପହଞ୍ଚି ପଚାରିଲା, "ତୁମେ କିଏ ? ମନେହେଉଛି ଏ ସହରରେ ତୁମେ ଜଣେ ନୂଆ ଲୋକ !"

ଜେମ୍‌ଶେଦ୍‌ କହିଲେ, "ଠିକ୍‌ କହିଛ । ମୁଁ ଏଠି ଏଇ ପହଞ୍ଚିଛି । ବଡ଼ କ୍ଳାନ୍ତ ମୁଁ । ଦେହ ହାତ ମୋର କଷ୍ଟରେ ଫାଟିଯାଉଛି । ଖାଦ୍ୟପାଣିପୁ କିଣିବା ଲାଗି ପଇସା ନାହିଁ । କିଛି ପଇସା ଦେବକି ?" ସେ ସହଚରୀଟି କହିଲା, "କୋଉଠୁ ଆସିଛ କହିଲନି ! ପଇସା ମାଗୁଛ କାହିଁକି ? ଭଲ ଘରର ଲୋକପରି ତ ଦିଶୁଛ !"

"ମୁଁ ଆସିଛି ଅନେକ ଦୂରରୁ । ଏ ଦେଶର ପଶ୍ଚିମରେ ମୋ' ଦେଶ । ସେଠି ମୁଁ ଅନେକ ଧନରତ୍ନର ମାଲିକ ଥିଲି । ମାତ୍ର ଆଜି ମୋର କିଛି ନାହିଁ । ମୁଁ ଆଜି ଭିକାରି ହୋଇଯାଇଛି !" ଜେମ୍‌ଶେଦ୍‌ ଏତିକି କହି ଚୁପ୍‌ ରହିଗଲେ ।

ସହଚରୀଟି କ'ଣ ଭାବିଲା କେଜାଣି, ସେ ସଙ୍ଗେ ସଙ୍ଗେ ବଗିଚା ଭିତରକୁ ଦଉଡ଼ିଗଲା । ତା' ସାଙ୍ଗମାନଙ୍କୁ ଓ ଜେମାକୁ ଶୁଣାଇ କହିଲା, "ଶୁଣୁଛ··· ଶୁଣୁଛ···ବଗିଚା ବାହାରେ ଜଣେ ଅପରିଚିତ ଲୋକ ଆସି ବସିଛି । ଦେଖିବାକୁ ରଜା ପୁଅପରି ଚେହେରା । କହୁଛି ସେ ପଶ୍ଚିମ ଦେଶରୁ ଆସିଛି । ତା'ର କାଳେ ଅନେକ ଧନଦରବ ଥିଲା, ହେଲେ ଆଜି ସେ ଖାଦ୍ୟ କିଣିବାକୁ ପଇସା ମାଗୁଛି ।"

ରଜାଝିଅ ଏକଥା ଶୁଣିଲା ତ ତା'ର ଆଗ୍ରହ ବଢ଼ିଗଲା । ସେ ଦୌଡ଼ି-ଗଲା ଫାଟକ ପାଖକୁ ଓ ଦେଖିଲା ଜେମ୍‌ଶେଦଙ୍କୁ । ସଙ୍ଗେ ସଙ୍ଗେ ସେ ତାହାଙ୍କ ପାଖକୁ ଯାଇ କହିଲା, "ବାଟୋଇ, ଆସ ମୋ' ସଙ୍ଗେ !"

ଜେମ୍‌ଶେଦ୍‌ ଫାଟକ ଯାଏଁ ଚଲେ । ରଜାଝିଅ ଡାକିଲା ବଗିଚା ଭିତରକୁ । ଜେମ୍‌ଶେଦ୍‌ ସଙ୍କୋଚ ବୋଧକଲେ । ସେ ଯେ ପଳାତକ !

Digitized by srujanika@gmail.com

ରାଜାଝିଅ କହିଲା, "ଡରିବାର କିଛି ନାହିଁ ବାଟୋଇ ! ମୁଁ ଏ ଦେଶ ରାଜାଙ୍କ ଜେମା । ମୁଁ ଯାହା ଚାହିଁବି ସେଥିରେ କେହି ବାଧାଦେବେନି । ତେଣୁ ତୁମେ ଭିତରକୁ ନିର୍ଭୟରେ ଆସ !" ଜେମ୍‌ଶେଦ୍ ଭାବୁଥାନ୍ତି, ସେ ଯଦି ଧରା ପଡ଼ି-ଯାଆନ୍ତି ! ତାଙ୍କ ଶତ୍ରୁମାନଙ୍କ ହାତରେ ଯଦି ଏ ଦେଶର ରାଜା ତାଙ୍କୁ ସମର୍ପି-ଦିଅନ୍ତି ! ନା, ସେ ସାବଧାନ ରହିବେ । ସେ ବଗିଚା ଭିତରକୁ ଯିବାକୁ ମନକଲେନାହିଁ । ତା'ପରେ ପୁଣି ଭାବିଲେ, ରାଜା ଯଦି ଜାଣିବେ ତାଙ୍କ ଝିଅ ଜଣେ ଭିକାରି ସହ କଥାଭାଷା ହେଉଛି ସେ କ'ଣ ଭାବିବେ ! ହୁଏତ ତାଙ୍କୁ ଦଣ୍ଡ ଦେଇପାରନ୍ତି । ତେଣୁ ସେ ଫାଟକ ପାଖରେ ଚୁପ୍‌ଚାପ୍ ଠିଆହୋଇରହିଲେ ।

ରାଜାଝିଅ ଜେମ୍‌ଶେଦ୍‌ଙ୍କ ମୁହଁକୁ ଚାହିଁରହିଲା । ସେ ତାଙ୍କ ମନର ଭାବନା କିଛି ବୁଝିପାରିଲା । ସେ ତା'ର ହାତ ବଢ଼ାଇ କହିଲା—"ଆସ… ଆସ ବିଦେଶୀ । ତୁମେ ଡରନା—ମୋ' ବାପା ମୋତେ ଖୁବ୍ ଭଲପାଆନ୍ତି । ମୁଁ ତମ ସଙ୍ଗେ କଥାଭାଷା ହେଲେ ସେ କିଛି କହିବେନି ।"

ରାଜାଝିଅ କେଡ଼େ ସୁନ୍ଦର ଦିଶୁଛି । ତା'ର ଟଣାଟଣା ଆଖିକୁ ଦେଖିଲେ ଆଉ ଦୃଷ୍ଟି କାଢ଼ି ଆଣିହେଉନି । ଜେମ୍‌ଶେଦ୍ ମନ୍ତ୍ରମୁଗ୍ଧ ହୋଇ-ଗଲେ । ଜେମ୍‌ଶେଦ୍ ରାଜାଝିଅ ସହିତ ସେ ବଗିଚାରେ ପ୍ରବେଶକଲେ । ପାଖାପାଖି ହୋଇ ସେମାନେ ବୁଲୁଥାଆନ୍ତି । ଶେଷରେ ଗୋଟାଏ ସୁନ୍ଦର ଝରଣାପାଖେ ପହଞ୍ଚିଲେ । ସେଠି ମୂଲ୍ୟବାନ୍ ଗଦି ପଡ଼ିଛି । ଗୋଟାସାରା ବଗିଚା ନାନା କୁଞ୍ଜରେ ଭରି—ସତେ ଯେପରି ସ୍ୱର୍ଗର ବଗିଚାଟିଏ ! ରାଜାଝିଅ ଗୋଟାଏ ଆସନରେ ବସିଲା ଓ ପାଖ ଆସନରେ ଜେମ୍‌ଶେଦଙ୍କୁ ବସାଇଲା । ସେ ତାଳମାରି ତା' ସହଚରୀମାନଙ୍କୁ ଆଦେଶ ଦେଲା ଖାଦ୍ୟ ଓ ପାନୀୟ ଆଣିବାକୁ । ସେମାନେ ସୁନାର ଥାଳିରେ ବିଭିନ୍ନ ଜାତିର ଖାଇବା ଜିନିଷ ଆଣିଲେ । ମାଟି ଉପରେ ରେଶମ କପଡ଼ା ବିଛାଇଦିଆଗଲା । ତା ଉପରେ ଖାଦ୍ୟପାନସବୁ ଥୁଆହେଲା । ଜେମ୍‌ଶେଦ୍ ରାଜକୁମାରୀଙ୍କ ଅନୁରୋଧରେ ପେଟଭରି ଖାଇ ପିଇସାରି କୃତଜ୍ଞତା ଦେଖାଇ କହିଲେ, "ଜେମା, ଆପଣଙ୍କ ଦୟା ମୋତେ ନୂଆ ଜୀବନ ଓ ନୂଆ ସାହସ ଦେଇଛି । ମୁଁ ମୋର ଜୀବନର ସମସ୍ତ ଦୁଃଖ ବେଦନା ଭୁଲିଯାଇଛି । ମୁଁ ପୁଣି ଲଢ଼ିବି । ଲଢିବି

Digitized by srujanika@gmail.com

ମୋ ଦୁଃଖ ବଢୁଛିରେ, ମୋ'ର ଶତ୍ରୁମାନଙ୍କ ବଢୁଛିରେ । ମୋର ଆଜ ପୁନର୍ଜନ୍ମ ହୋଇଛି ।"

ଜେମ୍‌ଶେଦ୍‌ ଏସବୁ କହୁଥାନ୍ତି । ତାଙ୍କର କଥାଭାଷା ଓ ବ୍ୟବହାରଟ ର ଫେରୁଜ୍ କଣିହୋଇଗଲା । ତା'ର ସନ୍ଦେହ ହେଲା, ଏ ବିଦେଶୀ ସାଧାରଣ ଲୋକ ନୁହେଁ—ହୁଏତ ନିଜେ ଜେମ୍‌ଶେଦ୍‌ ହୋଇଥିବେ । ତେଣୁ ସେ ଚୁପ୍‌ଚାପ୍ ତା'ର ଜଣେ ସାଥିକ ଉଆସକୁ ପଠାଇଦେଲା । କହିଲା, ସେଠାରୁ ଜେମ୍‌ଶେଦ୍‌ଙ୍କ ଛବିଟି ନେଇଆସିବ, ସେମାନେ ମିଳାଇ ଦେଖିବେ ଏ ବିଦେଶୀ ଜେମ୍‌ଶେଦ୍‌କ ଆଉ କଏ ! ଯଦି ଜେମ୍‌ଶେଦ୍‌ ହୋଇଥାଆନ୍ତି ନା ! ରାଜାଝିଅର ମନଟା ଆନନ୍ଦ ଉଚ୍ଛ୍ୱାସରେ କୁରୁଳିଉଠିଲା । ଓହୋଃ ହୋଇ-ଥାଆନ୍ତେ କ ! ତା' ଜୀବନର ଅନେକ ଦିନର ତପସ୍ୟା ଓ ଅପେକ୍ଷା ସତେ କ'ଣ ସାର୍ଥକ ହେବ !

ଏଇ ସମୟରେ ଉଆସରୁ ଧାଇଁଧାଇଁ ଆସି ପହଞ୍ଚିଲା ଜେମାର ଧାଈ । ସେ ଜେମାକୁ ଗୋଟାଏ ପାଖକୁ ଟାଣିନେଲା । କହିଲା, "ଏଇପରି ସେଇ—ଯାହାଙ୍କ କଥା ମୁଁ ତମକୁ କହିଥିଲି । ଏ ଜେମ୍‌ଶେଦ୍‌ !" ଆଉ ଠିକ୍ ତା' ପଛେ ପଛେ ସହଚରୀ ଜେମ୍‌ଶେଦ୍‌ଙ୍କ ଛବି ନେଇ ପହଞ୍ଚିଲା । ଫେରୁଜ୍‌ ସେ ଛବିଟି ଉପରେ ଥିକେ ଆଖି ବୁଲେଇନେଲା । ତା'ପରେ ସେ ଜେମ୍‌ଶେଦ୍‌ଙ୍କ ହାତକୁ ବଢାଇଦେଲା ଛବିଟି । ଜେମ୍‌ଶେଦ୍‌ ଦେଖିଲେ ସେ ଛବିକ । ଆଡ଼ମ୍ବରର ଶେଷ ହୋଇଯାଇଛି ଏ ଛବିରେ ! ଦେହ ମୂଲ୍ୟବାନ୍‌ ପୋଷାକରେ ଆବୃତ । ମୁଣ୍ଡରେ ବହୁ ରତ୍ନର ପଗଡ଼ି ! ସେ ଥିଲା ତାଙ୍କ ଜୀବନର ମଧୁର ସମୟ ! ଆଜ ସେ ଦିନ ନାହିଁ । ଜେମ୍‌ଶେଦଙ୍କ ମନ ଟଣକ ଉଠିଲା । ଓଃ, ସେଦିନ ଯେ କୋଉଠି ଶେଷ ହୋଇଯାଇଛି ! ସେ ପ୍ରାୟ ବ୍ୟସ୍ତ ହୋଇପଡ଼ିଲେ । ତାଙ୍କର ସବୁ ଆନନ୍ଦ ମଉଳିଗଲା । ସେ ଧାଈକ ଆଉ ରଜା ଝିଅଟିକୁ ସନ୍ଦେହଭରା ଆଖିରେ ଚାହିଁରହିଲେ ।

ରଜାଝିଅ ତାଙ୍କର ହାତ ଧରିପକାଇ ପଚାରିଲା, "କ'ଣ ହେଲା ? ଏପରି ବିରସ କାହିଁକ ହୋଇପଡ଼ିଲ ?" ଜେମ୍‌ଶେଦ୍‌ କହିଲେ, "ଏ ଛବି ସହିତ ମୋର କୌଣସି ସମ୍ପର୍କ ନାହିଁ ତ ! ଏହାକୁ ଏଠିକ ଆଣିଲେ କାହିଁକ, ରାଜକୁମାରୀ ?" ସେ ମନେ ମନେ ଡରିଯାଉଥିଲେ । ହେଇପାରେ, ତାଙ୍କର ଶତ୍ରୁମାନଙ୍କର ଏ ଗୋଟାଏ ଫନ୍ଦି । ରାଜାଝିଅର ସାହାଯ୍ୟରେ ତାଙ୍କୁ ଧରି

Digitized by srujanika@gmail.com

ଖୋଲି ଦେବାର ଏ ଗୋଟେ ଉପାୟ ! ସେ ନିଜର ପରିଚୟ ପ୍ରକାଶ କରିବାକୁ ମୂଳରୁ ପ୍ରସ୍ତୁତ ନଥିଲେ ।

ଫେରୁଜ୍ ଏଥିରେ ହଟିଯିବାକୁ ପ୍ରସ୍ତୁତ ନଥିଲା । ସେ ଜେମ୍‌ଶେଦ୍‌ଙ୍କ ମୁହଁ ଉପରେ ତା'ର ଭସାଣିଆ ଆଖି ଦି'ଟାକୁ ନିକ୍ଷେଇ ଚାହିଁ ରହିଲା । ତା'ପରେ ତାଙ୍କର ହାତ ଦି'ଟାକୁ ଧରିପକାଇ କହିଲା, "ମୋତେ ଆଉ ଭୁଲାନ୍ତୁ ନାହିଁ ସମ୍ରାଟ ! ମୋର ଚିହ୍ନିବାରେ କିଛି ଭୁଲ୍ ହୋଇନାହିଁ । ତା'ଛଡ଼ା ମୁଁ ତ ଆପଣଙ୍କୁ ପାଇବାଲାଗି ସାରା ଜୀବନ ଅପେକ୍ଷା କରି ରହିଛି । ଆଜି ସେଇ ଦିନ ଆସି ପହଞ୍ଚିଛି । ମୋତେ ଭଣ୍ଡାଇ ଦିଅନ୍ତୁ ନାହିଁ ।" ଜେମା ଲୁହ ଛଳଛଳ ଆଖିରେ ତାହାର କଥା କହିଚାଲିଥାଏ ।

ସମ୍ରାଟ ଜେମ୍‌ଶେଦ୍ ଆଉ ନିଜକୁ ଲୁଚାଇପାରିଲେନି । ସେ ତାଙ୍କର ପରିଚୟ ଦେଲେ । ତା' ସଙ୍ଗେ ସଙ୍ଗେ ତାଙ୍କର ସନ୍ଦେହ କଥା ବି କହିଲେ । ଏତିକ କହିସାରି ସେ ଖୁବ୍ ବ୍ୟସ୍ତହୋଇପଡ଼ିଲେ । ସେ ଘରେବରେ ଆଗକୁ ପଛକୁ ଚାଲିବାକୁ ଲାଗିଲେ । ଫେରୁଜ୍ କହିଲା, "ଆପଣଙ୍କ ଦୁଃଖର କାହାଣୀ ସବୁ ଶୁଣିଲି ସମ୍ରାଟ । ଆପଣଙ୍କ ଉପରେ ଦେବତାମାନେ ଅସନ୍ତୁଷ୍ଟ ହେଲେ, ତେଣୁ ଏ ଦୁର୍ଦ୍ଦଶା ଘଟିଲା । ମାତ୍ର ଦୁଃଖ ଦୁର୍ଦ୍ଦଶା କ'ଣ ସବୁବେଳେ ରହିଥିବ ? ସବୁବେଳେ କ'ଣ ଅନ୍ଧାର ରାତି ରହିଥିବ ? ରାତିର ନିଶ୍ଚୟ ଶେଷ ହେବ—ଆସିବ ସକାଳ ! ଭାବନ୍ତୁ ସେ ସକାଳ ଆସିଗଲାଣି । ଆପଣଙ୍କ ଦୁଃଖର ଶେଷ ହୋଇଯାଉଛି । ଆପଣଙ୍କର ମୋ' ସହ ବିବାହ ହେଲେ ଆପଣ ଜାବୁଲସ୍ତାନର ରାଜା ହେବେ । ମୋ'ର ଭାଇ ନାହିଁ, ତେଣୁ ଏ ରାଜ୍ୟର ଭବିଷ୍ୟତ ମୋ' ହାତରେ ।"

ଜେମ୍‌ଶେଦ୍‌ଙ୍କ ବ୍ୟସ୍ତତା କମ୍ ହେଲାନି । ସେ କହିଲେ, "ଦେବତା-ମାନେ ମୋ ଉପରେ ରାଗିଛନ୍ତି । ତମକୁ ବାହାହେଲେ ସେ ରାଗ ତମ ଉପରେ ବି ପଡ଼ିବ । ତମେ ଦୁଃଖ ପାଇବ । ତେଣୁ ମୁଁ ଅପେକ୍ଷା କରେ ।" ଉଭୟେ ଏହିପରି ଯୁକ୍ତି କରୁଥାନ୍ତି । ବୁଢ଼ୀ ଧାଈଟି ଜେମାଙ୍କ ପାଖକୁ ଆସି କହିଲା, "ଜେମା, ଆପଣ ଦୁହିଁଙ୍କର ବିବାହ ନିଶ୍ଚୟ ହେବ । ଏ ବିବାହକୁ କେହି ବନ୍ଦକରିପାରିବେନି । ଏଥିରେ ମଙ୍ଗଳ ବି ହେବ ।"

ଏହାପରେ ସେମାନେ ଜାବୁଲସ୍ତାନର ରୀତିନୀତି ଅନୁସାରେ ବାହା ହେବା ଠିକ୍ କରିନେଲେ । ପୁରୋହିତଙ୍କୁ ଡକାଗଲା । ତାଙ୍କ ଦେଶର ପ୍ରଥା

Digitized by srujanika@gmail.com

ଅନୁସାରେ ସେମାନେ ବାହାହୋଇଗଲେ । ଜେମ୍‌ଶେଦ୍‌ କହିଲେ, "ଫେରୁଜ୍‌, ଅଦ୍ଭୁତ ଭାବରେ ତମେ ମୋତେ ବାନ୍ଧିପକାଇଚ । ମୋର ଦୁଃଖ ଦୁର୍ଦ୍ଦଶାରେ ତମେ ମୋ ପାଖରେ ଠିଆହୋଇଛ । ସାହା ହୋଇଛ । ଏହାର ମୂଲ୍ୟ ମୋ ପାଇଁ ଅନେକ ବେଶି । ମୋ' ଜୀବନକୁ ପଣରଖି ମୁଁ ତମକୁ, ତମର ସମ୍ମାନକୁ ରକ୍ଷାକରିବ ।"

ଜାବୁଲସ୍ଥାନର ରାଜା ଗୁରେଙ୍ଗ ସେ ସମୟକୁ ରାଜଧାନୀରେ ନଥା'ନ୍ତି, ଦେଶର ଗୋଟାଏ ଦୂର ଅଞ୍ଚଳରେ ଥାଆନ୍ତି । ଏ ଯୋଉ ବାହାହେଲା ସେଥିରେ ତାଙ୍କର ମତାମତ କେହି ଲୋଡ଼ିଲେନ । ତାଙ୍କ ପାଖକୁ ଦୂତ ଗଲାନି । ଫେରୁଜ୍‌ ସେ କଥା ଭୁଲିଗଲା । ତେଣୁ ସେ ଡରୁଥାଏ, ବାପା ଆସିଲେ ତାଙ୍କୁ କ'ଣ କହିବ ? କେମିତି ସେ ଅବସ୍ଥାକୁ ସମ୍ଭାଳିବ ? ତା ବାପା କ'ଣ ରାଗିବେ ? ହଉ ଯାହା ହେବାର ହେବ । ଭବିଷ୍ୟତ କଥା ଭାବିବାକୁ ବେଳ ନାହିଁ । ଉଆସରେ ବାଜିଉଠିଲା ମଙ୍ଗଳ ବାଜଣା । ଫେରୁଜ୍‌ ଓ ଜେମ୍‌ଶେଦ୍‌ଙ୍କ ବିବାହ ଉତ୍ସବରେ ରାଜଧାନୀ ଆନନ୍ଦରେ ମାତିଗଲା । ଗୀତ ନାଚ ହେଲା । ରାଜକବିମାନେ, ଗୁଣୀମାନେ ପାରସ୍ୟର ସେଇ ମହାନ୍ ସମ୍ରାଟ କାଇମୁରସ୍ ବଂଶର ଆଦିଙ୍କ କୀର୍ତ୍ତି ଗୌରବ କଥାର ଗୀତ ଗାଇଲେ ।

ବରକନ୍ୟା ଆନନ୍ଦରେ ଦିନ କାଟୁଥାନ୍ତି । ମଝିରେ ମଝିରେ ଫେରୁଜ୍‌ ମୁହଁ ଉପରେ ସନ୍ଦେହର ଛାଇ ମାଡ଼ିଆସୁଥାଏ । ମାତ୍ର ବାପାଙ୍କ ଆସିବା ପରେ କ'ଣ ହେବ ସେ ଲାଗି ସେ ଆଉ ଚିନ୍ତିତ ଅବସ୍ଥାରେ ନଥାଏ । ରାଜା ଗୁରେଙ୍ଗ ଆସି ପହଞ୍ଚିଲେ । ଖୋସାମତିଆମାନେ ତାଙ୍କ କାନରେ ଫୋଡ଼ିଲେ, "ଝିଅର ମୁହଁ ବଢ଼ିଗଲା । ସେ ବାଟର ଜଣେ ଭିକାରିକୁ ବାହାହେଇଗଲା ।" ରାଜା ଏହା ଶୁଣି ରାଗିଲେ । ପାଟିକଲେ—କ'ଣ ଝିଅ ଅଲଅଲ ହେଇଚି ବୋଲି ଯାହା ପାରିବ ତାହା କରିଯିବ ? ସେ କ'ଣ ଜାବୁଲସ୍ଥାନର ଇଜ୍ଜତକୁ ତଳେ ପକାଇଦେବ ? ତା' ସେ ସହିପାରିବେନି ।

ଫେରୁଜ୍‌ ବୁଝାଉଥାଏ—ସିଏ ଯାହାକୁ ତାହାକୁ ବାହାହେଇନି । ସେ ବାଛୋଇ ଉପରେ ବରଣମାଳା ଦେଇନି । ସେ ଯାହାକୁ ବାଛି ନେଇଛି— ସେ ପୃଥିବୀର ଜଣେ ଶ୍ରେଷ୍ଠ ରାଜପୁରୁଷ । ସେ ଜେମ୍‌ଶେଦ୍‌ । ବୃଦ୍ଧୀ ଧାଈ ବି ସେ କଥା କହିଲା ଓ ତାହାର ଭବିଷ୍ୟତବାଣୀ କେମିତି ଫଳିଚି ସେ ବୁଝାଇଦେଲା । ଏକଥା ଶୁଣି ଗୁରେଙ୍ଗ ସ୍ତମ୍ଭୀଭୂତ ହୋଇଗଲେ । ଏଁ, ଏ

Digitized by srujanika@gmail.com

ତେବେ ଜେମ୍‌ଶେଦ୍‌ ! ଫେରୁଜ୍‌ ଭାବିଲା ବୋଧହୁଏ ତା' ବାପା କଥାଟାକୁ ଏଥର ଗ୍ରହଣ କରିନେବେ । ତା ମୁହଁ ଟିକେ ଉଜ୍ଜଳ ଦିଶିଲା । ସେ କହିଲା, "ବାପା, ଏ ଜେମ୍‌ଶେଦ୍‌ ! ତମେ ଭାଗ୍ୟବାନ୍‌ ବାବା, ସମ୍ରାଟ ଜେମ୍‌ଶେଦ୍‌ ତମର ଅତିଥି···ତମର ଜ୍ୱାଇଁ ।"

ଗୁରେଂ ଟିକେ ହସିଦେଲେ । ତା'ପରେ କହିଲେ, "ସତ କହୁଚୁ ତ ଏ ଜେମ୍‌ଶେଦ୍‌ ! ତା'ହେଲେ ଆରବରାଜା ଜୋହକ ହାତକୁ ଟେକିଦେବି ଏହାକୁ । ମୋତେ ଗୋଟାଏ ଦେଶ ଉପହାର ମିଳିଯିବ । ଜାବୁଲିସ୍ତାନ ବଡ଼ହୋଇଯିବ । ମୁଁ ମୋ ସୈନ୍ୟମାନଙ୍କୁ ଆଦେଶ ଦେବି—ସେମାନେ ଜେମ୍‌ଶେଦ୍‌ଙ୍କୁ ବନ୍ଦୀ କରିନେବେ ।"

ଫେରୁଜ୍‌ ତାଙ୍କର ପାଦତଳେ ପଡ଼ିଗଲା । ସେ ଡରି ଗଲାଣି । "କ'ଣ କହୁଚ ବାବା, ଏ ବଡ଼ ଘୃଣାଜନକ କାମ ହେବ ବାବା ! କେହି ତୁମକୁ କ୍ଷମା ଦେବେନି । ତମେ ଏତେ ବିଶ୍ୱାସଘାତକର କାମ କରିପାରିବ ତ ! ସେ ଯଦି ବନ୍ଦୀହୁଅନ୍ତି ମୁଁ ମୁଣ୍ଡକୋଡ଼ି ମରିଯିବି । ବାବା, ତମେ ଦୟାକର ! ତମର ଏ ଝିଅଟି ପ୍ରତି ତମେ ଏତେ ନିଷ୍ଠୁର ହୁଅନି !"

ଗୁରେଂ ଝିଅକୁ ଚାହିଁରହିଲେ । ସେ ତରଳିଗଲେ । ତାଙ୍କର ଚିନ୍ତାରେ ବହୁ ବିଭ୍ରାଟ ଘଟିଗଲା । ସେ କହିଲେ, "ହଉ ହେଲା···ତୋ ବରର କିଛି ଅନିଷ୍ଟ ହେବନି ।" ଫେରୁଜ୍‌ ଏକଥା ଶୁଣି ଖୁସିରେ ନାଚିଉଠିଲା । ସେ ତା' ବାବାଙ୍କୁ ଧନ୍ୟବାଦ ଜଣାଇଲା । ଦୌଡ଼ିଗଲା ଜେମ୍‌ଶେଦ୍‌ଙ୍କ ପାଖକୁ । ତାହାଙ୍କୁ ସେ ଏ ଖୁସିର ଖବରଟା ପହିଲେ ଜଣାଇବ ।

ଝିଅ ଚାଲିଗଲା ପରେ ଗୁରେଙ୍ଗ କଥାଟାକୁ ଆହୁରି ତଲେଇ କରି ଭାବିଲେ । ଆରେ, ସେ କ'ଣ କରିବାକୁ ଯାଉଛନ୍ତି ! ଝିଅର ସ୍ନେହରେ ସେ ଅନ୍ଧହୋଇ ବୁଝିପାରୁନାହାନ୍ତି ତାଙ୍କ ଦେଶର ଅବସ୍ଥା କ'ଣ ହେବ । ଜୋହକ୍‌ ଖୁବ୍‌ ଶୀଘ୍ର ଶୁଣିପାରିବେ ଏ ବାହାଘରର ସାହାନାଇ । ଯୁଦ୍ଧର ବାଦ୍ୟ ସେ ବଜାଇଦେବେ ମୋ ଦେଶରେ । ଦେଶ ଜଳି ପୋଡି ଧ୍ୱଂସ ହୋଇଯିବ । ତେଣୁ ତାଙ୍କ ମନ୍ତ୍ରୀମାନଙ୍କୁ ଡାକିବେ, ସେମାନଙ୍କର ପରାମର୍ଶ ନେବେ । ଆଉ ବିଳମ୍ବ କରିବେନି । ସଙ୍ଗେ ସଙ୍ଗେ ରାଜ୍ୟର ମୁଖିଆଲୋକ ଓ ମନ୍ତ୍ରୀମାନେ ଆସି ପହଞ୍ଚିଲେ । ଗୁରେଙ୍ଗ ଯେପରି ସନ୍ଦେହ କରୁଥିଲେ, ସେମାନେ ବି ସେଇପରି ଭାବିଲେ । ଆରବ ରାଜା ଜୋହକ ଜାବୁଲିସ୍ତାନକୁ

Digitized by srujanika@gmail.com

କ୍ଷମା ଦେବେନି । ତେଣୁ ସେମାନେ କହିଲେ ଯେ ଜେମ୍‌ଶେଦ୍‌ଙ୍କୁ ଶୀଘ୍ର କୌଶଳରେ ବନ୍ଦୀକରାଯାଉ ।

ଫେରୁଜ୍ ବାପାଙ୍କଠାରୁ ବିଦାୟ ନେଇ ଆସିଲା, ହେଲେ ତା ମନ ମାନିଲାନି । ସେ ଟିକେ ଅଟକିଗଲା । ଯେତେବେଳେ ମନ୍ତ୍ରୀମାନଙ୍କୁ ଡକରା ହେଲା ତା'ର ସନ୍ଦେହ ବଢ଼ିଗଲା, କାରଣ ଏତେ ତରତରରେ ପୁଣି ଏ ଅସମୟରେ ମୁଖିଆଲୋକଙ୍କୁ ଡାକିବାର କୌଣସି ନିର୍ଦ୍ଦିଷ୍ଟ କାରଣ ସେ ଖୋଜି ପାଇଲାନି । ସେ ଦରବାରର ଗୋଟାଏ ଗୁପ୍ତ ଜାଗାରେ ଲୁଚିରହିଲା । ତା' ବାବା ଓ ଦେଶର ଆଉ ବଡ଼ବଡ଼ଆଙ୍କ କଥାଭାଷା ଶୁଣି ଫେରୁଜ୍ ଥରି-ଉଠିଲା । ରାଜା ଜେମ୍‌ଶେଦ୍ ଏ ଉଆସରେ ଆଉ ମୁହୂର୍ତ୍ତେ ବି ରହିବା ଠିକ୍ ନୁହେଁ । ବିପଦ ଗୁରଆଡ଼େ ଜାଲ ପାରି ଦେଇଛି । କେଉ ମୁହୂର୍ତ୍ତରେ ତାଙ୍କୁ ବାନ୍ଧି ନେଇଯିବେ କିଏ କହିବ ! ଏ ଆଉ କାନ୍ଦିବାର ବେଳ ନୁହେଁ, ଏ କାମର ବେଳ । ଫେରୁଜ୍ ସ୍ଥିରକି ପଥର କଲା । ଜେମ୍‌ଶେଦ୍‌ଙ୍କୁ ସବୁକଥା ବୁଝାଇଦେଲା । ତା'ପରେ ସେ ତାହାଙ୍କ ପାଇଁ ଗୋଟିଏ ଗୁଷୀର ପୋଷାକ ଅଣାଇଲା । ତାଙ୍କ ଦେହର ରଙ୍ଗ ବଦଳାଇବାପାଇଁ ଗୋଟାଏ ପ୍ରଲେପ ତିଆରି କରାଇଲା । ତା'ର କେତେକ ମୂଲ୍ୟବାନ୍ ଅଳଂକାରକୁ ଗୋଟେ ପୁଡ଼ିଆ କଲା ଓ ଜେମ୍‌ଶେଦ୍‌ଙ୍କ ଅଣ୍ଟାରେ ବାନ୍ଧିଦେଲା ଏ ପୁଡ଼ିଆଟି । ନିଜର ପ୍ରିୟ ମଣିଷଟିକି ଏମିତି ବେଶ କରିଦେଇ ଫେରୁଜ୍ ତାଙ୍କ ବେଶକୁ ଗୁହିଁ-ରହିଲା । ସେ ଖୁସିହେଲା—ନା, ଏଥର ତାଙ୍କୁ କେହି ଚିହ୍ନି ପାରିବେନି । ସେ ଜାବୁଲିସ୍ଥାନର ଏକ ଗୁଷୀପରି ଦିଶୁଛନ୍ତି ।

ଏପରି ବେଶ କରିସାରି ଫେରୁଜ୍ ସ୍ୱାମୀ ଜେମ୍‌ଶେଦ୍‌ଙ୍କୁ ବିଦାୟଦେଲା । ଫେରୁଜ୍ ବହୁ କଷ୍ଟରେ ତା' ଲୁହ ସମ୍ଭାଳୁଥାଏ । ଜେମ୍‌ଶେଦ୍‌ଙ୍କ ଜୀବନରେ ପୁଣି ସେଇ ବାଟ···ସେଇ ଦୂର ଦେଶ ଆସିଲା । ପୁଣି ସେଇ ଅନ୍ଧାର, ସେଇ ଅନିଶ୍ଚିତ ଭବିଷ୍ୟତ···ସେଇ ଆଶା ଓ ଆଶଙ୍କା । ଘରଦ୍ୱାର ନାହିଁ ! ପୃଥିବୀ ତାଙ୍କର ଘର ! ଛାତ ନାହିଁ—ଆକାଶ ତାଙ୍କର ଛାତ ! ଓଃ, କେତେ ବାଟ ଗୁଲିବ ମଣିଷ ? ଏ ବାଟର କ'ଣ ଶେଷ ନାହିଁ ? ଜେମ୍‌ଶେଦ୍‌ଙ୍କ ମନର ସବୁ ସରାଗ, ସବୁ ଆଗ୍ରହ ସରିଯାଇଛି । ତାଙ୍କ ମନରେ ଆଉ ଆଶା ନାହିଁ । ସୁଖ ଆନନ୍ଦ କିଛି ନାହିଁ । ସେ ଜୀବନଟାକୁ ଗୋଟାଏ ବୋଝ ମଣିଲେଣି ।

ଆସି ଆସି ଭାରତବର୍ଷରେ ପହଞ୍ଚିଗଲେ । ସେ ଥକ୍‌କାମାରି ଗୋଟାଏ

Digitized by srujanika@gmail.com

ଗଛମୂଳରେ ମୁଣ୍ଡରେ ହାତମାରି ବସିପଡ଼ିଲେ ଓ କହିଲେ, "ହେ ପ୍ରଭୁ, ଏମିତି ଆଉ କେତେଦିନ ଯିବ ? କେତେ ଦିନ ମୁଁ ବାସ୍ତୁହରା ହୋଇ ବୁଲିବି ? ଦିନେ ତ ପୁଣି ଦେବତାମାନଙ୍କ ସହ ମୁଁ ସମାନ ହୋଇ ସମ୍ମାନ ପାଉଥିଲି ! ବୋଧହୁଏ, ଏମିତି ଅଜଣା ଅଶୁଣା ଭାବେ ମୋତେ ଏ ବିଦେଶ ଭୂଇଁରେ ଶେଷ ନିଃଶ୍ୱାସ ଛାଡ଼ିବାକୁ ହେବ ।"

ଏମିତି ଦୁଃଖରେ ଚିନ୍ତା କରୁ କରୁ ସେ ଶୋଇପଡ଼ିଲେ । ଆଉ ଯେତେ-ବେଳେ ସେ ଘୋର ନିଦରେ ଅଚେତନ, ସେ ବାଟେ ଜୋହକ ରାଜାଙ୍କର ଦିଳେ ଚର ଗଲେ । ସେମାନେ ପାରିହୋଇଗଲେ ଜେମ୍‌ଶେଦଙ୍କୁ । ମାତ୍ର ଚରମାନଙ୍କର ଦଳପତିର ଭୁଲିହେଲାନି । ସେ ଦଳର ପଛରେ ଯାଉଥିଲା । ଶୋଇଥିବା ଏଇ ନିଃସହାୟ ବାଟୋଇ ଯେ ଜେମ୍‌ଶେଦ୍ ସେ ଚିହ୍ନିପାରିଲା ଓ ସୈନ୍ୟମାନଙ୍କୁ ଡାକି ବନ୍ଦୀକଲା ଜେମ୍‌ଶେଦ୍‌ଙ୍କୁ ।

ଜୋହକ ଏ ଖବର ଶୁଣି ଆନନ୍ଦରେ ନାଚଉଠିଲେ । ଦୁଷ୍ଟ ଲୋକ ତ ଅନ୍ୟକୁ କଷ୍ଟ ପାଉଥିବା ଦେଖିଲେ ହୃଷ୍ଟ ହେବା ସେମାନଙ୍କ ସ୍ୱଭାବ । ସେ ବନ୍ଦୀକୁ ଡକାଇ ଆଣିଲେ । ଗର୍ବରେ ଫୁଲିଫୁଲି ଆରବରାଜା ପଚାରିଲେ, "କହେ, କାହିଁ ତମର ସେ ରାଜ୍ୟ ? କୁଆଡ଼େ ଗଲା ତମର ସିଂହାସନ ? କୋଉଠି ଅଛନ୍ତି ତମର ସେଇ ପ୍ରିୟ ପ୍ରଜାଗଣ ? ଆଉ ତମର ସେ ରାଜପଗଡ଼ି କାହିଁ ?"

ଜେମ୍‌ଶେଦ୍ ନୀରବ ରହିଲେ । ସେ ଗମ୍ଭୀର ଭାବେ ଜୋହକ ଓ ତାଙ୍କର ଅନୁଚରମାନଙ୍କୁ ଚାହିଁରହିଲେ । ଜୋହକଙ୍କୁ ବଡ଼ ଅପମାନ ଲାଗିଲା । ଜେମ୍‌ଶେଦ୍ ଖୁବ୍ ଅହଂକାରୀ ହୋଇଛି, ତାକୁ ଏ ଅଭିମାନ ପାଇଁ ଦଣ୍ଡ ଭୋଗିବାକୁ ପଡ଼ିବ । ଜୋହକ ଚାକରମାନଙ୍କୁ ଆଦେଶ ଦେଲେ ଜେମ୍‌ଶେଦ୍‌ଙ୍କୁ ତାଙ୍କର ସିଂହାସନ ପାଖରେ ଘୋଷାରି ଘୋଷାରି ଲୋଟାଇଦିଅ, ଦୁନିଆଁ ଦେଖୁ ଜୋହକ କିପରି ଜେମ୍‌ଶେଦ୍‌କୁ ପଦାନତ କରିପାରେ । ଏଇପରି ଅନେକ ଅବମାନନା ପରେ ଜେମ୍‌ଶେଦ୍‌ଙ୍କୁ ମାରିବାକୁ ଆରବରାଜା ଆଦେଶ ଦେଲେ । ଜେମ୍‌ଶେଦ୍ ପ୍ରକୃତ ବୀର ଥିଲେ । ସେ ବୀରପରି ସବୁ କ୍ଷେତ୍ରରେ ଉଦାରତା ଦେଖାଇଦେଲେ ।

ଫେରୁଜ୍ ଜାବୁଲିସ୍ତାନରେ ଖବର ଶୁଣିବାକୁ ଚାହିଁରହିଥାଏ । ଯୋଉ ବାଟୋଇକି ଦେଖେ ତାହାକୁ ସେ ଜେମ୍‌ଶେଦ୍‌ଙ୍କ କଥା ପଚାରେ । ଅନେକ

Digitized by srujanika@gmail.com

ସପ୍ତାହ ଓ ମାସ ପରେ ତାଙ୍କ ବିଷୟରେ କିଛି ଖବର ପାଇଲାନି । ତେଣୁ ଭାବିନେଲା ହୁଏତ ଜେମ୍‌ଶେଦ୍‌ ନଗପଦରେ ଖସିଯାଇଛନ୍ତି ।

ଦିନେ ଜଣେ ଫକୀର ଜାବୁଲିସ୍ଥାନକୁ ଆସିଲେ । ଫକୀରଟି ପିନ୍ଧିଥାଏ ଚିତାବାଘର ଚମଡ଼ା । ସେ ରାଜକୁମାରୀଙ୍କ ସବୁ କଥା କହିଲା । କାରଣ ଏ ଫକୀର ନିଜେ ଜେମ୍‌ଶେଦ୍‌କୁ ମାରିବା ଦେଖିଥିଲା ବୋଲି ବର୍ଣ୍ଣନାକଲା । ରାଜକୁମାରୀ ଏ କଥା ଶୁଣିବା ଅବସ୍ଥାରେ ନଥିଲା । ସେ ଦୁଃଖରେ ଭାଙ୍ଗିପଡ଼ିଲା । ସେ ଚେତନା ହରାଇ ସେଇଠି ଗଡ଼ିପଡ଼ିଲା । ବହୁ କଷ୍ଟରେ ଚେତାଆସିଲା । ଫେରୁଜ୍ କହିଲା, "ମୋ' ଜୀବନରେ ଆଉ ମୂଲ୍ୟ କ'ଣ ! ମୁଁ ଆଉ ବଞ୍ଚିପାରିବି ନାହିଁ ।" ଏହା ପରେ ସେ ବିଷ ଖାଇ ଜୀବନ ହରାଇଦେଲା ।

ରାଜା ଗୁରେଙ୍ଗ ଏସବୁ ଦେଖି ଓ ଶୁଣି ଖୁବ୍ ଦୁଃଖିତ ହେଲେ । ସେ ଯଦି ଜେମ୍‌ଶେଦ୍‌ଙ୍କୁ ପାଖରେ ରଖିଥାଆନ୍ତେ, ତାଙ୍କର ଅଲିଅଳୀ ଝିଅ ଫେରୁଜ୍ ଆଉ ଆତ୍ମହତ୍ୟା କରିନଥାଆନ୍ତା । ଏ ଦୁଇଜଣଙ୍କ ମରଣର କାରଣ ଯେ ନିଜେ । ରାଜା ଗୁରେଙ୍ଗ ଦୁଃଖ ଓ ଚିନ୍ତାରେ ଖୁବ୍ ଅଳ୍ପଦିନ ଭିତରେ ଦେହ ତ୍ୟାଗ କଲେ । ଆଉ ଜୋହକ ଅଧିକାର କରିନେଲା ରାଜା ଗୁରେଙ୍ଗଙ୍କର ରାଜ୍ୟ ।

## କପାଳଘେନ ଫଳ

ସେମାନେ ଥିଲେ ଦୁଇଭାଇ । ବାବା ବଞ୍ଚିଥିଲାଯାଏଁ ଏକାଠି ଥିଲେ । ବାବାଙ୍କ ମୃତ୍ୟୁ ପରେ ଭିନ୍ନ ହେଲେ । ଜମିଜମା ଯାହା ଥିଲା ଉଭୟଙ୍କ ଭାଗରେ ସବୁ ସମାନ ପଡ଼ିଲା । ବଡ଼ଭାଇ ଧନବନ୍ତ କାମରେ ଲାଗିଥାଏ । ତା'ର କେତେବେଳେ ଫୁରୁସତ୍ ନଥାଏ । ସାନଭାଇର କାମ ଖିବାଡ଼ିବା । ସେ ଯାହାତାହା ଚାଷ କରିଦିଏ; ମାତ୍ର ଉଭୟ କ୍ଷେତ୍ରରେ ଫଳ ମିଳେ ଓଲଟା । ବଡ଼ଭାଇର ଜମିରେ ଭଲ ଫସଲ ହୁଏନି, ସାନଭାଇର କ୍ଷେତ ଫଳଫୁଲ ଭରା !

ବଡ଼ଭାଇ ଭାବିଲା, ତା ଜମି ନିରସା—ସେଥିଲାଗି ଏ ଜମିରେ ଫସଲ ଭଲ ହେଉନି । ସାନଭାଇର ଜମି ସରସା, ତେଣୁ ତା' ଜମିରେ ଫସଲ ଦଲଦଲେଇ ଯାଉଛି । ସେ ଏକଥା ସାନଭାଇ ସଙ୍ଗେ ଆଲୋଚନା କଲା । ଦୁଇଭାଇ ଜମିକୁ ଅଦଳବଦଳ କରିନେଲେ । ମାତ୍ର ଫସଲ ଉତ୍ପାଦନର

Digitized by srujanika@gmail.com

କୌଣସି ପରିବର୍ତ୍ତନ ହେଲନାହିଁ । ସାନଭାଇ ଏଥରକ ବେଶ୍ ବଢ଼ିଆ ଫସଲ କାଟିଲା । ବଡ଼ଭାଇ କପାଳକୁ ଯେଉଁ କଥାକୁ ସେଇକଥା ।

ବଡ଼ଭାଇ ଏ ଅବସ୍ଥାରେ ଘାବର ହୋଇଗଲା । ସେ କ'ଣ କରିବ ଭାବିପାରିଲାନି । ଶେଷରେ ଭାବିଲା, ସେ ସାନଭାଇର ଶସ୍ୟଗଦାରୁ ଗୋଛା ଗୋଛା କରି ବୋହିନେବ, ସେଗୁଡ଼ିକ ତା' ଫସଲ ଗଦାରେ ବଢ଼େଇଦେବ । ହନେ ରାତିରେ ସେ ଗୋଟାଏ ଗଧ ନେଇ ସେମିତି ଚୋରିକରିବାକୁ ଯାଇ-ଥାଏ । ହଠା'ତ୍ ଜଣେ ଅଦ୍ଭୁତ ଲୋକ ତା' ଆଗରେ ଦେଖାଦେଲା । ସେ ବଡ଼ଭାଇକ କ'ଣ କରୁଚ ବୋଲି ପ୍ରଶ୍ନ କଲା ।"

ବଡ଼ଭାଇ କହିଲା, "ମୁଁ ଠିକ୍ ସେଇକଥା ପଚାରିବାକୁ ଯାଉଥିଲି ।"

"ମାନେ ?"

"ତମେ କିଏ ? ଏଠି ତମେ ରହିଚ କାହିଁକି ?"

ସେ ଲୋକଟି କହିଲା, "ମୁଁ ତମ ସାନ ଭାଇର ଭାଗ୍ୟ । ମୁଁ ଏଠି ଏ ଫସଲଗଦା ଜଗିଚି, ଦେଖୁଚି ଏ ଫସଲ ଯେମିତି କେହି ଚୋରାଇନନିଏ ।"

"ଆଚ୍ଛା···ଆଚ୍ଛା···ତମେ ତାହେଲେ ମୋ' ସାନ ଭାଇର ଭାଗ୍ୟ ! ତମ ସଙ୍ଗେ ଦେଖାହେଲା, ଖୁବ୍ ଭଲହେଲା । ମୁଁ ବଡ଼ କଷ୍ଟ ପାଉଚି । ମୋ' ଭାଗ୍ୟ କଥା ମୁଁ ଜାଣିପାରୁନି । ତମେ ମୋତେ ଏ ହିଗରେ ସାହାଯ୍ୟ କରିପାରିବ ?" ବଡ଼ଭାଇ ବହୁତ ବ୍ୟଗ୍ର ହୋଇ କହିଲା ।

ସେ ଲୋକଟି କହିଲା, "ଏଠାରୁ ଅନେକ ଦୂରରେ ଗୋଟାଏ ପର୍ବତ । ସେ ପର୍ବତ ଚୂଳରେ ଅଛି ତୁମ ଭାଗ୍ୟ । ତମେ ଯଦି ଜୀବନରେ ଉନ୍ନତି କରିବାକୁ ଚାହଁ, ଯାଅ···ତମର ଭାଗ୍ୟକୁ ନିଦରୁ ଉଠାଅ । ତମର କଲ୍ୟାଣ ହେବ···ଉନ୍ନତି ହେବ ।" ସେ ବଡ଼ଭାଇକ ଦୂର ଜାଗାର ବାଟଘାଟ ସବୁ ବତାଇଦେଲା ।

ବଡ଼ଭାଇ ମନକୁ ଠାଣି କଲା । ଯାହା ହେବାର ହେଉ, ନିଜ ଭାଗ୍ୟ ସହ ଥରେ ଦେଖାହେଉ । ଯେତେ ଦୂର ହେଉ ପଛକେ, ତାକୁ ଯିବାକୁ ହେବ । ସେ ଲୁଗାପଟା, ଟଙ୍କା ପଇସା ସବୁ ବନ୍ଧାଛନ୍ଦା କଲା । ବହୁଦିନ ଧରି ଲମ୍ବା ବାଟ ପାଇଁ ଯେ ପ୍ରକାର ତିଆରି ହେବା କଥା, ସେ ପ୍ରକାର ସେ ପ୍ରସ୍ତୁତ ହେଲା । ଜମିଜମା ସାନଭାଇର ଜିମାରେ ଦେଲା ଓ ଭାଗ୍ୟକୁ ଖୋଜିବାକୁ ବାହାରିଲା । କିଛି ବାଟ ଗଲା ପରେ ହଠାତ୍ ସେ ଗୋଟାଏ

Digitized by srujanika@gmail.com

ଝିହଣ ଗର୍ଜନ ଶୁଣିଲା । ଗୃହିଁ ଦେଖିଲା କ'ଣ ! ଓଃ କେତେ ବଡ଼ ସିଂହଟାଏ ! ତା ଆଗରେ ସେ ଗୋଟେ ଚୂଟିଆ ମୂଷା । ସିଂହଟା ମାଡ଼ ମାଡ଼ ଆସୁଚ । ପାଟି ଆଁ କରିଚ । ତା' ମୁନିଆ ଦାନ୍ତଗୁଡ଼ାକ କାଟିଦେଇଚ—ସତେ କି ତାକୁ କଲେ କରିଦେବ !

ସେ ସିଂହ ଆଗରେ ଆଣ୍ଠୁ ମାଡ଼ି ପଡ଼ିଗଲା । କହିଲା, "ହେ ପଶୁରାଜ, ମୁଁ ଅଭାଗା ଲୋକ । ମୋ ଭାଗ୍ୟ ଏକ ଦୂର ପର୍ବତର ଶିଖର ଦେଶରେ ଶୋଇଯାଇଚ । ତାହାକୁ ନିଦରୁ ଉଠାଇବା ପାଇଁ ମୁଁ ଏ ଲମ୍ବା ଯାତ୍ରା ଆରମ୍ଭ କରିଚ । ତମେ ମୋତେ ଦୟାକର । ମୋତେ ଖାଅନି । ତମେ ମୋତେ ସାହାଯ୍ୟ କର ।"

"ତମକୁ ମୁଁ ଛାଡ଼ିଦେଇପାରେ···ହେଲେ ମୋ'ର ଗୋଟାଏ ସର୍ତ୍ତ ଅଛି । ତମ ଭାଗ୍ୟସହ ଦେଖାହେଲେ ପଚାରିବ ମୋ' କଥା । ମୁଁ ଏତେ ଖାଉଚ ଅଥଚ ମୋ ପେଟ ପୂରୁନି କିଆଁ ।"

ସିଂହଠାରୁ ବିଦାୟ ନେଇ ବଡ଼ଭାଇ ଚାଲିଲା । ସେ ଯାଇ ଗୋଟିଏ ଗାଁରେ ପହଞ୍ଚିଲା । ଏଠି ଜଣେ ଚଷାଘରେ ସେ ରାତିକଲାଗି ବିଶ୍ରାମ ନେଲା । ଚାଷୀ ସହିତ ରାତିରେ କଥା ହେଉ ହେଉ ବଡ଼ଭାଇ କହିଲା ଯେ ସେ ତା ଭାଗ୍ୟକୁ ଖୋଜି ଯାଉଚ, ତାକୁ ପାଇଲେ ନିଦରୁ ଉଠାଇବ । ଚାଷୀ କହିଲା, "ଦେଖ, ତମ କାମ କରି ସାରିଲେ, ତମେ ମୋ' ପାଇଁ କାମଟିଏ କରିଦେବ ନା ?"

ବଡ଼ଭାଇ ପଚାରିଲା, "କ'ଣ କହୁନାଁ ।"

ଚଷାଟି କହିଲା, "ଭାଗ୍ୟକୁ ପଚାରିବ, ମୁଁ ଗୋଟିଏ ଜମିକୁ ଖୁବ୍ ଭଲ-ଭାବରେ ଯେତେ ଚାଷ କଲେ ବି ଫସଲ ହେଉନି କାହିଁକି ?"

ସେଇଠୁ ବିଦାୟ ନେଇ ସେ ଆଗକୁ ଚାଲିଲା । ସେ ଏଥର ଯାଉ ଯାଉ ଗୋଟାଏ ବଡ଼ ସହରରେ ପହଞ୍ଚିଲା । ସେଠାରେ ନିୟମ ଅନୁସାରେ ପ୍ରତ୍ୟେକ ନୂଆଲୋକକୁ ରାଜାଙ୍କ ପାଖକୁ ନିଆଯାଏ । ବଡ଼ଭାଇକୁ ବି ନିଆଗଲା । ରାଜା ପଚାରିଲେ, "ଆମ ରାଇଜରେ ତୁମେ ନୂଆ ଲୋକଟିଏ କିଆଁ ? କାହିଁକି ଆସିଚ ଏଠାକୁ ?"

ବଡ଼ଭାଇ ମୂଳରୁ ଏଯାଏଁ ସବୁ ଘଟଣା କହିଗଲା । ରାଜା ସବୁ ଶୁଣି କହିଲେ, "ଯଦି ତମେ ଏତେ ଚେଷ୍ଟା କରି ଭାଗ୍ୟକୁ ଖୋଜି ବାହାରିଚ,

Digitized by srujanika@gmail.com

ମୋର ଗୋଟିଏ କାମ ବି କରିଦେବ । ମୁଁ ଏ ରାଜ୍ୟକୁ ଆଉ ମୋ ପ୍ରଜାଙ୍କୁ ସୁଖରେ ରଖିବାକୁ ଚାହୁଁଛି । ହେଲେ ଏ ରାଜ୍ୟର କି ଏ ଲୋକଙ୍କର ଯେତିକି ଉନ୍ନତି ହେବା କଥା ହେଉନି···”

ରାତିକ ସହରରେ କଟାଇଲା ସେ । ସକାଳୁ ଉଠି ପୁଣି ବାଟ ଧରିଲା । ଏଥର ସେ ନିର୍ଦ୍ଦିଷ୍ଟ ଜାଗାର ବେଶ୍ ନିକଟକୁ ଆସିଯାଇଥାଏ । ଏଇ ସାମ୍ନାରେ ଦିଶୁଛି ପର୍ବତ । ବହୁ କଷ୍ଟକରି ସେ ପାହାଡ଼ର ଚୂଳଯାଏଁ ଉଠିଲା । ପର୍ବତ ଉପରେ ପହଞ୍ଚିଲାବେଳକୁ ସେ ଝାଳରେ ଗାଧୋଇସାରିଲାଣି । ଯାହାହେଉ, ସେଠି ପହଞ୍ଚି ସେ ଦେଖିଲା ମୋଟା ଭୁଷୁକା ଲୋକଟିଏ ହାତ ଗୋଡ଼ ମେଲେଇ ଶୋଇ ଜୋର୍‌ରେ ଘୁଙ୍ଗୁଡ଼ି ମାରୁଛି । ବଡ଼ଭାଇ ଝାଳ ପୋଛି ସେ ଲୋକଟିର ପାଖକୁ ଗଲା ଓ ପାଟିକରି କହିଲା, “ଉଠ···ଉଠ··· କ’ଣ ସବୁବେଳେ ଶୋଇରହିଥିବ କି ?”

ସେ ଲୋକଟି ଆଖି ମଳିଲା । ହାଇ ମାରିଲା । ଭିଡ଼ ମୋଡ଼ ହେଲା । ତା’ ପରେ କହିଲା, “ଏଇ ଉଠିଲି ମ ! ଠିକେ ଯାହା ଶୋଇପଡ଼ିଥିଲି, ଆଉ ଶୋଇବିନି ଯେ ।”

ବଡ଼ଭାଇ ଲୋକଟି ଆଗରେ ସିଂହ, ଚଷା ଆଉ ରାଜାଙ୍କର କଥା ଜଣାଇଲା । ସେ ଉତ୍ତର ସବୁ ଶୁଣିଲା । ମନେରଖିଲା, ଆଉ ଫେରିଲା । ପହିଲେ ସେ ସେଇ ସହରକୁ ଆସିଲା । ରାଜା ତାକୁ ରହିଁବସିଥିଲେ । ରାଜା ପଚାରିଲେ, “ତମେ ଫେରିଆସିଲଣି ! ତମ କପାଳ କୁହ କି ଭାଗ୍ୟ କୁହ··· ତା’ ସହ ତମର ଦେଖାହେଲା ତ ! ଆଉ ମୋ କଥା ପଚାରିଲ ?”

“ଆଜ୍ଞା !”···ବଡ଼ଭାଇ ଖୁସିରେ ଉତ୍ତରଦେଲା ।

“କ’ଣ ଉତ୍ତରଟା···?”

“ହାଟ ମଧ୍ୟରେ ବ୍ରହ୍ମଜ୍ଞାନ କୁହାଯାଏନି ଆଜ୍ଞା ! ଆପଣ ଯଦି ଟିକେ ନିରୋଳା ସମସ୍ତ କରିପାରିବେ ଆମେ ଦି’ଜଣ କଥାଭାଷା ହୁଅନ୍ତେ ।”

ରଜା ମଧ୍ୟ କଥାଟି ବୁଝିଗଲେ । ସଙ୍ଗେ ସଙ୍ଗେ ସେ ସମସ୍ତଙ୍କୁ ନିର୍ଦ୍ଦେଶ ଦେଲେ । ସବୁ ଲୋକ, ଯୋଉମାନେ ଦରବାର ଘରେ ଥିଲେ, ଘର ଛାଡ଼ି ଚାଲିଗଲେ । ରାଜା ଏକାକୀ ହେବାରୁ ବଡ଼ଭାଇ କହିଲା, “ଆଜ୍ଞା ମହିମା, ଆପଣ ପ୍ରକୃତରେ ରାଜା ନୁହନ୍ତି; ଆପଣ ଜଣେ ରାଣୀ ! ଏ ଦେଶର ଉନ୍ନତି କେବଳ ଜଣେ ରାଜା କରିପାରିବେ । ଆପଣ ଯେତେ ଯାହା କଲେ ସଫଳ

Digitized by srujanika@gmail.com

ହେବ କେମିତ ?”

ଛଦ୍ମବେଶୀ ରାଜା ଏ କଥା ଶୁଣି ଚମକିଗଲେ । ସେ କହିଲେ, “ଦେଖ ବିଦେଶୀ, ଏ କଥା ଗୋପନ ରଖ । ଏଠି କେହି ଏ କଥା ଜାଣନ୍ତି ନାହିଁ । ତମେ ପ୍ରଥମେ ଏ କଥା ଜାଣିପାରିଚ । ତେଣୁ ମୋର ଅନୁରୋଧ···”

“କ’ଣ ଅନୁରୋଧ ?”

“ମୋତେ ବିବାହକର ଆଉ ତମେ ଏ ମୁଲକର ରାଜାହୁଅ ।”

“ନା···ନା··· ତା’ତ ମୁଁ କରିପାରିବି ନାହିଁ । ଏବେ ମୋ’ ଭାଗ୍ୟ ଚେତିଚ । ମୋ’ ଭାଗ୍ୟ ଜଳୁଚ । ବହୁଦିନ ଧରି ସେ ଶୋଇରହିଥିଲା । ମୁଁ ଏବେ ମୋ ମାଟିକି ଯିବି । ସେଠି ମୁଁ ଚାଷ କରିବି । ମୋ ମାଟି ମୋତେ ଅପେକ୍ଷା କରି ରହିଚ ।”

“କେତେ ବା ତମର ଜମି କହୁନା ? ମୋ’ର ଏ ବିଶାଳ ରାଜ୍ୟ ପଡ଼ିଚ । ଏଥିରୁ ଯେତେ ଚାହୁଁଚ ନେଇଯାଅ, ମାତ୍ର ରୁହ ଏଇଠି ।”

ବଡ଼ଭାଇ ଏସବୁ ଶୁଣିଲାନି । ସେ ଆଗକୁ ଚାଲିଲା । ଯାଇ ପହଞ୍ଚିଲା ସେଇ ଗ୍ରାମରେ—ଯୋଉ ଚଷା ଘରେ ସେ ରାତିରେ ଅତିଥି ହୋଇଥିଲା । ଚାଷୀଟି ଖୁସିରେ ତାକୁ ସ୍ୱାଗତ ଜଣାଇଲା । ସେ ପଚାରିଲା, “ଭାଗ୍ୟ ତମର ଉଠିଲା ତ ଭାଇ ? ମୋ କଥା ତାକୁ ପଚାରିଲ ତ ?”

“ହଁ ପଚାରିଥିଲି । ସେ କହିଲା, ସେଇ ମାଟିତଳେ ଅନେକ ସୁନା ରୁପା ରହିଚ । ସେଥିଲାଗି ସେ ମାଟିରେ ଭଲ ଫସଲ ହେଉନି । ସେ ସୁନାରୁପାକୁ କାଢ଼ିଦିଅ—ଫସଲ ଭଲହେବ ।”

ଚଷାଟି ଏହାପରେ ଦୁଇଟି କୋଡ଼ି ଆଣିଲା । ସାଙ୍ଗରେ ଗୋଟାଏ ଶାବଳ ମଧ୍ୟ ଆଣିଥାଏ । ଉଭୟେ ସେଇ ଜମି ପାଖକୁ ଗଲେ ଓ ମାଟି ହାଣିଲେ । ଖୋଳୁ ଖୋଳୁ ସେମାନେ ହଣ୍ଡାଏ ଦୁଇ···ତିନି···ସାତଟି ହଣ୍ଡା ପାଇଲେ । ସବୁଗୁଡ଼ାକ ସୁନାଅସରପିରେ ପୂରିଚ । ଚଷାଟି କହିଲା, “ମୁଁ ବୁଢ଼ାହେଲଣି । ମୋ’ର ପୁଅପାଉ ନାହାନ୍ତି—ଅଛି କେବଳ ଝିଅଟିଏ !”

“ତୁମେ ବହୁ କଷ୍ଟକରି ମୋ ପାଇଁ ଏ ସମ୍ବାଦ ଆଣିଚ । ମୋ ସଙ୍ଗେ ମିଶି ଏ ମାଟି ଖୋଳିଚ । ଏ ଯେତେ ସଂପଦ କୋଉ ରଜାମହାରାଜାର ବି ଏତେ ସଂପଦ ନଥିବ । ତମେ ଆଉ ଆମକୁ ଛାଡ଼ି ଯାଅନି···!”

“କଅଣ କହୁଚ ? ମୁଁ ଯିବିନି ? ମାନେ ?”

Digitized by srujanika@gmail.com

"ମାନେ ମୋର ଯୋଉ ଝିଅଟି ଅଛୁ, ତା'କୁ ମୁଁ ତମହାତରେ ଟେକ-ଦେଉଚ । ତମେ ତାକୁ ଗ୍ରହଣକର । ଏସବୁ ସମ୍ପଦ ତମର । ମୋର ଆଉ କଏ ଅଛୁ ଯେ ଭୋଗ କରବ । ତମେ ମୋ'ର ବନ୍ଧୁ, ତମେ ମୋର ଉପକାରୀ, ତମେ ପୁଣି ହେବ ପୁଅ···ସବୁ ।"

"ଦେଖ ମୁଁ ତାହା କରପାରବନ । ମୁଁ ଯାଇଥିଲ ମୋ କପାଳକୁ ଖୋଜ । ବର୍ତ୍ତମାନ ମୁଁ ଫେରଯିବ ମୋ ଗାଁକୁ । ସେଠି ମୋ ଜମିରେ ମୁଁ ଭଲ ଫସଲ ଉତାରପାରବ । ମୁଁ ତମ ସଂପଦକୁ ଲୋଭକରବ କଆଁ ?"

ବୁଢ଼ା ଚଷାଟି ବହୁ ଅନୁନୟ ବିନୟ କଲ; ମାତ୍ର ବଢ଼ଭାଇ ସେ କଥା ଶୁଣିଲନ । ସେ ଫେରଆସିଲ । ବୁଢ଼ାର ମନରେ ଦୁଃଖ ଲେସିହୋଇଗଲ ।

ତା' ପରେ ସେ ଦେଖିଲ ସିଂହକୁ । ସିଂହଟି ବାଟ ଆଗୋଳ ବସିଚ । ସିଂହ ତାକୁ ଅଟକାଇଲ । ଭଲମନ୍ଦ ପଚ୍ଚରିଲ । ବଢ଼ଭାଇ ସବୁକଥା ଗୋଟି ଗୋଟି କର କହିଲ । ସେ ନାଗ-ରଜା, ବୁଢ଼ା ଚଷାର କଥା ବ କହିଲ । ସେଠି ରଜ୍ୟ, ଏଠି ଏତେ ଧନ ଦୌଲତ ସବୁ ସେ ଛାଡ଼ ଆସିଚ । ସେ ଚାଲିଚ ତା' ଗାଁକୁ, କାରଣ ତା' ଭାଗ୍ୟ ଆଜ ଜାଗ୍ରତ ।

"ଆଚ୍ଛା··· ! ତେବେ ମୋ' କଥା କ'ଣ କୁହ ।" ସିଂହ ପଚ୍ଚରିଲ ।

"ଭାଗ୍ୟ କହୁଚ, ତମେ ଯେତେବେଳେ ଗୋଟାଏ ପୂରା ବୋକା ଲୋକକୁ ପାଇବ, ତମେ ତାକୁ ଠିକ ଠିକ କରଦେବ, ଆଉ ଗାଇଁ ଗାଇଁ କର ଖାଇଯିବ । ତା' ହେଲେ ତମର ଆଉ ଏ ଅସୁର ଭୋକ ରହିବନ ।"

ସିଂହ ଟିକେ ଭାବିଲ । ତା'ପରେ କହିଲ, "ହୋ ଭାଇ, ତମେ ଭଲ କଥାଟିଏ କହିଲ । .ହେଲେ ମୁଁ ଦେଖିଥିବା ଲୋକଙ୍କ ଭିତରେ ତମଠୁ ବଳି ବୋକା ଲୋକ ତ ମୁଁ କୋଉଠି ଦେଖିନ । ଏବେ ବୁଝିଲ— ।' ସିଂହ ଏତକ କହି ବଢ଼ଭାଇ ଉପରକୁ ଝାମ୍ପଦେଲ ।

## ରଜା ଜୋହକ

ରଜା ଜୋହକ ଆରବର ରଜା । ସେ ଜେମ୍‌ଶେଦ୍‌ଙ୍କ ଉପରେ ଆକ୍ରମଣ କଲେ । ଜେମ୍‌ଶେଦଙ୍କୁ ହତ୍ୟାକଲେ । ସେ ବଡ଼ ନିଷ୍ଠୁର ରଜା ବୋଲି ଚାରଆଡ଼େ ଅପଯଶ ରଟିଲ । ହେଲେ ଜୋହକ ସବୁଦିନେ ଏମିତ ନଥିଲେ ।

Digitized by srujanika@gmail.com

ଏଥିପୂର୍ବରୁ ସେ ଖୁବ୍ ଭଲ ମଣିଷଟିଏ ଥିଲେ । ବଡ଼ ଦୟାଳୁ, ବଡ଼ ଧାର୍ମିକ । ଦେବତାମାନେ ତାଙ୍କୁ ଖବ୍ ଭଲପାଉଥିଲେ ଓ ଆଶୀର୍ବାଦ କରୁଥିଲେ । ଫଳରେ ତାଙ୍କର ଧନସମ୍ପଦ ଖୁବ୍ ବଢ଼ିଗଲା । ଦେଶରେ ଲୋକେ ଖୁବ୍ ଶାନ୍ତିରେ ସୁଖରେ ରହୁଥିଲେ । ସମସ୍ତେ ତାଙ୍କୁ ଶ୍ରଦ୍ଧା କରୁଥିଲେ । ତାଙ୍କର ଦାନ ଧର୍ମର ସୀମା ନଥାଏ । ଦେଶବିଦେଶର ଅନେକ ଲୋକ ତାଙ୍କ ପାଖକୁ ଆସୁଥିଲେ ।

ଦିନେ ରାଜା ଜୋହକ ଦରବାରରେ ବସି ବିଚାର କରୁଥାନ୍ତି । ଦୂତ ଜଣାଇଲା ଜଣେ ସନ୍ନ୍ୟାସୀ ତାଙ୍କୁ ଦେଖାକରିବାକୁ ଚାହାନ୍ତି । ଜୋହକ ସସମ୍ମାନ ତାହାଙ୍କୁ ଆଣିବାକୁ ଅନୁମତି ଦେଲେ । ଦୂତ ନେଇଆସିଲା ସନ୍ନ୍ୟାସୀଙ୍କି । ସେ ଜଣେ ସାଧୁପୁରୁଷ । ମୁହଁରେ ତାଙ୍କର ଉଜ୍ଜ୍ୱଳ ଜ୍ୟୋତି ଝଲସୁଛି । ଅନେକ ବିଦ୍ୟା ସେ ଜାଣନ୍ତି । ଜୋହକ ଖୁବ୍ ଖୁସିହେଲେ । ଏହି ନୂଆ ସାଧୁ ତାଙ୍କର ସବୁଠୁ ବେଶି ଅନ୍ତରଙ୍ଗ ହେଲେ, ସବୁଠୁ ବେଶି ପ୍ରିୟ ହେଲେ । ଜୋହକ ନୂଆ ସାଧୁଙ୍କୁ ନେଇ ଚାରିଆଡ଼େ ବୁଲିଗଲେ । ସବୁ-ବେଳେ ତାଙ୍କର କଥା ଶୁଣିଲେ । ଏପରି ହେଲା, ଅନ୍ୟ ସାଧୁ ପୁରୁଷଙ୍କୁ ସେ ପାଖରେ ପୂରାଇଲେନି ।

ସେ ସମୟରେ ଜୋହକ ଥିଲେ ଯୁବରାଜ । ସିଂହାସନରେ ଥାଆନ୍ତି ତାଙ୍କର ବାବା । ବୁଢ଼ା ହୋଇ ସେ ରାଜ୍ୟ ଚଳାଉଥାଆନ୍ତି । ଜୋହକ ବାବାଙ୍କୁ ଖୁବ୍ ଭକ୍ତିକରନ୍ତି । ସେ ତାଙ୍କର ବାଧ୍ୟପୁତ୍ର । ବାବାଙ୍କ ପ୍ରତି କଥାକୁ ମାନନ୍ତି । ଏଇପରି ଅନେକ ଦିନ ଗଲା । ଦିନେ ଜୋହକ ଯେତେ ପଚାରିଲେ ବି ନୂଆ ସାଧୁ କିଛି କହିଲେନି । ଶେଷରେ ସାଧୁ କହିଲେ, ସେ ଗୋଟିଏ ସର୍ତ୍ତରେ ଜୋହକଙ୍କୁ କଥା କହିବେ । ଜୋହକ ରାଜିହେଲେ । ସେ ଭାବିଲେ ···ଏ କେଡ଼େ ଭଲ ସାଧୁ ! ତାଙ୍କ ହୃଦୟ କେଡ଼େ ନିର୍ମଳ ଓ ଉଦାର ! କୌଣସି ଗୋଟିଏ ଭଲ କଥା ପାଇଁ ବୋଧହୁଏ ସେ ଜିଦ୍ ଧରିଛନ୍ତି । ତେଣୁ ସେ ହଁଭରିଲେ ତାଙ୍କର ସର୍ତ୍ତ ରଖିବାକୁ ।

ଆଉ ଏ କଥା ଶୁଣି ସାଧୁ ଖୁବ୍ ଖୁସି ହେଲେ । ସେ କହିଲେ, "ଶୁଣନ୍ତୁ ରାଜା ଜୋହକ, ଆପଣଙ୍କୁ ପ୍ରଜାଏ ବହୁତ ଭଲପାଆନ୍ତି । ବୁଢ଼ାରାଜାଙ୍କଠାରୁ ଆପଣ ସେମାନଙ୍କ ପାଖରେ ଅଧିକ ପ୍ରିୟ । ମୁଁ ପ୍ରଜାମାନଙ୍କ ଠାରୁ ଶୁଣିଲି···"

ଜୋହକ ଡରିଗଲେ । ସାଧୁ କ'ଣ କହୁଛନ୍ତି ? ସେ ବାବାଙ୍କୁ ଏ

Digitized by srujanika@gmail.com

କଥାରେ ଚ଼ିଉଛନ୍ତି କଆଁ ? ସେ ପ୍ରକାଶ୍ୟରେ ପଚାରିଲେ, "ସାଧୁଜୀ, କ'ଣ ଶୁଣିଲେ ?"

"ପ୍ରଜାମାନେ ଆପଣଙ୍କ ସପକ୍ଷରେ ବୁଢ଼ାରାଜାଙ୍କ ବିପକ୍ଷରେ ମାତିଛନ୍ତି । ସେମାନେ ଚାହାନ୍ତି ଆପଣ ରାଜା ହେବେ ।"

"ଅସମ୍ଭବ । ବାବା ବଞ୍ଚି ଥାଉ ଥାଉ ମୁଁ ରାଜା ହେବି !"

"ସେଇଥି ପାଇଁ ତ ମୁଁ ପହିଲେ ସର୍ତ୍ତ କରାଇ ନେଇଚି···ଜୋହକ ! ଆପଣ ମୋ କଥା ପାଳିବେ ।"

"ମାନେ···?"

"ମାନେ— ମାନେ ହେଉଚି ଆପଣ ଶୀଘ୍ର ବୁଢ଼ା ରାଜାଙ୍କୁ ମାରି ସିଂହାସନରେ ବସିବେ ।"

ଜୋହକ ଚମକିପଡ଼ିଲେ । ତାଙ୍କ ମୁହଁରୁ ଆନନ୍ଦର ସମସ୍ତ ଚିହ୍ନ ଲିଭିଗଲା । ସେ ବଡ଼ ଅସ୍ଥିର ହୋଇଗଲେ । ହଠାତ୍ ସେଇ ନୂଆ ସାଧୁ ପୁରୁଷଟିର କିଛି ପରିବର୍ତ୍ତନ ଘଟିଥିବା ରାଜା ଜୋହକ ଦେଖିପାରିଲେ । ରାଜା ଦେଖିଲେ, ସାଧୁ ପୁରୁଷର ଦେହରୁ ଗୋଟିଏ ଗୁଇ ବାହାରିଯାଉଚି । ରାଜା ବଡ଼ ବିସ୍ମିତ ହେଲେ । ସେ ଡରି ଡରି ପଚାରିଲେ, "ଆପଣ କିଏ ?"

"ହା—ହା – ହା—! ମୋତେ ଚିହ୍ନିନାହଁ ରାଜା ଜୋହକ, ମୋତେ ଚିହ୍ନିନାହଁ ! ମୁଁ ହେଉଚି ଇବ୍‌ଲିସ୍ । ହା—ହା—ହା— ! ଚିହ୍ନିଲ ତ ରାଜା ! ମୁଁ ଯାହା ଚାହିଁବି ତାହା କରାଇପାରିବି । ମୋତେ ଦେଖି ଦେବତା-ମାନେ ଡରନ୍ତି—ଖାଲି ତମକୁ ପରୀକ୍ଷା କରୁଥିଲି । ମନେରଖ, ତମ ବାବାଙ୍କୁ ମୁଁ ନିଜେ ମାରିବି । ମୁଁ ଚାହେଁ ତମେ ଆରବମାନଙ୍କର ରାଜା ହେବ । ଖାଲି ଏ ରାଜ୍ୟ ନୁହେଁ—ମୁଁ ତମକୁ କରିଦେବି ଗୋଟିଏ ବହୁତ ବଡ଼ ସାମ୍ରାଜ୍ୟର ମାଲିକ; ମାତ୍ର ସେଇ ଗୋଟିଏ ସର୍ତ୍ତରେ—ତମେ ମୋ କଥା ମାନିବ । ହା—ହା—ହା—!" ଏତିକ କହି ଇବ୍‌ଲିସ୍ ଥିର୍ କରି ସେ ସାଧୁଙ୍କ ଦେହକୁ ଫେରିଆସିଲେ ।

ରାଜା ଜୋହକ ବଡ଼ ଦ୍ୱିଧାରେ ପଡ଼ିଗଲେ । ଇବ୍‌ଲିସ୍ କ'ଣ ଚାହୁଁଛନ୍ତି ? ଏଇ ଦୁଷ୍ଟ ଦେବତାଙ୍କ ନାଁ ଶୁଣିଲେ ସମସ୍ତେ ଡରନ୍ତି । ସେ କଆଁ ତାଙ୍କ ଉପରେ ଦୟା କରୁଛନ୍ତି ? ତାଙ୍କ ଦୟାର ଫଳ କ'ଣ ହେବ ? ତାଙ୍କୁ ସାତ ହୀନସ୍ତା କରିବେ ଇବ୍‌ଲିସ୍ ! ରାଜା ଜୋହକ ଏକଥା ଭାବୁଥାନ୍ତି । ଆଉ

Digitized by srujanika@gmail.com

ତାଙ୍କର ଆଖି ଆଗରେ ଇବ୍‌ଲିସ୍ ଗୋଟାଏ ମସ୍ତ ଗମ୍ଭୀରଗାତ ଖୋଳି-ଦେଲେ । ଏ ଗାତଟା ଖୋଳାଗଲା ବୁଢ଼ାରଜାଙ୍କ ପ୍ରାର୍ଥନା ଘର ସାମନାରେ । ବୁଢ଼ା ରଜା ସେଇବାଟେ ଉଆସରୁ ଯାଆନ୍ତି ପ୍ରାର୍ଥନା କରିବାକୁ । ରଜା ଜୋହକ ସେମିତି ଭାବୁଥାନ୍ତି । ଇବ୍‌ଲିସ୍ ଗାତଟିକୁ ଘୋଡ଼ାଇଦେଲେ ପତଳା ଘାସ ଓ ବାଲିରେ । ଜୋହକ କିଛି ବୁଝିପାରୁନଥାନ୍ତି । ତାଙ୍କର ସାମ୍ନାରେ ଆସିଲେ ବୁଢ଼ା ରଜା । ସେ ଧୀରେ ଧୀରେ ପାଦ ପକାଇ ସେଇ ଚିର-ପରିଚିତ ବାଟରେ ଚାଲିଲେ ପ୍ରାର୍ଥନା ମନ୍ଦିରକୁ । ରଜା ଜୋହକ ବାବାଙ୍କୁ କିଛି କହିପାରୁନାହାନ୍ତି । ସେ ବୋକା ବନିଯାଇଛନ୍ତି । ବୁଢ଼ା ରଜା ଗଳି-ପଡ଼ିଲେ ଗାତରେ । ସଙ୍ଗେ ସଙ୍ଗେ ତାଙ୍କ ଉପରେ ବର୍ଷିଗଲା ଧୂଳି, ବାଲି, ଘାସ । ଖିଅନ୍ତା ପୋତି ହୋଇ ପଡ଼ିଲେ ବୁଢ଼ାରଜା—ରଜା ଜୋହକଙ୍କ ବାବା—ଜୋହକଙ୍କ ଆଖି ସାମ୍ନାରେ । ଜୋହକ କିଛି କରିପାରିଲେନି । ସେ ହୋଇଗଲେ ଅଚଳ । ତାଙ୍କ ମୁହଁରୁ ପଦେ କଥା ବି ବାହାରିଲାନି ।

ଏ ଘଟଣା ପରେ—ଜୋହକ ହେଲେ ସମ୍ରାଟ । ଆରବମାନଙ୍କ ସର୍ବେ-ସର୍ବା । ଅପାର କ୍ଷମତା ହାତରେ । ଆଉ ଏ ଜୋହକ ଓ ଆଗର ଜୋହକ ଭିତରେ ଅନେକ ପରିବର୍ତ୍ତନ ଆସିଯାଇଥିଲା । ଏ ଜୋହକ ଧନପାଇଁ ପାଗଳ । ଏ ଜୋହକ ପରର ମୂଲକ ଜିଣିବାରେ ବ୍ୟାକୁଳ । ଏ ଜୋହକଙ୍କ ପେଟରେ ପେଟେ ହିଂସାବୁଦ୍ଧି । ଏଠି ନଥିଲା ଉଦାରତା, ଦାନ, ଧର୍ମ କିଛି ହେଲେ ।

ଆଉ ଦିନେ ସଞ୍ଜବେଳେ—ରଜା ଜୋହକ ଗଡ଼ପଡ଼ ହେଉଥାଆନ୍ତି । ଇବ୍‌ଲିସ୍ ପହଞ୍ଚିଗଲେ—"ରଜା, ମୋର ଶ୍ରେଷ୍ଠ ଅନୁରୋଧଟିଏ !"

"କୁହନ୍ତୁ ଇବ୍‌ଲିସ୍ । ଆପଣଙ୍କ ମନର ସନ୍ତୋଷ ପାଇଁ ମୁଁ ସବୁକିଛି କରିପାରେ । ମୁଁ ହେବାକୁ ଚାହେଁ ସାରା ପୃଥିବୀର ସମ୍ରାଟ । ଆଉ ଆପଣ ନଚାହିଁଲେ ତା' ତ ହୋଇପାରିବନି ।"

"ମୁଁ ଆପଣଙ୍କ କାନ୍ଧକୁ ଟିକିଏ ଛୁଇଁବି ।"

ରଜା ଜୋହକ କାନ୍ଧରୁ ଲୁଗା ଆଡ଼େଇଦେଲେ । ସେ ନଇଁପଡ଼ିଲେ । ଇବ୍‌ଲିସ୍ ଛୁଇଁଦେଲେ, ତା'ପରେ ଅନ୍ତର୍ହିତ ହୋଇଗଲେ । ସଙ୍ଗେ ସଙ୍ଗେ ରଜା ଜୋହକଙ୍କ ସେଇ କାନ୍ଧରୁ ବାହାରିଲେ ଦୁଇଗୋଟା କାଳିଆ ନାଗ ସାପ । ସେ ଦି'ଟା ରଜାଙ୍କ କାନ୍ଧକୁ ଭିଡ଼ି ଧରିଥାନ୍ତି । ରଜା ଗୁହାରି

ହୋଇପଡ଼ିଲେ । ଗୋଟା ମୁଲକର ଯେତେ ଗୁଣିଆ ଆସିଲେ କେହି କିଛି କରିପାରିଲେନି । ଡାକ୍ତର, କବିରାଜ ହାରି ମାନିଲେ । ଇଏତ ରୋଗ ନୁହେଁ ଯେ ଔଷଧ ଦେଇଦେଲେ ଭଲ ହୋଇଯିବ—ଇଏ ଗୋଟେ ଦୈବୀ ମାୟା ! ଇବ୍‌ଲିସ୍ ନିଜେ କରିଛନ୍ତି । ସିଏ ନଦେଲେ ଏଥିରୁ ରକ୍ଷାକରିବ କିଏ ?

ଆଉ ଏଇ ଅବସରରେ ଇବ୍‌ଲିସ୍ ପହଞ୍ଚିଯାଇ କହିଲେ, "ଜୋହକ, ଦୁଇ ସାପ ମୋ'ର, ଲୋଡ଼ନ୍ତି ଦୁଇଗୋଟି ନର— ନିତି ନିତି ସେମାନଙ୍କୁ କାଟି ମୋ' ସାପଙ୍କ ଖାଇବାର ଆୟୋଜନ କର । ନ ହେଲେ ମରଣ ନିଶ୍ଚୟ ତମର । ଖାଲି ତମର ନୁହେଁ ମୃତ୍ୟୁ ହେବ ସାରା ବଂଶଧର-ମାନଙ୍କର ।"

ଜୋହକ ଟିକେ ଉଠି ବସିଲେ । ସେ ଖାଲି ଥରୁଥିଲେ । ହେଲେ, ସାପ ଦି'ଟା ଆଉ କାନ୍ଧରେ ନ ଥିଲେ । ସେ ଟିକେ ଆଶ୍ୱସ୍ତ ହେଲେ । ସଙ୍ଗେ ସଙ୍ଗେ ଇବ୍‌ଲିସ୍‌ଙ୍କର ଶୂନ୍ୟବାଣୀ ମନେପଡ଼ିଲା । ଓହୋ, କି ନିଷ୍ଠୁର କାମ ସେ କରିବେ । ଲୋକ ଲଗାଇଲେ । ଦି'ଟା ଯୁଆନ୍ ଲୋକଙ୍କୁ ବାନ୍ଧି ଆଣି ଓ ମାରିଇ ସାପ ଦି'ଟାଙ୍କୁ ରକତ ପିଆଇଲେ ।

ଏମିତି ଚାଲିଲା ନିର୍ଦ୍ଦ ପ୍ରଥା । ଏହାର ଫଳ ଯା' ହେଉଥିବ । ଆରବ, ଆରବର ଆଖପାଖ ଗାଁଆଡ଼େ ଏ ଖବର ଉବଡବ ହୋଇ ବାଜଗଲା । ଲୋକେ ଜୋହକଙ୍କ ନାଁ ଶୁଣିଲେ ଡରିଲେ ।

ଆଉ ଏପରି ଅବସ୍ଥାରେ ପାରସ୍ୟର ଦୁର୍ଦ୍ଦିନ ଆସିଲା । ସେଠାର ରାଜା ଜେମଶେଦ ଗର୍ବ କଲେ—ଦେବତା ରାଗିଲେ । ପାରସ୍ୟର ଲୋକେ ଜେମଶେଦ୍‌ଙ୍କ ସିଂହାସନକୁ ନେଇଆସିଲେ । ସେମାନେ ଦେଲେ ଜୋହକଙ୍କୁ । ଜେମଶେଦ୍ ଲୁଚି ପଳାଇଲେ । ମାସ ପରେ ଧରାପଡ଼ିଗଲେ ।

ଏ ଭିତରେ ଜୋହକଙ୍କ ନରବଳି କାମ ଚାଲିଥାଏ । ନିତି ଦୁଇଜଣ ମଣିଷ ହାଣ ଖାଉଥାନ୍ତି । ପ୍ରଜାଏ ଅସ୍ଥିର । ପାରସ୍ୟ ପାଇଁ ଏହା ଥିଲା ସଂପୂର୍ଣ୍ଣ ନୂଆ । ତେଣୁ ପାରସ୍ୟ କିଛି ଦିନ ସମ୍ଭାଳିନେଲା । ଜୋହକ ନୂଆ ରାଜା—ତେଣୁ ପୁରୁଣା ରାଜାଙ୍କଠାରୁ ନିଶ୍ଚୟ ଭଲ ।

ଇବ୍‌ଲିସ୍‌ଙ୍କ ଖେଳ ଚାଲିଥାଏ । ସେ ଜୋହକଙ୍କ ଉପରେ ସବୁ ଖେଳ ଚଳାଇଥାଆନ୍ତି । ଦିନେ ରାଜା ଜୋହକ ଶୋଇଥାନ୍ତି । ସେ ଗୋଟିଏ ବିଚିତ୍ର ସ୍ୱପ୍ନ ଦେଖିଲେ । ତିନି ଜଣ ଯୋଦ୍ଧା ତାଙ୍କୁ ଆକ୍ରମଣ କଲେ । ରାଜା

Digitized by srujanika@gmail.com

ସେମାନଙ୍କ ସହ ଲଢ଼ିଲେ । ହେଲେ ପାରିଲେନି । ସବୁଠୁ ସାନ ଯୋଦ୍ଧା ରସିରେ ଜୋହକଙ୍କୁ ବାନ୍ଧି ଟାଣାଟାଣି ନେଉଥାଏ । ରଜା କାତର ଭାବରେ ଚିତ୍କାର କରୁଥାଆନ୍ତି ।

ସ୍ୱପ୍ନର ଏଇ ଅବସ୍ଥାରେ ଜୋହକଙ୍କ ନିଦ ଭାଙ୍ଗିଗଲା । ସେ ସମୟକୁ ଦିନ ହେବାକୁ ଆହୁରି ଅନେକ ଡେରି; ତେଣୁ ରାତି ଥାଏ; ମାତ୍ର ଜୋହକ ଜ୍ୟୋତିଷମାନଙ୍କୁ ଡକେଇଲେ । ସ୍ୱପ୍ନର କଥା ସେମାନଙ୍କ ଆଗରେ ବର୍ଣ୍ଣନା-କଲେ ଓ ଏହାର ଅର୍ଥ ପଚାରିଲେ । ଜ୍ୟୋତିଷମାନେ ଏ କଥା ଶୁଣି ଚୁପ୍ ରହିଲେ । ସେମାନେ ସ୍ୱପ୍ନର ଫଳାଫଳ କ'ଣ ଜାଣିପାରିଥିଲେ; ମାତ୍ର ସେମାନେ ଏ କଥା ରଜାଙ୍କୁ କହୁ ନ ଥିଲେ । ଯେଉଁ ରଜା ଦିନକୁ ଦୁଇ-ଗୋଟି ମଣିଷ ହାଣୁଚି, ତା' ଆଗରେ କହିବାକୁ କିଏ ସାହସ କରିବ ? ତେଣୁ ସେମାନେ ଜାଣି ବି ନ ଜାଣିଲା ପରି ରହିଲେ ।

ରଜା ଅସ୍ଥିର ହେଲେ । ସେ ବାଧ୍ୟ କଲେ ସ୍ୱପ୍ନର ଫଳ ଜାଣିବାକୁ । ଶେଷରେ ସବୁଠୁ ବୁଢ଼ା ଜ୍ଞାନୀ ଜଣେ କହିଲେ, "ଫେରିଦୁନ ବୋଲି ଗୋଟିଏ ପିଲା ଆପଣଙ୍କୁ ମାରିବ, ଆପଣଙ୍କ ସିଂହାସନ ନେବ ।"

ଜୋହକ ଏ କଥା ଶୁଣିଲେ ଓ ରାଗରେ ପାଚିଗଲେ । ଆଁ, ଗୋଟାଏ ପିଲା ତାଙ୍କର ସିଂହାସନ ନେଇଯିବ ? ମୋ'ର ଏତେ ସୈନ୍ୟ ସେନାପତି ! ମୋର ଏତେ ବଳ ! ନା···ନା, ତା' ହୋଇପାରେନି । ସେ ଯେତିକି ଭାବିଲେ ସେତିକି ଅଧିକ ରାଗିଲେ । ଶେଷକୁ ରାଗରେ ପାଗଳ ପ୍ରାୟ ହୋଇଗଲେ । ଜୋହକ ତାଙ୍କର ଗୁପ୍ତଚରମାନଙ୍କ ସର୍ଦ୍ଦାରକୁ ଡକାଇ କହିଲେ, "ଦେଖ, ଫେରିଦୁନ୍ ବୋଲି ପିଲାଟାଏ ଅଛି କି ?" ରଜା ଭାବିଲେ ଏମିତି ପିଲାଟେ ଥିଲେ ସେ ତାକୁ ଜବତ୍ କରିନେବେ । ମୂଳ୍ଚ ମାଇଲେ ଯିବ ସରି—ତାପରେ ତାଙ୍କର କିଛି କ୍ଷତି ହେବନି ।

ତା ପରେ ଜ୍ୟୋତିଷମାନଙ୍କ ସହିତ ଅନେକବାର ସେ ଆଲୋଚନା କଲେ । ଶେଷକୁ ବହୁ ଗଣନା ପରେ ସେମାନେ କେଉଁ ଜାତିର ସେ ପିଲା ଜଣାଇଲେ । ରଜା କହିଲେ ସେଇ ଜାତିର ସବୁ ଲୋକଙ୍କୁ ବାନ୍ଧିଆଣ । ଫେରିଦୁନ୍‌ର ବାବା ଏ କଥା ଶୁଣିଲେ । ସେ ଡରରେ ଘର ଛାଡ଼ି ପଳେଇଲେ; କିନ୍ତୁ ଧରାପଡ଼ିଗଲେ; ମାତ୍ର ମା' କୌଣସିମତେ ଖସିଗଲେ । ସାଥିରେ ସେ ନେଇଗଲେ ଶିଶୁ ଫେରିଦୁନ୍‌କୁ ।

Digitized by srujanika@gmail.com

ଏଲବର୍ଜ ପାହାଡ଼ ଅଞ୍ଚଳଟା ଘୋର ଜଙ୍ଗଲମୟ । ସେ ଅଞ୍ଚଳରେ ପାହାଡ଼ୀ ଲୋକମାନେ ରହନ୍ତି । ସେଇ ପାହାଡ଼ୀମାନଙ୍କ ମଧ୍ୟରେ ଜଣେ ବଡ଼ ଧାର୍ମିକ ଲୋକ ଥାଏ । ଫେରଦୁନ୍‌ର ମା ଛୁଆଟିକ ତାହାର ପାଖରେ ଛାଡ଼ିଦେଲେ । ସେ ଲୋକଟି ଶିଶୁଟିକୁ ଖୁବ୍ ଆଦର ଯତ୍ନରେ ପାଳୁଥାଏ । ଫେରଦୁନ୍‌ର ମା ଏ ଗାଁରୁ ସେ ଗାଁକୁ ବୁଲୁଥାନ୍ତି । ସେ ଜୋହକଙ୍କ ଖବର ପାଇଁ ଟାକବସିଥାନ୍ତି ।

ଠିକ୍ ତିନି ବର୍ଷ ପରେ—ଫେରଦୁନ୍‌ର ମା ସେ ଲୋକଟିର ପାଖରେ ପହଞ୍ଚିଲେ । କହିଲେ, "ଦେବତାମାନେ ମୋତେ ସପନେଇଛନ୍ତି, ଏ ଛୁଆ ଏଠି ଆଉ ଶାନ୍ତିରେ ରହିପାରିବନି । ତାକୁ ଆଉ କୋଉଠି ରଖିବାକୁ ହେବ ।" ଏ କଥା କହି ଛୁଆଟିକ ଧରିଲେ । ସେ ଜଙ୍ଗଲେ ଜଙ୍ଗଲେ କୁଆଡ଼େ କୁଆଡ଼େ ଚାଲିଗଲେ ।

ଆଉ ଏ ଘଟଣାର ପରଦିନ ପ୍ରାୟ ସେତିକ ସମୟ ପରେ, ସେଇଠି ଦେଖାଦେଲେ ଜୋହକ । ସାଥିରେ ତାଙ୍କର ସୈନ୍ୟଦଳ । ସେମାନେ ସେଇ ପାହାଡ଼ୀ ଲୋକଟିକୁ ଗୁଡ଼େଇ ଭୁଡ଼େଇ ପଚାରିଲେ । ତା ଠାରୁ ଫେରଦୁନ ବିଷୟରେ କିଛିହେଲେ ଖବର ପାଇପାରିଲେନି । ତା'ପରେ ସେ ଧାର୍ମିକ ଲୋକଟି ସବଂଶେ ହାଣ ମୁହଁରେ ଗଲେ । ଜୋହକ ଘାଇଲା ବାଘ ପରି ପାଖଆଖକୁ ଧନ୍ଦାଳ ପକାଇଲେ । ସବୁ ବୃଥା ଗଲା । ଫେରଦୁନ୍‌ର କୌଣସି ସୁରାକ୍ ସେ ପାଇପାରିଲେନି । ସେ ରାଗିମାଗି ଫେରିଲେ ଉଆସକୁ ।

ଏଲବର୍ଜର ବଣଲତା ଭିତରେ ଲୁଚି ଲୁଚି ବୁଲୁଥାନ୍ତି ଫେରଦୁନ୍‌ର ମା' । ସେ ଦେବତାଙ୍କୁ ପ୍ରାର୍ଥନା କରୁଥାନ୍ତି ତାଙ୍କ ରଙ୍କରତନଟିର ରକ୍ଷାପାଇଁ । ଦେମାବେଂଦ ଆଗ୍ନେୟ ପର୍ବତ ପାଖରେ ସେ ଦେଖିଲେ ଜଣେ ଋଷିଙ୍କି । ଋଷି ଜଣକ ରହୁଥିଲେ ଗୋଟିଏ ଗୁମ୍ଫାରେ । ସେଇଠି ମା' ପୁଅ ଆଶ୍ରୟ ନେଲେ । ସେମାନେ ଆଉ ଡରିବେ କାହାକୁ !

ବଣ ପାହାଡ଼ରେ ବୁଲୁଥାଏ ଫେରଦୁନ୍ । ସେ ବିଲ୍‌କୁଲ୍ ବଣୁଆ ହୋଇଯାଇଥାଏ । ବଣର ସବୁ ଅନ୍ଧକନ୍ଧି ସେ ନିର୍ଭୟରେ ଯାଉଥାଏ । ପଶୁପକ୍ଷୀ, ସାପ, କୀଟ, ପତଙ୍ଗ କାହାକୁ ତା'ର ଖାତର୍ ନଥାଏ । ଦିନେ ପିଲାଟି ଏକା ବୁଲୁଥାଏ, ହଠାତ୍ ଗୋଟାଏ ଗମ୍ଭୀର ସ୍ୱର ସେ ଶୁଣିଲା :

Digitized by srujanika@gmail.com

ଫେରଦୁନ୍ ଶୁଣ ଦେବତାମାନଙ୍କ ରାୟ ,
ତୁମେ ଦିନେ ରଣେ ଜୋହକେ କରିବ ଜୟ ।
ପାରସ୍ୟ ମୂଲକ ସିଂହାସନ ପରେ ବସି,
ଚଳାଇବ ରାଇଜ, ପରଜା ହୋଇବେ ଖୁସି ।

ଫେରଦୁନ୍ ଭାବୁଥିଲା ସିଏ ଏକା । ହେଲେ, ଏ ଅଦ୍ଭୁତ ସ୍ୱର ପୁଣି ଆସିଲା କୋଉଠୁ ? ସେ ଚାରିଆଡ଼କୁ ଅନାଇଲା । ଓ ! ଏଇ ଡାହାଣ ପାଖରେ—ଅଳ୍ପ ଦୂରରେ କ'ଣ ଗୋଟାଏ ଧୂଇ ଧୂଇ ଦେଖାଯାଉଛି । ସେଇ ଧୂଇଟା ଗାଢ଼ ମେଘ ପରି ଭାସିଗଲା । ତା'ପରେ ସେଇ ମେଘରୁ ବାହାରି ଆସିଲା ଗୋଟାଏ ବିରାଟକାୟ ଜେନଅସ୍ । ସେଇ ଜେନଅସ୍‌ଟି ମଣିଷ ଓ ଦେବତାର ମିଶାମିଶି ରୂପ । ସେ ଉପରକୁ ହାତ ଟେକି କହିଲା :

"ଡର ନାହିଁ ବାବୁ, କର ନାହିଁ କିଛି ଭୟ,
ଶୁଣିଲ ତ ସବୁ ଦେବତାର କସ ରାୟ !
ମୁଁ ଆସିଛି ହେବ ତୁମ ସାଥୀ ସହଚର,
ଜୋହକ ମରିବ ତମରି ଖଡ଼ଗ ଧାର ।"

ସେହି ମୁହୂର୍ତ୍ତରୁ ସେ ଜେନଅସ୍‌ଟି ଫେରଦୁନ୍‌କୁ ଅନେକ କଥା ଶିଖାଇଲା । ଘୋଡ଼ା ଚଢ଼ିବା, ଘୋଡ଼ାରେ ବସି ଲଢ଼ିବା, ଖଣ୍ଡା ଚଳାଇବା, ବର୍ଚ୍ଛା ଫିଙ୍ଗିବା ଇତ୍ୟାଦି ଯୁଦ୍ଧର ଅନେକ କୌଶଳ ସେ ଶିଖାଇଲା । ଫେରଦୁନ୍ ସେ ସବୁ ବିଦ୍ୟା ଷୋହଳ ବର୍ଷ ହେବାଯାଏ ଶିଖୁଥାଏ ।

ଏ ବେଳକୁ ସେ ଅଦ୍ଭୁତ କୌଶଳୀ ହୋଇଯାଇଥାଏ । ତା' ଆଖିରେ ଥିଲା ଇଗଲର ତୀକ୍ଷ୍ଣତା । ତା ବାହୁରେ ଥିଲା ସିଂହର ବଳ ଓ ପାଦରେ ଥିଲା ଚିତାବାଘର ଗତି । ସେ ଦିନେ ମାଆଙ୍କୁ କହିଲା, "ତମେ ଜାଣ ତ ମାଆ, ବାବାଙ୍କୁ ଜୋହକ ମାରିଛି ।"

"ହଁ ରେ ବାବା, ସେ ରଜା—!"

"କିନ୍ତୁ ମା', ରଜାକୁ ଏ ଅଧିକାର ଦେଲା କିଏ ? ବଳୁଆ ବୋଲି ନିବଳୁଆକୁ ମାରିଦେବ ? ମଣିଷ ତ ଏହା କରିପାରେନା । ମୁଁ ଏହାର ପ୍ରତିଶୋଧ ନେବି ମା !" ମା' କହିଲେ—"ନା—ନା ବାବା, ତୁ ପିଲା-ଲୋକ । ଜୋହକ ଖୁବ୍ ବଳୁଆ ଆଉ ରଜା । ତା' ହାତରେ କେତେ ସୈନ୍ୟ । ତୁ ତାକୁ ଯୁଦ୍ଧରେ ପାରିବୁନି ।"

Digitized by srujanika@gmail.com

"ଅରେ ପରଖ ହୋଇଯାଉ ନା ମା ! ଦେଖ, ତମ ପୁଅ ଆଉ ଜୋହକ ଭିତରେ କଏ ପାରୁଚ ! !"

"ନା—ରେ—ନା, ତୋ ବାବା ଚାଲିଗଲା ପରେ ତୋ'ର ମୁହଁକୁ ଚାହିଁ ମୁଁ ପ୍ରାଣ ଧରିଚ । ତୁ ଚାଲିଗଲେ ମୋର ଭେଳା ବୁଡ଼ିଯିବ । ମୁଁ ଚନ୍ତାରେ ମରିଯିବିରେ ବାବା !"

"ମୋର କିଛି ହେବନି ମା ! ଦେବତାମାନେ ଧର୍ମର ସାହା ହୁଅନ୍ତି ପରା ! ଯିଏ ଅନ୍ୟାୟୀ, ଅଧର୍ମୀ ତାର ପରାଜୟ ନିଶ୍ଚୟ ହେବ । ମୋତେ ଆଉ ମନାକରନି ମା—ମୁଁ ଚାଲିଲି । ମୋ ବାବାଙ୍କୁ ଯିଏ ମାରିଚ ତାକୁ ନ ମାରିବା ଯାଏଁ ମୁଁ ଆଉ ଫେରୁନି···।" ଫେରିଦୁନ୍ ଏତକ କହିଲା । ଜେନଅସ୍ ଦେଇଥିବା ଅସ୍ତ୍ରଶସ୍ତ୍ର ଧରିଲା । ଚଢ଼ିଲା ଗୋଟେ ଧଳାଘୋଡ଼ା । ଦେମାବେନ୍ଦର ଗିରିଖୋଲ ଛାଡ଼ି ସେ ଚାଲିଲା ଲୋକବସତି ଆଡ଼କୁ ।

ନୂଆ ବେଶରେ ଫେରିଦୁନ୍ ଖୁବ୍ ସୁନ୍ଦର ଦିଶୁଥାଏ । ମୁଣ୍ଡଠୁ ଗୋଡ଼-ଯାଏ ସୁନାର କବଚ । ମୁଣ୍ଡରେ ରତ୍ନର ମୁକୁଟ । ଢାଲ ପୁଣି ରତ୍ନମୟ । ହାତରେ ଗୋଟାଏ ବିରାଟ ଗଦା, ଗଦାଟି ଗାଈମୁଣ୍ଡର ଆକାର । ଏଇ ଗାଈ ତା'ର ପିଲାଦିନର ସାଥୀ ପରା ! ଏଇ ଗାଈର କ୍ଷୀର ପିଇ ସେ ବଞ୍ଚିଥିଲା । ସେଥିଲାଗି ଗଦା ତା'ର ଗାଈମୁଣ୍ଡର ଆକାର ।

ଜେନଅସ୍‌ର ପରାମର୍ଶ ନେଇ ସେ ରାଜଧାନୀ ଆଡ଼କୁ ଚାଲିଲା । ଏଇଠି ଦିନେ ଜେମ୍‌ଶେଦ୍ ରାଜା ଥିଲେ । ଏଇ ରାଜଧାନୀରୁ ସେ ପାରସ୍ୟ ଚଳାଉ-ଥିଲେ । ଏ ସହରର ବାରଗୋଟି ଫାଟକ । ସେ ସହର ନିକଟକୁ ଆସିବା-ବେଳେ ଏକ ବିଚିତ୍ର ଦୃଶ୍ୟ ଦେଖିଲା । ହଜାର ହଜାର ଲୋକ ପାଟିକରି ଆସୁଥିଲେ । ଏ ଜନତାର ଆଗରେ ଜଣେ ଲୋକ ଥାଏ । ସେ ହାତରେ ଧରିଥାଏ ଗୋଟାଏ ବିରାଟ ବର୍ଛା । ବେଶ୍ ସାହସୀ, ବଳୁଆ ଲୋକଟି । ତା ନାଁ କାବା । ସେ ଜଣେ କମାର । ଆଜି ସକାଳେ ତା'ର ଦୁଇ ପୁଅକୁ ଜୋହକର ଲୋକେ ଧରିନେଇଛନ୍ତି । ଜୋହକ କାନ୍ଧରୁ ଯେଉଁ ସାପ ଦି'ଟା ବାହାରିଛନ୍ତି, ସେଇମାନଙ୍କ ପାଖରେ ବଳିପଡ଼ିବେ ଏ ଦୁଇଭାଇ । କାବା ଏକଥା ସହିପାରିଲାନି । ସେ ପାଗଳ ହୋଇଗଲା ଦୁଃଖରେ । ସେ ସହର ବଜାରକୁ କମ୍ପାଇଦେଲା । ଲୋକମାନଙ୍କୁ ମତେଇଲା—"କେତେଦିନ ଆଉ ଏମିତି ଅନାଚାରର ସହିବରେ ? ପାରସ୍ୟ କ'ଣ ମଣିଷହୀନ ହୋଇଗଲା ? ଚାଲ, ଆମେ ସବୁ ଏକାଠି ହେବା । ଘୋଡ଼ାକୁ ଘୋଡ଼ା ସରିନୁହେଁ । ଆମେ ହଜାର

Digitized by srujanika@gmail.com

ହଜାର । ଜୋହକ ଗୋଟାଏ ଚୋର । ଚାଲ ତାକୁ ତଡ଼ିଦେବା । ପାରସ୍ୟ ଆମର ଦେଶ । ସେ ଦେଶ ହେବ ଆମର ।" ସେ ପାଟି କରୁଥାଏ, "ଆମପାଇଁ ଜନ୍ମ ନେଇଚ ଫେରଦୁନ୍ । ସେ ଆମର ନେତା । ଦେବତା-ମାନେ କହିଛନ୍ତି, ଆମକୁ ଉଦ୍ଧାର କରିବାକୁ ଫେରଦୁନ୍ ଆସିଚ । ଚାଲୁନା ଖୋଜିବା ତାକୁ ।"

ସେମାନଙ୍କୁ ନେଇ କାବା ପାଗଳ ପରି ଚାଲିଥାଏ । ସେ ଖୋଜ ବାହାରିଚ ଫେରଦୁନ୍‌କୁ । ଆଉ ଫେରଦୁନ୍ ଅଖୋଜା ଆସି ସେମାନଙ୍କ ଆଗରେ ହାଜର । ଅତି ଚମତ୍କାର ଏ ଜଣେ ଯୁବକ । ସଙ୍ଗରେ କେହି ନାହିଁ । ଧଳାଘୋଡ଼ା ଚଢ଼ି ଏ ଜ୍ୟୋତିମାନ୍ ଯୁବକ କ'ଣ ସହର ଭିତରେ ପଶୁଚ ! କିଏ ସେ ? ସମସ୍ତେ ଜାଣିବାକୁ ଚାହାନ୍ତି···କିଏ ସେ ! ସମସ୍ତେ ଅଟକିଗଲେ, ସମସ୍ତେ ଚାହିଁରହିଲେ ।

ହଠାତ୍ କିଏ ଜଣେ କହିଉଠିଲା : ଫେରଦୁନ୍, ଫେରଦୁନ୍ ଜିନ୍ଦାବାଦ—ଜିନ୍ଦାବାଦ !! ପାରସ୍ୟର ମୁକ୍ତିଦାତା ଜିନ୍ଦାବାଦ୍—ଜିନ୍ଦାବାଦ୍ !! ତା'ପରେ ଫେରଦୁନ୍‌ର ଜୟଜୟକାର ଧ୍ୱନିରେ ଆକାଶ ବତାଶ ସବୁ ଫାଟି-ଉଠିଲା । ଲୋକେ ଏଇ ନୂଆ ନେତାର ପଛରେ ଧାଡ଼ି ଲମ୍ବାଇଲେ । କେବଳ ସେତିକ ନୁହେଁ—ସେମାନେ ଫେରଦୁନ୍‌ର ପାଦତଳେ ଲମ୍ବ ଲମ୍ବ ଶୋଇଗଲେ—"ତମେ ଆମକୁ ରକ୍ଷାକର···ଜୋହକର ଅତ୍ୟାଚାରରୁ ଆମକୁ ରକ୍ଷାକର । ତୁମେ ଆମର ରକ୍ଷାକର୍ତ୍ତା—ଭାଗ୍ୟବିଧାତା ।" ସେମାନେ ତାକୁ ସମ୍ରାଟ ବୋଲି ମାନିନେଲେ ।

ଫେରଦୁନ୍ ଏମାନଙ୍କୁ ଉଠିବାକୁ କହିଲା । ସେମାନଙ୍କ ପାଇଁ ସେ ଲଢ଼ିବ । ଜୋହକକୁ ତଡ଼ିବାକୁ ପ୍ରତିଜ୍ଞା କଲା । ସେ ସହରର ଗଳିକନ୍ଦି ଭିତରେ ଧଳାଘୋଡ଼ା ଚଢ଼ି ଚାଲିଲା । ପଛରେ ତା'ର ଅଗଣିତ ଜନତା । କିଏ କାଠ-କାମ କରୁଥିଲା ସେ ଆସି ହାଜର । କିଏ କଂସାବାସନ ଗଢ଼ୁଥିଲା, ସେ ପଣ୍ଟିଆରରେ ମିଶିଲା । ଏହିପରି ସହର ବଜାରର ସବୁ ଲୋକ ଫେରଦୁନ୍‌ର ପଛରେ ଠିଆହେଲେ । ସେ ଚାଲିଲା ଉଆସକୁ । ଉଆସରେ କିନ୍ତୁ ନଥିଲା ଜୋହକ । ଇବ୍‌ଲିସ୍ ତାକୁ ଆଗରୁ ଜଣାଇ ଦେଇଥିଲା । ତେଣୁ ଡରୁଆ ଜୋହକ ପ୍ରାଣବିକଳରେ ଟାଇଗ୍ରୀସ୍ ନଦୀ ଉପରେ ନୌକା ଭସାଇ ବାଗ୍‌ଦାଦ୍‌କୁ ପଳାଇଯାଇଥାଏ ।

Digitized by srujanika@gmail.com

ଲୋକମାନେ ଚାହିଁଲେ ଫେରଦୁନ୍‌କୁ । ସେ କହିଲା, "ଭାଇମାନେ, ଅନାଚାରୀ ଯାଇଛି ପଳାଇ । ସେହି କାପୁରୁଷ ଜୋହକ ଆଉ ଏଠାରେ ନାହିଁ । ଚାଲ ଆମେ ତାକୁ ଲୁଚିବା ସ୍ଥାନରୁ ଭିଡ଼ିଆଣିବା ଆଉ ଦଣ୍ଡଦେବା ।"

ଫେରଦୁନ୍—ଫେରଦୁନ୍—ଜିନ୍ଦାବାଦ—ଜିନ୍ଦାବାଦ, ଏଇ ଧ୍ୱନିଦେଇ ଲୋକ ଚାଲିଲେ । ବାଗ୍‌ଦାଦ ଅନେକ ଦୂର । ରାସ୍ତା ଭୀଷଣ ଖରାପ । ପଥର ପାହାଡ଼ ଭରା । କୋଉଠି ବାଲିପୂର୍ଣ୍ଣ ମରୁଅଞ୍ଚଳ । ମାତ୍ର ଧନ୍ୟ ସେ ଜେନଅସ୍‌କୁ—ପାରସ୍ୟବାସୀ ଯୋଉଠି ରାତିରେ ରହିବେ, ସେମାନଙ୍କ ପାଇଁ ହଜାର ହଜାର ତମ୍ବୁ କିଏ ସଜାଇ ଦେଇଛି । ସେମାନଙ୍କ ପାଇଁ ଝରୁଛି ଶୀତଳ ଜଳର ଝରଣା । ରନ୍ଧା ହୋଇଛି ଲକ୍ଷ ଲକ୍ଷ ଥାଳର ଖାଦ୍ୟ । ସେମାନଙ୍କର କୌଣସି ଅସୁବିଧା ହେଉନି । ସେମାନେ ମାଡ଼ିଚାଲିଛନ୍ତି । ପାହାଡ଼ ସମତଳ ହୋଇଯାଉଛି । ସୂର୍ଯ୍ୟକିରଣ ଶୀତଳ ହେଉଛି । ବାଲି ତାତୁ ନାହିଁ । ମରୁଭୂମିରେ ଯିବା ବି କଷ୍ଟକର ନୁହେଁ ।

ସେମାନେ ଠିକ୍ ଜାଗାରେ ଆସି ପହଞ୍ଚିଲେ । ଆଗରେ ଟାଇଗ୍ରୀସ୍ । ଗଭୀର ଜଳସ୍ରୋତ । ସେ ପାଖରେ ମେଘନାଦ ପାଚେରୀ ଭିତରେ ଦୁର୍ଗଟାଏ । ସେଇଠି ଲୁଚିଥିଲେ ଜୋହକ । ତାଙ୍କ ପାଖରେ ହଜାର ହଜାର ଗୁଣିଆ । ଏଇଠି ସେ ଜନପଦ । ନଦୀ ଉପରେ ପୋଲ ନାହିଁ । ସହରରେ କେଉଁଠି ମାତ୍ର ନାଆ ।

ଫେରଦୁନ୍ ଜନତାର ଆଗରେ । ସେ ଟାଇଗ୍ରୀସ୍‌କୁ ସାମ୍ନାରେ ଦେଖୁଛି । ସେ କେମିତି ପାରିହେବ ! ପାରି ନହେଲେ ଜୋହକ ଉପରେ ପ୍ରତିଶୋଧ ନେବ କିପରି ? ସେ ଭଗବାନଙ୍କୁ ଡାକିଲା । ଡାକିଲା ଦେବତା-ମାନଙ୍କୁ । ତା'ପରେ ତା'ର ଧଳା ଘୋଡ଼ାକୁ ନେଇ ସେ ଟାଇଗ୍ରୀସ୍ ଭିତରକୁ ପଶିଲା—ଆଉ ଟାଇଗ୍ରୀସ୍ ଶୁଖିଗଲା । ଫେରଦୁନ୍‌ର ପଛେ ପଛେ ପାରସ୍ୟର ବିରାଟ ଜନତା ପଶିଲା ନଈରେ । ସେମାନେ ଚାଲିଲେ ସେଇ ଦୁର୍ଗ ଆଡ଼କୁ । ସେମାନେ ଦୁର୍ଗ ବାହାରେ ପହଞ୍ଚିଲେ । ଜେନଅସ୍ ଫେରଦୁନ୍‌ର ହାତରେ ଧରାଇ ଦେଲା ଗୋଟାଏ କୁହୁକ ବାଡ଼ି । ଫେରଦୁନ୍ ସେ ବାଡ଼ି ଛୁଆଇଁ-ଦେଲା ପାଚେରୀରେ । ପାଚେରୀଟା ଭୁସ୍‌ଭାସ୍ ହୋଇ ଭାଙ୍ଗିଗଲା । ଯୋଉ ଭୂତ, ପ୍ରେତ, ପିଶାଚମାନେ ସେ ଦୁର୍ଗକୁ ଜଗିଥିଲେ ସବୁ ଉଡ଼ିଗଲେ । ଭଲ ପାଖରେ ମନ୍ଦ କୋଉଦିନ ଟେକିଛି !

Digitized by srujanika@gmail.com

କିନ୍ତୁ ସେଠି ଜୋହକ ନଥିଲେ । ଇବ୍‌ଲିସ୍ ତାଙ୍କୁ ନେଇଯାଇଥିଲା । ତାଙ୍କ ସହିତ ଆରବସୈନ୍ୟ ବି ନଥିଲେ । ସେମାନଙ୍କୁ ଇବ୍‌ଲିସ୍ ନେଇଯାଇଥିଲା ସୁଦୂର ଗିରିତଳକୁ । ଫେରଦୁନ୍ ଛାଡ଼ିବାର ପିଲା ନୁହେଁ । ସେ ଗୋଡ଼ାଇଲା । ସେମାନେ ଅଳ୍ପ ଦୂର ଯାଇଥାଆନ୍ତି—ସେଠି ଆରବ ସୈନ୍ୟମାନଙ୍କୁ ଭେଟିଲେ । ଏ ସୈନ୍ୟମାନେ କହିଲେ—ସେମାନେ ଜୋହକଙ୍କୁ ଆଉ ମାନିବେନି ।

କିନ୍ତୁ ଜୋହକ ଏଥର ପ୍ରତିଜ୍ଞା କଲା । ନା, ସେ ତାକୁ ଆଉ ଛାଡ଼ିବନି । ଫେରଦୁନ୍‌କୁ ସେ ନିଶ୍ଚୟ ହତ୍ୟାକରିବ । ହତ୍ୟା କରିବ ଏକାକୀ । ସେ ବେଶ ବଦଳାଇଲା । ସେ ଜାଣେ ଫେରଦୁନ୍ କେଉଁଠି ଥିବ । ଯେଉଁ ତମ୍ବୁରେ ପାରସ୍ୟର ପତାକା ଉଡ଼ୁଥାଏ ସେଇ ତମ୍ବୁକୁ ସେ ଲକ୍ଷ୍ୟ କଲା ।

ସେଇ ତମ୍ବୁରେ ଥିବ ଫେରଦୁନ୍ । ଜୋହକ ତମ୍ବୁର କପଡ଼ା ଟେକି ତା' ଭିତରେ ଗୁରୁଣ୍ଡି ପଶିଲା । ସେ ଦେଖିଲା ଅଳ୍ପ ଦୂରରେ ଶୋଇଛି ତା' ଶତ୍ରୁ । ସେ ଚୁପ୍‌ଚାପ୍ ତା' ଖଣ୍ଡା ବାହାରକଲା । ଭାବିଲା ଏଇ ଏକ ସୁବର୍ଣ୍ଣ ସୁଯୋଗ । ଏଇ ସୁଯୋଗ ତାକୁ ଆଣିଦେବ ଅନେକ କିଛି । ସେ ଖଣ୍ଡା କାଢ଼ି ଆଗେଇଗଲା । କିନ୍ତୁ ସେଇ ଜେନଅସ୍—ଯିଏ ଫେରଦୁନ୍‌କୁ ପିଲାଟିବେଳରୁ ସବୁ ସମୟରେ ଜଗିଛି, ସିଏ ଠିକ୍ ସମୟରେ ତାକୁ ଉଠାଇଦେଲା । ଫେରଦୁନ୍ ନିଦରୁ ଖାଲି ଉଠିଲାନି ସେ ଡେଇଁପଡ଼ିଲା । ତା' ଶେଯ ପାଖରେ ଥିଲା ଗଦାଟାଏ । ସେଇ ଗଦାରେ ସେ ଆକ୍ରମଣ କଲା ଜୋହକଙ୍କୁ । ଜୋହକ ଗଦା ମାଡ଼ ଖାଇ ତଳେ ପଡ଼ିଗଲା । ଫେରଦୁନ୍ ତାକୁ ମାରିବାକୁ ଗଲା-ବେଳେ ଗୋଟିଏ ଶୂନ୍ୟବାଣୀ ହେଲା, "କ୍ଷାନ୍ତହୁଅ—କ୍ଷାନ୍ତ ହୁଅ ଫେରଦୁନ୍ !"

ଫେରଦୁନ୍ ଅଟକିଗଲା । ସେ ସ୍ୱର ପୁଣି କହିଲା, "ଜୋହକର ପାପ ଅସୀମ । ଦେବତାମାନେ ଠିକ୍ କରିଛନ୍ତି ତାକୁ ଲୁହା ଶିକୁଳିରେ ବନ୍ଧାଯିବ । ତା'ପରେ ତାକୁ ଘୋଷାରି ଘୋଷାରି ନେଇ ଜେମାବେଂଦର ଗହ୍ୱରରେ ପକାଇଦିଆଯିବ । ସେଇଠି ସେ ଭଜି ହୋଇ ମରିବାଯାଏ ରହିବ । ତା' ପାପର ସୀମା ନାହିଁ, ତେଣୁ ତା' ପ୍ରତି ଏଇ ଦଣ୍ଡ ।"

ଏକଥା ନ ସରୁଣୁ କୌଣସି ଅଦୃଶ୍ୟ ହାତ ଜୋହକଙ୍କୁ ଲୁହାଶିକୁଳିରେ ବାନ୍ଧିପକାଇଲା । ତାକୁ କେହି ଜଣେ ଘୋଷାରି ଘୋଷାରି ନେଉଥିଲା ସେଇ ଆଗ୍ନେୟ ଗହ୍ୱରକୁ ।

ଆଉ ଫେରଦୁନ୍ ହେଲେ ପାରସ୍ୟର ସମ୍ରାଟ । ତାଙ୍କ ରାଜୁତିରେ ପାରସ୍ୟ ଧନଧାନ୍ୟରେ ଭରିଗଲା ।

Digitized by srujanika@gmail.com

# ସୁନାର ରୁଖା

ଜଣେ ଧନୀ ସୌଦାଗର ଥାଏ । ତା'ର ଗୋଟିଏ ବୋଲି ଝୁଅ ଥାଏ । ସେଇଟି ଗୋଟିଏ ଝିଅ । ଝିଅଟି ଖୁବ୍ ସୁନ୍ଦରୀ । ପିଲାଟି ଦିନରୁ ସେ ତା' ମା'କୁ ହରାଇଥିଲା । ସୌଦାଗର ଏ ଝିଅଟିକୁ ପାଳନ କରୁଥାଏ । ସୌଦାଗରର ଜଣେ ବନ୍ଧୁ ଥାଏ । ଲୋକଟି ଖୁବ୍ ଅସୁନ୍ଦର । ବୁଢ଼ାଲୋକ । ତା'ର ଥାଏ ଅଚଳାଚଳ ସମ୍ପଦ । ସୌଦାଗରର ଆଖି ଥାଏ ବୁଢ଼ାର ଧନ ଉପରେ । ତେଣୁ ସେ ଭାବୁଥାଏ ବୁଢ଼ା ସଙ୍ଗେ ତା' ଝିଅକୁ ଛନ୍ଦିଦେବ । ମାତ୍ର ଝିଅଟି ଖୁବ୍ ସୁନ୍ଦରୀ ଥିବାରୁ ତା' ହାତ ଧରିବା ପାଇଁ ବହୁତ ଲୋକ ଇଚ୍ଛା କରୁଥିଲେ । ସୌଦାଗରର ଏଇ ଲୋକମାନଙ୍କୁ ଡର । ସେମାନଙ୍କଠୁ ଝିଅକୁ ଲୁଚାଇ ରଖିବାକୁ ସେ ଅନେକ ଉପାୟ କରୁଥାଏ । ସେ ଝିଅଟିକୁ ଗୋଟାଏ ଘରେ ବନ୍ଦୀକରି ରଖିଥାଏ ।

ଝିଅଟି ବାବାର ମନକଥା ଜାଣିଥାଏ । ବରଷାର ଟିକି ମନଟି ଶୁଖି-ଯାଇଥାଏ । ଗୋଟାଏ ବୁଢ଼ା ବରକୁ କୋଡ଼ ଯୁବତୀ ଝିଅ ବାହାହେବାକୁ ବା ଚାହିଁବ ! ସେ ବାବାକୁ ତା'ର ମନକଥା କହିଲା । ମାତ୍ର ସୌଦାଗର ଝିଅର କଥା ଶୁଣିବାକୁ ନାରାଜ । ବରଂ ଝିଅ ତା' ବନ୍ଧୁକୁ ବାହାହେବାକୁ ମନା କରୁଚି ଜାଣି ସୌଦାଗରର ଜିଦ୍ ବଢ଼ିଗଲା । ସେ କହିଲା—"ବଜାତ ଟୋକି, ମୋ' କଥା ରଖିବୁନି ! ଦେଖିବ ତୋ' ପିଠିରେ କଏ ପଡ଼ିବ !" ସୌଦାଗର ଏକରକମ ସ୍ଥିର କରିନେଇଚି, ବୁଢ଼ାର ବୟସ ଯେତେ ହେଉ ପଛେ ଝିଅ ତାକୁଇ ବାହାହେବ ।

ଶେଷରେ ଝିଅ ବାଧ୍ୟ ହେଇ ବାବାର କଥାରେ ରାଜିହେଲା । ମାତ୍ର ତା' ଆଗରୁ ସେ ଗୋଟିଏ ସର୍ତ୍ତ ଖଞ୍ଜିଦେଲା । ସେ କହିଲା, "ବାବା, ତମେ ରାଗନି । ମୁଁ ତମକଥା ଅଲବତ୍ତ ମାନିବି । ତମେ କହିବା ଅନୁସାରେ ଏଇ ଘରେ ବନ୍ଦୀହେଇ ରହିବି । ଆଦୌ କନ୍ଦାକଟା କରିବିନି । ଏପରିକି ତମର ସେଇ ବୁଢ଼ା ସାଙ୍ଗକୁ ବି ବାହାହେବି । ହେଲେ ମୋ'ର ପଦେ କଥା ଅଛି—!"

"କି କଥା କହେ···କହୁନୁ !"

"ମୋତେ ଗୋଟାଏ ସୁନାରୁଖା ଦେବ । ସେ ରୁଖାରେ ଏକାବେଳେ

Digitized by srujanika@gmail.com

ଚବିଶଘଣ୍ଟା ଦୀପ ଜଳିବାର ସୁବିଧା ଥିବ । ଏ ରୁଖାଟା ତିଆରି ହେବ ସୁନାରେ । ମୁଁ ବଣିଆକୁ ବରାଦ ଦେବି ଏମ୍ତି ରୁଖାଟାଏ ପାଇଁ ?" ଝିଅ ଖୁବ୍ ନମ୍ର ଭାବରେ ଏତିକି କହିଲା ।

ସୌଦାଗରର ଧନରତ୍ନର ଅଭାବ ନଥାଏ, ତେଣୁ ସୁନାର ରୁଖାଟାଏ ତିଆରି କରାଇବା ତା' ପକ୍ଷରେ କଷ୍ଟକର ନଥିଲା । ସେ ଝିଅକୁ ଖୁସି କରିବାକୁ ଏ କଥାରେ ରାଜି ହୋଇଗଲା । ତା ସିନ୍ଦୁକରୁ ଟଙ୍କାପଇସା କାଢ଼ି ଝିଅକୁ ଦେଲା । ବଣିଆକୁ ଡାକପଠାଇଲା । ବଣିଆ ଆସିବାବେଳେ ସୌଦାଗର ନଥାଏ । ଝିଅଟି ବଣିଆକୁ ବୁଝାଇ କହିଲା, "ଦେଖ, ଏ ରୁଖାଟି ଏମିତି ତିଆରି କରିବ, ଯେମିତି ସେଥିରେ ଚବିଶଘଣ୍ଟା ଦୀପ ଜଳିବ । ତା'ଛଡ଼ା ଠିକ୍ ଖମ୍ବର ମଝିରେ ତମକୁ ଗୋଟାଏ ଗୁପ୍ତ କୋଠରି କରିବାକୁ ହେବ । ସେଠି ମୁଁ ରହିବି । ତା'ର କବାଟ ଭିତର ପାଖରୁ ବନ୍ଦ ହେବ, ଭିତର ପାଖରୁ ଖୋଲିବ—ବୁଝିଲ ତ ?"

ତା'ପରେ ସେ ବଣିଆ ଲାଗିଗଲା ଏ ଦୀପରୁଖାଟି ତିଆରିରେ । ଠିକ୍ ସମୟରେ ସେ ଜିନିଷଟିକୁ ସୌଦାଗର ଘରେ ଆଣି ପଇଠ ଦେଲା । ସୌଦାଗର ଝିଅ ରୁଖାଟିକୁ ଖୁବ୍ ଯତ୍ନରେ ରଖିଥାଏ । ଦିନେ ସୌଦାଗର ବାହାରକୁ ଯାଇଥାଏ । ଝିଅଟି କିଛି ଖାଦ୍ୟ ପାଣି ଆଦି ସେଇ ରୁଖାର କୋଠରିକି ନେଇଗଲା । ଆଉ କୂଅ ପାଖରେ ଛାଡ଼ିଯାଇଥାଏ ତା'ର ଚପଲ ହଳକ । ସୌଦାଗର ଘରକୁ ଫେରି ଝିଅକୁ କୋଉଠି ହେଲେ ଦେଖିଲାନି । ତା' ମନରେ ପାପ ଛୁଇଁଲା । ସେ ଘରର ଅନ୍ଧିକନ୍ଧି ଖୋଜିଲା । ପଲଙ୍କ ତଳ, ଆଲମାରି ପଛ—କୋଉଠିହେଲେ ଝିଅକୁ ପାଇଲାନି । ସେ ତା'ପରେ କୂଅ ପାଖକୁ ଗଲା । ସେଠି ତା' ଚପଲ ହଳକ ଦେଖିଲା । ସେ ବର୍ତ୍ତମାନ ଚମକି-ପଡ଼ିଲା । ଝିଅଟି ସମ୍ପର୍କରେ ତା'ର ଅନେକ ସନ୍ଦେହ ହେଲା । ସେ ମନକୁ ମନ କହିଲା, "ହେ ପ୍ରଭୁ, ମୋ' ଝିଅର କ'ଣ ହେଲା ! ତା' ଇଚ୍ଛା ବିରୁଦ୍ଧରେ ମୁଁ ମୋ' ବୁଢ଼ା ସାଙ୍ଗ ହାତରେ ସଁପି ଦେବାକୁ ଚାହୁଁଥିଲି । ତା' ଫଳରେ ସେ କୂଅରେ ବୁଡ଼ିମଲା ।"

ତା'ପରେ ସେ ଦେଖିଲା ସେଇ ସୁନାର ରୁଖାକୁ । ତା' ମନରେ ଆହୁରି ଦୁଃଖ ଆସିଲା । ରୁଖାଟିକି ଝିଅ କେତେ ଶ୍ରଦ୍ଧା କରୁଥିଲା ! ଏବେ ଏ ରୁଖାଟି କ'ଣ ହେବ ! ସେ ସେଇ ବଣିଆକୁ ଡାକିଲା । କହିଲା, "ବଣିଆ ଭାଇ,

Digitized by srujanika@gmail.com

ଯାହାପାଇଁ ଏ ରୁଖା ତିଆରି ହୋଇଥିଲା ସିଏ ଆଉ ଏଠି ନାହିଁ । ତେଣୁ ତମେ ଏ ଜିନିଷଟିକୁ ତମ ଦୋକାନକୁ ନେଇଯାଅ—ଆଉ କାହାକୁ ବିକିଦେବ ।”

ବଣିଆ ସେଇମିତି କଲା । ଜିନିଷଟିକୁ ଦୋକାନରେ ରଖିଲା । ସେ ସୁନ୍ଦର ରୁଖାଟିକୁ ଯିଏ ଦେଖିଲା ପ୍ରଶଂସା କଲା । ଶୀଘ୍ର କଥାଟା ଚାରିଆଡ଼େ ବ୍ୟାପିଗଲା । ସେ ମୁଲକର ରଜାପୁଅ ଏ କଥା ଶୁଣିଲେ ଆଉ ନିଜେ ଦେଖିବାକୁ ଆସିଲେ । ଦେଖିଲେ ତ ରୁଖାଟିରେ ତାଙ୍କ ମନ ଲାଖିଗଲା । ସେ କହିଲେ, “ଏମନ୍ତ ଏ ଜିନିଷ ଏ ସ୍ଥାନରେ ରହିବା ଉଚିତ ନୁହେଁ । ଏ ଜିନିଷ ରାଜବାଟୀରେ ରହିବା ଉଚିତ । ସୁନାରି, ତମେ ଶୀଘ୍ର ଏ ରୁଖାକୁ ଆମ ରାଜବାଟୀକି ପଠାଇଦିଅ ।” ରଜାପୁଅ ସୁନାରିର ପଇସାପତ୍ର ଛୁଡ଼ାଇ-ଦେଲେ । ରୁଖାଟିକି ନେଇ ନିଜ ଶୋଇବାଘରେ ରଖାଇଲେ ।

ସଞ୍ଜରେ ରଜାପୁଅ ଲାଗି ଖାଦ୍ୟ ଆସେ । ସେ ଖାନାରୁ ସେ କିଛି ସକାଳର ଜଳଖିଆ ଲାଗି ରଖିଥାଆନ୍ତି । ପରଦିନ ସକାଳୁ ଦେଖିଲେ ଗତ ରାତିରେ ଖାଦ୍ୟ ନାହିଁ । ସେ ବୁଝିପାରିଲେନି କିଛି । ସେ ଶୋଇଥିବାବେଳେ କିଏ ତାଙ୍କର ଖାଦ୍ୟ ନେଲା—କୁଆଡ଼େ ନେଲା !

ସେଇପରି ପ୍ରତିଦିନ ଘଟିଲା । ରାଜାପୁଅଙ୍କର ଆଶ୍ଚର୍ଯ୍ୟର ସୀମା ରହିଲାନି । ସେ ମନେ ମନେ ଗୋଟାଏ ଉପାୟ ପାଞ୍ଚିଲେ । ଗୋଟାଏ ରାତିରେ ସେ ଲୁଚି ରହିଲେ । ରାତି ଅଧରୁ ପାଖାପାଖି—ସେ ଦେଖିଲେ ରୁଖାର ଗଣ୍ଡିଟି ଖୋଲିଗଲା । ତା’ ଭିତରୁ ବାହାରି ଆସିଲା ସୁନ୍ଦର ଝିଅଟିଏ । ସେ ଝିଅଟି ଧୀରେ ଧୀରେ ରଜାପୁଅଙ୍କର ଖାଇବା ଜାଗାକୁ ଗଲା । ସେଠାରେ ଥିବା ଖାଦ୍ୟକୁ ଉଠାଇନେଲା ଓ ଫେରିଗଲା ସେଇ ରୁଖା ଭିତରକୁ । ସବୁକାମ ନିରବରେ ଘଟିଗଲା । ରଜାପୁଅଙ୍କର ବିସ୍ମୟର ସୀମା ରହିଲାନି ।

ଝିଅଟି ରଜାପୁଅଙ୍କର ମନ କିଣିନେଲା । ସେ ପହିଲୁ ତାକୁ ଭଲ ପାଇବସିଲେ । ରଜାପୁଅ ସେ ଦିନପରି ତା’ ପରଦିନ ଲୁଚି ରହିଲେ ଆଉ ସେ ଝିଅଟିକି ଦେଖିଲେ । ସେ ତାକୁ ଯେତେ ଦେଖିଲେ ସେତେ ଖୁସିହେଲେ, ସେତେ ଆନନ୍ଦ ପାଇଲେ । ସୁନ୍ଦରରେ ତୃପ୍ତିର ଅବସାଦ ନଥାଏ ପରା ! ଦିନସାରା ରଜାପୁଅ ଖାଲି ଏ ଝିଅଟିର କଥା ଭାବୁଥାଆନ୍ତି । ବାହାରେ କିଛି ମନ ଲାଗୁନଥାଏ । ଭାବୁଥାନ୍ତି ବେଗି ସଞ୍ଜଆସୁ, ବେଗି ହେଉ ରାତି—

Digitized by srujanika@gmail.com

ତା'ହେଲେ ସେଇ ସୁନ୍ଦରୀଙ୍କ ଦେଖିପାରିବେ ।

ଏ ଭିତରେ ସେ ଝିଅଟି କିଏ ଜାଣିବାକୁ ରଜାପୁଅଙ୍କର ମନ ବ୍ୟସ୍ତ ହୋଇଉଠୁଥାଏ । ସେ ଠିକ୍‌କଲେ, ସେ ରାତିରେ ସେ ଝିଅ ସହିତ ନିଶ୍ଚୟ କଥା ହେବେ, ନିଶ୍ଚୟ ଜାଣିବେ ସେ କିଏ ।

ରାତିରେ ସେ ଜାଗେଇକିରି ପଡ଼ିଥାଆନ୍ତି । ଠିକ୍ ସମୟରେ ରୁଖାର ମଝିଭାଗ ଖୋଲିଗଲା, ତା' ଭିତରୁ ସୌଦାଗର ଝିଅ ବାହାରିଆସିଲା । ସେ ରୁଖା ଭିତରେ ପଶିବା ଆଗରୁ ରଜାପୁଅ ଡେଇଁପଡ଼ିଲେ ତା' ଆଗକୁ ଓ ଧରିନେଲେ ତା' ହାତକୁ । ପଚାରିଲେ, "କୁହ···ସତ କୁହ···କିଏ ତମେ ! ଏ ମାଟିର ମଣିଷ ନା କଳ୍ପନାର ପରୀ ।"

"ରାଜକୁମାର ! ମୁଁ ପରୀ ନୁହେଁ, ମୁଁ ଜଣେ ସାମାନ୍ୟ ମଣିଷ ।" ଝିଅଟିର ଆଖିରେ ଲୁହ ଟଳମଳ ହେଲା ।

"କୁହ, କ'ଣ ଘଟିଛି···?" ରଜାପୁଅ ତା' ହାତ ଦୁଇଟିକି ସେମିତି ଜାବୁଡ଼ି ଧରିଥାଆନ୍ତି ।

ସେ ଝିଅଟି ତା' ଜୀବନର ସବୁ କାହାଣୀ କହିଗଲା । କହୁଥିଲାବେଳେ ତା' ଆଖିରୁ ଧାର ଧାର ଲୁହ ଝରିପଡ଼ୁଥାଏ । ସେଇ ମୁହୂର୍ତ୍ତରେ ସେ ଦୁହେଁ ଠିକ୍ କଲେ ଯେ ସେମାନେ ବିବାହ କରିବେ, କିନ୍ତୁ ବର୍ତ୍ତମାନ ପାଇଁ ଏକଥା ଗୋପନ ରହିବ । ସବୁ ସଞ୍ଜରେ ସେ ଝିଅଟି ଫୁଲରୁଖାରୁ ବାହାରିଆସୁଥାଏ । ରାଜାପୁଅ ସଙ୍ଗେ କଥାଭାଷା ହୁଏ । ରାତି ପାହିଲାବେଳକୁ ସେ ରୁଖା ଭିତରକୁ ପୁଣି ପଶିଯାଉଥାଏ ।

ଏଇପରି କିଛିଦିନ ବେଶ୍ ମଜାରେ ମଜାରେ କଟିଗଲା । ଥରେ ରାଜବାଟୀର ଦାସୀଟିଏ ଶୋଇ ଶୋଇ ଡେରିହେଲା । ସେ ରଜାପୁଅଙ୍କର କୋଠରି ପାଖରେ ଥାଏ । ରାତିରେ ରଜାପୁଅଙ୍କ କୋଠରିରୁ କଥାଭାଷା ଶୁଭିଲା । ପ୍ରଥମେ ସେ ଏହାକୁ ମନର ଭ୍ରମବୋଲି ଭାବିନେଲା । ମାତ୍ର ସେ କୋଠରିରୁ ହସର ମଧୁର ଶବ୍ଦ ଶୁଭିଲା । ଶୁଭିଲା ହସଖୁସିର କଥାବାର୍ତ୍ତା । ଦାସୀଟି କଥାଟା କଅଣ ଭାବି କବାଟ ପାଖକୁ ଗଲା । ସେଠି ଗୋଟିଏ ଛୋଟ କଣା ଥାଏ, ସେ କଣାବାଟେ ଭିତରକୁ ଚାହିଁଲା । ଆରେ···ଆରେ···ଏ କଣ ସେ ଦେଖୁଛି ! ଏ ଅପୂର୍ବ ସୁନ୍ଦରୀ କନ୍ୟା ଆସିଲା କାହୁଁ ? ସେ ଅନେକବେଳଯାଏ ଏ ଦୃଶ୍ୟ ଦେଖିଲା । ତା'ପରେ ଫେରିଗଲା ତା' କୋଠରିକି ।

Digitized by srujanika@gmail.com

ତା’ ଆରଦିନ ସକାଳେ କଥାଟି ଚାକର ଚାକରାଣୀମାନଙ୍କ କାନରେ ପଡ଼ିଗଲା । କାନରୁ କାନ ହୋଇ ରାଷ୍ଟ୍ର ହୋଇଗଲା । ଏଇପରି କଥା ବଢ଼ି ବଢ଼ି ଯାଇ ଯୁବରାଣୀଙ୍କ କାନରେ ପଡ଼ିଲା । ଯୁବରାଣୀ ମାନେ ରଜାପୁଅଙ୍କର ଏହାଙ୍କ ସହିତ ବାହାହେବାର କଥା ପଡ଼ିଥାଏ । ଯୁବରାଣୀ ଏକଥା ଶୁଣି ରାଗିଗଲେ । ସେ ସବୁ ଚାକର ଚାକରାଣୀଙ୍କି ଲଗାଇ ଦେଲେ । କହିଲେ, ଦେଖ ତ, ସେ ଝିଅଟା କୋଉଠୁ ଆସୁଚି । ସମସ୍ତେ ଲାଗିଗଲେ । ଶେଷରେ କଥାଟା ଜଣାପଡ଼ିଲା । ସେମାନେ କହିଲେ, “ଝିଅଟି ରୁଖାର ସ୍ତମ୍ଭରୁ ବାହାରିଆସେ । ସମସ୍ତେ ଶୋଇ ସାରିଲା ପରେ ସେ ବାହାରିଆସେ ।”

ଯୁବରାଣୀ ତ ରାଗରେ ପାଚିଗଲେ । ସେ ପ୍ରତିହିଂସା ଲାଗି ଫାନ୍ଦ ବସାଇଲେ । ଚେଷ୍ଟାକଲେ, ସୁନାରୁଖାଟିକୁ ନିଜ କୋଠରିକି ନେବାକୁ । ରଜାପୁଅ ଯାଇଥାଆନ୍ତି ଶିକାରକୁ । ସମସ୍ତଙ୍କୁ କହିଥାଆନ୍ତି ଯେ ସେ ସୁନା-ରୁଖାକୁ ଯେପରି କେହି ନଛୁଅନ୍ତି ! ତେଣୁ ଯୁବରାଣୀ ଯେତେ ଯାହା କହିଲେ ବି କେହି ସେ ସୁନାଦୀପରୁଖାକୁ ଛୁଇଁବାକୁ ସାହସ କଲେନି । ଏଥିରେ ତାଙ୍କର ଜିଦ୍ ଆହୁରି ବଢ଼ିଗଲା । ଯୁବରାଣୀ ତାଙ୍କ ଶାଶୁଙ୍କ ପାଖକୁ ଖବର ପଠାଇଲେ, “ମୋ’ର କେତେଜଣ ସାଙ୍ଗ ଆସିବେ । ଯୁବରାଜଙ୍କର ସୁନାରୁଖାଟି ମୁଁ ମାତ୍ର କେତେ ସମୟ ପାଇଁ ନେଇପାରିବି କି ?” ଏଇ ମର୍ମରେ ସେ ରାଣୀ ମା’ଙ୍କୁ ଅନୁରୋଧ ଜଣାଇଲେ ।

ଯୁବରାଣୀଙ୍କ ଉଆସକୁ ଆସିଲା ସେ ସୁନାରୁଖା । ଯୁବରାଣୀ ଚାଳିଶଟା ଯାକ ଦୀପ ଜଳାଇଦେଲେ । ଏହାଫଳରେ ସମଗ୍ର ରୁଖାଟି ଗରମ ହୋଇ-ଉଠିଲା । ସେ ଭିତରେ ଥିବା ଝିଅଟି ବିକଳରେ ଭିତର ପାଖର କବାଟ ଖୋଲି ବାହାରିଆସିଲା ଓ ଚଟାଣରେ ପ୍ରାୟ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଗଲା । ଯୁବରାଣୀ ତ ରାଗରେ ଜଳୁଥିଲେ—ସେ ଝିଅଟିକି ଦେଖିଲେ ତ ଆହୁରି ରାଗିଗଲେ । ସତେ ଯେପରି ଜଳିଲା ନିଆଁରେ କିଏ ଘିଅ ଢାଳିଲା । ସେ ଜଣେ ଚାକରକୁ ଡାକିଲେ । ତାକୁ କହିଲେ, “ଗୋଟେ କପଡ଼ାରେ ଗୁଡ଼ାଇ ଏ ଟୋକୀଟାକୁ ଗଡ଼ଖାଇକି ଫିଙ୍ଗିଦେ ।”

ଚାକରବାକରଙ୍କର କ’ଣ ଯାଏ ଆସେ ! ସେ ଆଗକୁ ପଛକୁ କିଆଁ ଭାବନ୍ତା ! ଯୁବରାଣୀ ଯାହା କହିଲେ, ସେ ତାହା କଲା । ବିଚରା ଝିଅଟିକି ଗଡ଼ଖାଇର ନାଳରେ ଫିଙ୍ଗିଦେଲା । ଗଡ଼ଖାଇର ଥଣ୍ଡାପାଣିରେ ଝିଅଟି

Digitized by srujanika@gmail.com

ତା’ ଚେତା ଫେରିପାଇଲା । ସେ ଟିକେ ହାତଗୋଡ଼ ହଲାଇଲା, କାନ୍ଦିଲା । ସେବାଟେ ଜଣେ ବୁଢ଼ାଲୋକ ଯାଉଥାଏ । ସେ ଶୁଣିଲା ଏ ଡାକ, ଧାଇଁଗଲା ସେଠାକୁ । କପଡ଼ା ପୁଟୁଳାରେ ଏଡ଼େ ସୁନ୍ଦର ଝିଅଟିଏ ଦେଖି ସେ ତାଜୁବ୍ ହୋଇଗଲା । ଯା ହେଉ ସେ କୌଣସିମତେ ଟଣାଟଣି କରି ଝିଅଟିକ ଉଦ୍ଧାର କରିନେଲା ।

ଏ ଭିତରେ ରଜାପୁଅ ଫେରିଲେ ଶିକାରରୁ । ଉଆସକୁ ଆସିବା ସଙ୍ଗେ ସଙ୍ଗେ ସେ ଆଗେ ରୁଖାଟିକ ଦେଖିଲେ । ଠିକ୍ ଜାଗାରେ ଅଛି ରୁଖାଟି । ମାତ୍ର ତା’ ଦେହରୁ ସେଇ ବାଟଟା ଖୋଲା ରହିଛି । ସେ ଚାକର ଚାକରାଣୀଙ୍କି ଏକଥା ପଚାରିଲେ । ମାତ୍ର ସେମାନେ ଏକଥାରେ ଡରିଯାଇଥିଲେ । ତେଣୁ ସେମାନେ ସମୁଦାୟ କଥାଟିକୁ ଲୁଚାଇ ରଖିଲେ—କେହି କିଛି କହିଲେନି । ରଜାପୁଅଙ୍କ ମନରେ ଦୁଃଖର ବନ୍ୟା ଆସିଲା । ଖିଆପିଆ ଛାଡ଼ିଦେଲେ । ସେ ବୁଝିପାରିଲେନି ଯେ ସୌଦାଗର ଝିଅ ଚାଲିଗଲା କାହିଁକି । ସେ ପୁଣି ଗଲା କୁଆଡ଼େ ? ତା’ ବିନା ରଜାପୁଅଙ୍କୁ ଚାରିଦିଗ ଅନ୍ଧାର ଦିଶିଲା ।

ରଜାପୁଅଙ୍କ ଦେହ ଖରାପ ହେଲା । ସେ ବେମାର ପଡ଼ିଲେ । ଶୁଖି କଳାକାଠ ହେଲେ । ଏକଥା ରଜାରାଣୀଙ୍କ କାନକୁ ଗଲା । ସେମାନେ ବଡ଼ ଚିନ୍ତିତ ହେଲେ । ମୁଲକଯାକର ବଡ଼ ବଡ଼ ଜ୍ଞାନୀ ଡାକ୍ତରଙ୍କୁ ଡକାଇଲେ । ସେମାନେ ରଜାପୁଅଙ୍କ ଦେହ ପରୀକ୍ଷା କଲେ । ହେଲେ, କେହି ଜଣେ ବି ରୋଗ ଚିହ୍ନିପାରିଲେନି । ରଜାପୁଅ ଆଉ ଭଲ କ’ଣ ହେବେ—ତାଙ୍କ ଦିହ ଦିନକୁ ଦିନ କ୍ଷୀଣ ହେଲା । ଦିନକୁ ଦିନ ଆହୁରି ଖରାପ ହେଲା ।

ମନ୍ତ୍ରୀମଣ୍ଡଳରେ କଥାଟା ପଡ଼ିଲା—ସମସ୍ତଙ୍କ ମନରେ ସେଇ ଗୋଟିଏ ପ୍ରଶ୍ନ । ରଜାପୁଅ ପ୍ରାୟ କିଛି ଖାଉନାହାନ୍ତି । ତା’ହେଲେ, ସେ ବଞ୍ଚିବେ କିପରି ! ତେଣୁ ସେ କେମିତି ଖାଇବେ ଇଏ ଗୋଟେ ବଡ଼ ପ୍ରଶ୍ନ ।

ପ୍ରଧାନମନ୍ତ୍ରୀ କହିଲେ “ମହାରାଜ, ମୋତେ ଗୋଟେ ନୂଆବୁଦ୍ଧି ଦିଶୁଚି । ଚାଲନ୍ତୁ ସାରା ମୁଲକରେ ଡେଙ୍ଗୁରା ଦେବା । ପ୍ରତି ପରିବାର, ଧନୀ ହେଉ ବା ଦରିଦ୍ର ହେଉ, ରାଜକୁମାରଙ୍କ ପାଇଁ ଖାଇବା ପଦାର୍ଥ ପଠାଇବେ । ସେସବୁ ଦେଖି କାଳେ ରାଜକୁମାରଙ୍କର ମନ ପରିବର୍ତ୍ତନ ହେବ ।”

ରାଜା ସେପରି ଡେଙ୍ଗୁରା ଦିଆଇଲେ । ସାରା ମୁଲକରେ ଚହଳ ପଡ଼ିଗଲା । ଧନୀ, ଗରିବ, ଅମୀର, ଫକୀର ସବୁ ଘରେ ଏ କଥାନେଇ

Digitized by srujanika@gmail.com

ଆଲୋଚନା ଚାଲିଲା । ଲୋକେ ଯିଏ ଯେମିତି ପାରିଲେ ଖାଦ୍ୟ ତିଆରି କଲେ ।

ସେ ବୁଢା ଏ ଖବର ଶୁଣିଲା । ସେ ସୌଦାଗର ଝିଅକୁ ଏ କଥା କହିଲା । ସେ ଟିକେ ଜାଉକଲା । ଗୋଟିଏ ମାଟି ପାତ୍ରରେ ଜାଉକୁ ଢାଳିଲା । ଜାଉର ତଳେ ଥାଏ ଗୋଟିଏ ମୁଦି । ସେ ମୁଦିଟି ରଜାପୁଅ ସୌଦାଗର ଝିଅକୁ ଦେଇଥିଲେ । ବୁଢ଼ା ଏ ପ୍ରକାର ଜିନିଷକୁ ନେଇ ଉଆସକୁ ବାହାରିଲା । ବାହାରେ ଯିଏ ଦେଖିଲା ସେ ହସିଲା—ଲୋକଟା କେତେ ବୋକା—ରଜାପୁଅ ଏ କଦର୍ଯ୍ୟ ଖାଦ୍ୟ ଖାଇବାକୁ ଯିବେ ? ଲୋକଟାର ବୁଦ୍ଧିସୁଦ୍ଧି କିଛି ବୋଧେ ନାହିଁ । ଲୋକେ କେତେ ଯତ୍ନରେ ଜିନିଷ ତିଆରି କରୁଛନ୍ତି । ସୁନା ରୂପାର ପାତ୍ରରେ ଖାଇବା ଜିନିଷ ନେଉଛନ୍ତି । ଇଏ ଗୋଟେ ମାଟି ସରାରେ ନେଉଛି ଯାଉ । ଏ ପ୍ରକାର ହଜାରେ କଥା । ବୁଢ଼ା ବ୍ୟସ୍ତ ହୋଇଗଲା । ହେଲେ ସେ କହିଲା, "ମୋର ଯାହା ଅଛି ତାହା ନେଉଛି । ମାଟିର ସରାରେ ଅଛି ବୋଲି ଖାଦ୍ୟର ଗୁଣଟା ତ ମାଟି ହୋଇ-ଯିବନି । ତା' ଗୁଣ ଯେମିତି ଥିଲା ସେମିତି ରହିବ । ତାଛଡ଼ା ସତ କହିବାକୁ ଗଲେ, ଏ ଯେଉଁ ଜିନିଷ ତିଆରିହୋଇଛି, ଖୁବ୍ ଭଲ ଜିନିଷ ଏ !"

ସେ କାହାରି କଥା ଶୁଣିଲାନି, ସେ ଖୁସିରେ ଆଗେଇଗଲା । ସିଧା ଯାଇ ଉଆସରେ ପହଞ୍ଚିଲା । ରଜାପୁଅ ଏ ଲୋକଟିକି ଦେଖିଲେ । ଦେଖିଲେ ତା' ମାଟି ସରାକୁ । ତା'ଙ୍କ ପ୍ରାଣ କେମିତି ନରମ ହୋଇଗଲା । ଆହା ! ବିଚରା ବୁଢ଼ା ହେଲାଣି । ତା' ପ୍ରାଣରେ ରଜାପୁଅ ପ୍ରତି କେତେ ମମତା କେତେ ଶ୍ରଦ୍ଧା ! ସେ ଗରିବ ହୋଇପାରେ—ତା'ର ମନ ଗରିବ ନୁହେଁ, ତା ଦାନ ତୁଚ୍ଛ ନୁହେଁ । ଯା ଆଗରୁ ରଜାପୁଅ କେତେ କେତେ ଭଲ ଖାଦ୍ୟ ଛାଡ଼ିଦେଇଛନ୍ତି । ଲୋକେ ଯେତେପ୍ରକାରେ କହିଲେ ବି ସେ ଶୁଣିନାହାନ୍ତି । ମାତ୍ର ଏ ବୁଢ଼ାର ଜାଉଟିକିକ ଦେଖି ତା ପ୍ରତି କେମିତି ଗୋଟାଏ ମାୟା ଆସିଗଲା । ସେ ବୁଢ଼ାର ମାଟି ସରା ଆଡ଼କୁ ହାତ ବଢ଼ାଇ ଦେଲେ । ଆଉ ବୁଢ଼ା ଆନନ୍ଦରେ ସରାଟି ଧରି ଠିଆହେଲା । ଚୁମୁଚି ଚୁମୁଚି କରି ଜାଉ ରଜାପୁଅ ଖାଇଲେ । ଅନେକ ଦିନରୁ ପେଟଭରି ଖାଇ ନଥିଲେ । ମନେହେଲା, ଏ ଜାଉ ଯେପରି ଅମୃତ । ସେ ଖାଉ ଖାଉ ସବୁ ଖାଇଦେଲେ । ଆଉ ତାଙ୍କ ଚୁମୁଚରେ ଶେଷକୁ ଉଠିଆସିଲା ସେ ଦେଇଥିବା ମୁଦିଟି । ଓହୋ, ଏ ତ

Digitized by srujanika@gmail.com

ସେଇ ମୁଦ ! ସେଇ ମୁଦଟି ସେ ଦେଇଥିଲେ ସୌଦାଗରର ଝିଅକୁ !

ରଜାପୁଅଙ୍କ ମନର ଉଦାସ ଭାବ କଟିଗଲା । ଅଜଣା ଆନନ୍ଦରେ ସେ ପୁଲକ ଉଠିଲେ । ସେ ବୁଢ଼ାଟିକୁ ନିରୋଳା ସ୍ଥାନକୁ ଡାକନେଲେ । ପଚାରିଲେ "ଲୁବ୍ଧ ବୁଢ଼ା, ଏ ଜାଉ ବାନ୍ଧିଥିଲା କିଏ ? ଇଏତ ଖୁବ୍ ସୁନ୍ଦର ବାନ୍ଧଣା ।"

ବୁଢ଼ା ଲୁବ୍ଧ ଗଦଗଦ ଆଖିରେ ସବୁ କଥା କହିଲା—ସିଏ ଜଣେ ହତଭାଗିନୀ ! ସିଏ ଜଣେ ଅନାଥିନୀ । ତାକୁ କିଏ ରାଜବାଟୀର ଗଡ଼ଖାଇକି ଫିଙ୍ଗିଦେଇଥିଲା । ସିଏତ ମରିଥାଆନ୍ତା—କୌଣସିମତେ ବୁଢ଼ା ପହଞ୍ଚିଗଲା ବୋଲି ତାକୁ ଉଦ୍ଧାର କରିନେଲା । ହେଲେ, ଝିଅଟା କେଡ଼େ ସୁନ୍ଦରୀ ! ତା' ବ୍ୟବହାର ବି ତହିଁରୁ ଭଲ । ସେ ଝିଅଟାର ସବୁ ସୁନ୍ଦର । ସେ ଗୋଟେ ଦେବୀ ପ୍ରତିମା !!

ରଜାପୁଅ ଆଉ କେତେକଥା ପଚାରିଲେ । ବୁଢ଼ା ଯାହା କହିଲା, ତହିଁରୁ ରଜାପୁଅ ଜାଣିପାରିଲେ ଯେ ସେ ଉଆସରେ ନଥିବା ବେଳେ କିଏ ଜଣେ ସୌଦାଗର ଝିଅକୁ ଗଡ଼ଖାଇକୁ ଫିଙ୍ଗିଦେଇଛି ।

ରଜାପୁଅ ଲୋକ ପଠାଇଲେ । ପାଲିଙ୍କି ପାଟଛତା ସହ ସୌଦାଗର ଝିଅ ଆସିଲା । ରଜାପୁଅ ତାକୁ ବାହାହେଲେ । ଖୁବ୍ ଖୁସିରେ ସେମାନଙ୍କ ଦିନ କଟିଲା । ରଜାପୁଅ ଖୁସି । ରଜା ଆଉ ରାଣୀ ବି ଖୁସି । ଖୁସି କେବଳ ନଥିଲେ ଜଣେ—ସିଏ ସେଇ ଯୁବରାଣୀ । ରଜାପୁଅ ତାକୁ ବାହାହେଲେନି । ସେ ଏକାକୀ ସାରା ଜୀବନ କଟାଇଲେ । ବେଳେବେଳେ ସେ କହନ୍ତି "ଆହା, ମୁଁ ଏ ପ୍ରକାର ଭୁଲ୍ କଲି କାହିଁକି ? ସୌଦାଗର ଝିଅକୁ ମାରିବାର ଅପକୌଶଳ କରିବାରେ ମୋର କି ଲାଭ ହେଲା ?" ମାତ୍ର ଏକଥା ଶୁଣିବାକୁ ତାଙ୍କ ପାଖରେ କେହି ନଥାନ୍ତି । ଥିଲେ ବି ଭୁଲ ସଂଶୋଧନ କରିବାକୁ ବେଳ ନଥିଲା ।

## ମନ୍ତ୍ରୀ ପାତିଥିଲେ କାଲ

ୟେମେନ୍‌ର କଥା । ସେଠି ଜଣେ ବଡ଼ ସୌଦାଗର ଥାଆନ୍ତି । ତାଙ୍କ ନାଁ ଖୋଜା ବସିର୍ । ସେ ଲୋକ ଧନୀ ଯେମିତି ମାନୀ ସେମିତି । ସବୁଠୁ ବଡ଼ କଥା ଯେ, ରଜା ତାଙ୍କୁ ଖୁବ୍ ଭଲପାଆନ୍ତି । ଭଲପାଆନ୍ତି ମାନେ, ଏମିତି ସେମିତି

Digitized by srujanika@gmail.com

ଭଲପାଆନ୍ତି ନୁହେଁ—ସତେ ଯେମିତି କ୍ଷୀର-ନୀର । ଏକାଠି ଖାଇବା, ପିଇବା, ଶୋଇବା ବସିବା । ରଜାଙ୍କ ଛାଇ ପରି ଖୋଜା ସବୁବେଳେ ରଜାଙ୍କ ପାଖେ ପାଖେ ଥାଆନ୍ତି । ଦେଶର କୌଣସି ଖବର ଆସିଲେ, ରଜା ଖୋଜାଙ୍କୁ ପଚାରନ୍ତି । ଖୋଜା ତାଙ୍କୁ ସାହାଯ୍ୟ କରନ୍ତି ବି । ତେଣୁ ରଜା ଓ ଖୋଜା ଏକାତ୍ମା ହୋଇ ଚଳୁଥାଆନ୍ତି । ରଜା ଖୁସିରେ ତାଙ୍କ ବନ୍ଧୁ ସୌଦାଗରଙ୍କୁ ନାନା ଉପହାର ଦେଇ ଆନନ୍ଦ ପାଉଥାଆନ୍ତି ।

ରଜାଙ୍କର ମନ୍ତ୍ରିମଣ୍ଡଳ ଥାଏ । ମନ୍ତ୍ରୀମାନଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ବି ଥାଆନ୍ତି । ରଜା ଏ ମନ୍ତ୍ରିମଣ୍ଡଳକୁ ବେଳେବେଳେ ପଚାରନ୍ତିନି; କିନ୍ତୁ ଖୋଜାବସିରଙ୍କୁ ନିଶ୍ଚୟ ପଚାରିବେ । ଏଥିରେ ପ୍ରଧାନମନ୍ତ୍ରୀ ବଡ଼ ଅସ୍ୱସ୍ତିକର ଅବସ୍ଥାରେ ପଡ଼ିଲେ । ତାଙ୍କୁ ଏସବୁ ଭଲଲାଗିଲାନି । ଖୋଜା ପୁଣି ତାଙ୍କ ଠାରୁ ବେଶି ଚତୁର, ବେଶି ବୁଦ୍ଧିଆ ! ରଜା ତାଙ୍କୁ ଆଦୌ ପଚାରୁନାହାନ୍ତି । ସବୁବେଳେ ଖୋଜାଙ୍କୁ ଖୋଜା ଚାଲିଛି । ହୁଏତ ଏ ସୌଦାଗର ଦିନେ ଏ ରାଜ୍ୟର ମନ୍ତ୍ରୀ ହୋଇଯାଇପାରେ । ତା'ହେଲେ ତାଙ୍କର ପଦମର୍ଯ୍ୟାଦା ତ ଯିବ—ଯିବ ତାଙ୍କର ରୁଟି କପଡ଼ାର ସବୁ ବାଟ ! ସିଏ ସରିଯିବେ । ହାୟ, ଏ ସୌଦାଗରଟା କେଉଁଠୁ ଆସି ପହଞ୍ଚିଗଲା ! ଏ ଲୋକଟା ମରୁନି କିଆଁ ? ଏଇଟା ବିଦେଶକୁ ଯାଆନ୍ତା କି ଖୁବ୍ ଭଲହୁଅନ୍ତା । ସେ ଯେତେଦିନ ଲାଗି ବାହାରେ ରହିବ, ସେତେଦିନ ରଜା ପ୍ରଧାନମନ୍ତ୍ରୀଙ୍କି ପଚାରିବେ । ସେ ହୁଏତ ସୌଦାଗର ବିଷୟରେ ଭୁଲିଇ ଦେଇପାରେ ! ହେଲେ ଲୋକଟା ଯାଉନି ! ମନ୍ତ୍ରୀ ମହାଶୟ ଖାଲି ଦିନରାତି ଏଇପରି ଚିନ୍ତାରେ ବୁଡ଼ି-ରହିଥାଆନ୍ତି । କାଳେ ସୌଦାଗର ରଜାଙ୍କୁ କହି ବୋଲି ମନ୍ତ୍ରୀଙ୍କୁ ଛଡ଼େଇ ଦେବ ! ସୌଦାଗର ନିଜେ କାଳେ ମନ୍ତ୍ରୀ ହୋଇଯିବ ! ଏଇ ସୌଦାଗରର ଭୂତଟା ମନ୍ତ୍ରୀ ବିଚରାକୁ ଦିନରାତି ଡରାଇବାରେ ଲାଗିଥାଏ ।

କିନ୍ତୁ ମନ୍ତ୍ରୀ ଏଥିରେ ପ୍ରଥମେ ଦିନାକେତେ ସିନା ବ୍ୟସ୍ତହେଲେ, ପରେ ଚାଲାକ ହୋଇ କାମ କରିବାର ଯୋଜନା ବନାଇଲେ । ସେ ଭାବିଲେ, ବିପଦ ଆସିବା ଆଗରୁ ଜ୍ଞାନୀ ଲୋକମାନେ ତା'ର ଉପାୟ ଭାବିଥାଆନ୍ତି । ମୁଁ ମଧ୍ୟ ସେଇପରି ଗୋଟେ କୌଶଳ ଖଞ୍ଜିବି । ତା' ଫଳରେ ଖୋଜା ବସିରଙ୍କୁ ରଜା ଆଦୌ ଭଲପାଇବେନି । ପ୍ରୟୋଜନ ହେଲେ, ତାଙ୍କୁ ଏ ଦେଶରୁ ତଡ଼ିଦେବ, ନତୁବା ଫାସିଦିଆଇବ ।"

Digitized by srujanika@gmail.com

ମନ୍ତ୍ରୀ ଏଇକଥା ବନବନ୍ତ ଭାବୁଥାଆନ୍ତି । ବେଳେବେଳେ ଏକଥା ଭାବ ସେ ଉତ୍ତେଜିତ ହୋଇଉଠୁଥାନ୍ତି । ସେ ଖାଲି ସୁଯୋଗ ଖୋଜୁଥାଆନ୍ତି । ପ୍ରକୃତରେ ସେପରି ଗୋଟିଏ ସୁଯୋଗ ଆସି ପହଞ୍ଚିଲା । ରଜା ଥାଆନ୍ତି ଏକା । ମନ୍ତ୍ରୀ ଥାଆନ୍ତି ଏକା । ପାଖରେ ସେ ସୌଦାଗର ନଥାଆନ୍ତି । ମନ୍ତ୍ରୀ କହିଲେ—ମହାମହିମ ସମ୍ରାଟ, ଆପଣଙ୍କ ବଡ଼ତ୍ତ ଶତଗୁଣିତ ହେଉ । ଆପଣ ଅନନ୍ତ-କାଳ ଯାଏ ସୁସ୍ଥ ରହିବେ । ଦୟା ଅବତାର ସମ୍ରାଟ, ଅନେକ ଦିନରୁ ଆପଣଙ୍କର ଏ ଦାସାନୁଦାସ ଗୋଟିଏ କଥା କହିବାକୁ ଚାହୁଁଛି; ମାତ୍ର ସୁଯୋଗ ଅଭାବରୁ ତାହା ପ୍ରକାଶ କରିପାରୁ ନାହିଁ । ମହାରାଜା ଯଦି ଆଦେଶ ଦିଅନ୍ତେ, ଏ ଦାସ ତାହା···!"

"କୁହନ୍ତୁ ମନ୍ତ୍ରୀ······!"

"ରାଜ୍ୟଶାସନରେ ଦୁଇଟି ଗଲ୍‌ତି ରହିଲେ ଶାସନ ଭୁଷୁଡ଼ିଯାଏ । ଗୋଟିଏ ହେଲା, ଯୋଗ୍ୟଲୋକ ପ୍ରତି ଉପଯୁକ୍ତ ସମ୍ମାନର ଅଭାବ । ଅପରଟି, ଅଯୋଗ୍ୟ ଲୋକକୁ ଅଯଥା ଅଧିକ ଗୁରୁତ୍ତ୍ୱ ଦେବା । କଥାଟାକୁ ମୁଁ ପରିଷ୍କାର କରିଦେଉଛି । ଖୋଜା ବସିର ଜଣେ ବ୍ୟବସାୟୀ, ସେ ମହାରାଜାଙ୍କ କରୁଣା ପାଇବାପାଇଁ ଦିନରାତି ଶ୍ରୀ ହଜୁରଙ୍କ ପଛରେ ଧାଇଁଛି । ତୁମ୍ଭେ ମଧ୍ୟ ତା' ଉପରେ ଯଥେଷ୍ଟ କୃପା ବର୍ଷିଛନ୍ତି । ଦେଖିବାକୁ ହେବ, ସେ ଲୋକଟା ତୁମ୍ଭଙ୍କର ଉପଯୁକ୍ତ କି ନା । ସେ ନୀଚକୁଳରେ ଜାତ । ମୁଁ ଖବର ପାଇଛି, ସେ ଗୋଟିଏ ଅପରାଧୀ । ଅନେକ ପାପ କାମରେ ସେ ଲିପ୍ତ ଅଛି । ତା' ସ୍ତ୍ରୀର ସ୍ୱଭାବ ଚରିତ୍ର ଭଲ ନୁହେଁ । ସେ ଆଦୌ ବିଶ୍ୱାସର ମଣିଷ ନୁହେଁ । ମୁଁ ଜାଣେ ଆପଣ ଖୁବ୍ ଜ୍ଞାନୀ ଓ ମାନୀ । ଲୋକେ ଆପଣଙ୍କର ବହୁତ ପ୍ରଶଂସା କରନ୍ତି । ଆପଣ ସେ ଲୋକ ସଙ୍ଗେ ମିଶିବାଟା ଖୁବ୍ ଅପସନ୍ଦ କଥା । ମୁଁ ପସନ୍ଦ କରୁନି—ପ୍ରଜାଏ ବି ପସନ୍ଦ କରନ୍ତିନି ।"

ରଜା ଖୋଜା ବସିର ସମ୍ପର୍କରେ ଅନେକ କଥା ଜାଣିଥିଲେ । ତାଙ୍କୁ ବହୁବାର ସେ ପରୀକ୍ଷା କରିଥିଲେ । ସବୁଥର ଖୋଜାବସିର ପରୀକ୍ଷାରେ ଉତ୍ତୀର୍ଣ୍ଣ ଆସିଥିଲେ । ଲୋକଟି ଯେ ଖୁବ୍ ସାଧୁ ଓ ନିଷ୍ଠାପର ତାହା ବହୁବାର ପରୀକ୍ଷିତ ହୋଇଛି । ଅଥଚ ମନ୍ତ୍ରୀ ସେଇ ଲୋକ ବିରୁଦ୍ଧରେ ଆଜ ଠିକ୍ ଓଲଟା ଅଭିଯୋଗ ଆଣୁଛନ୍ତି । ଏହା କ'ଣ ସମ୍ଭବ ହୋଇପାରେ ?

ରଜା କହିଲେ, "ମନ୍ତ୍ରୀ, ଆପଣ ଯାହା ଯାହା କହିଲେ ସେସବୁ ମୁଁ

Digitized by srujanika@gmail.com

ଶୁଣିଲ । ସେ ସବୁ ସତ୍ୟ ହୋଇଥିଲେ ଖୋଜାବସିର ଦଣ୍ଡ ପାଇବ । ମାତ୍ର ମିଛ ହୋଇଥିଲେ ତୁମକୁ ଉଚିତ ଦଣ୍ଡ ଦିଆଯିବ । ମୁଁ ତା' ସହ ବୁଝି ବଡ଼ୁର ମିଶୁଚ । ତା'ଠି ଏସବୁ ଦୋଷ କିଛି ନାହିଁ । ଆପଣଙ୍କୁ ପ୍ରମାଣ କରିବାକୁ ହେବ ମନ୍ତ୍ରି !

ମନ୍ତ୍ରି ଦୁଃଖିତ ହେଲେ । ସେ ରଜାଙ୍କୁ କଅଁ ଏପରି କହିଲେ ? ଜାଣି-ଶୁଣି ବରୁଡ଼ ବସାରେ ସେ ହାତ ମାରିଲେ—ସେ କଷ୍ଟ ପାଇବେନି ତ କଷ୍ଟ ପାଇବ କିଏ ? ଖୋଜାବସିରଙ୍କ ବିରୁଦ୍ଧରେ ଏମିତି କହିବା ଠିକ୍ ହେଇନି । ଏତେଦିନ ଧରି ସିଏତ ମାରିବ ଥିଲେ, ସବୁ ସହିଥିଲେ, ଏଥର ପାଟି ଖୋଲିଲେ କଅଁ ? ହୁଏତ ଭଲ ହେଲାନି । ସିଏ ଏବେ ଖୋଜାବସିରଙ୍କ ବିରୁଦ୍ଧରେ ପ୍ରମାଣ ଖୋଜିବେ । ସେ ରଜାଙ୍କୁ କିଛି ସମୟ ମାଗିଲେ । ରଜା ବି ମଞ୍ଜୁର କଲେ ।

ମନ୍ତ୍ରୀ ଛୁଟିପାଇ ହିନରାତି ଭାବିବାକୁ ଲାଗିଲେ । ସିଏ କିଛି ଗୋଟିଏ ଦୋଷ ବାହାର କରିବାକୁ ଚିନ୍ତାକରୁଥିଲେ । ସପ୍ତାହ ଭରି ସେ ଚିନ୍ତାକଲେ । ଶେଷକୁ ଠିକ୍ କଲେ, ସୌଦାଗରଙ୍କ ସ୍ତ୍ରୀଙ୍କୁ ସେ ଖେଳାଇବେ । ତାଙ୍କ ଜରିଆରେ ସେ ସୌଦାଗରଙ୍କୁ ଦୋଷିବେ ।

ସେ ସହରରେ ଜଣେ ପୁରୁଣା ମଜାକିଆ ସ୍ତ୍ରୀଲୋକ ଥାଏ । ସେ ସବୁ ପ୍ରକାର ଥଟ୍ଟା, ତାମସା, ନକଲ କରିବାରେ ଓସ୍ତାଦ୍ ଥାଏ । ମନ୍ତ୍ରୀ ଏ ସ୍ତ୍ରୀଲୋକଟିକୁ ଡକାଇପଠାଇଲେ । ସେ ସ୍ତ୍ରୀଲୋକଟି ସଙ୍ଗେ ସଙ୍ଗେ ହାଜର ହୋଇଗଲା । ଛିଣ୍ଡା ଲେଙ୍ଗଡ଼ା କପଡ଼ା ପିନ୍ଧି ସେ ଖୋଜାବସିର୍ ଘରକୁ ଗଲା···ସତେ ଯେମିତି ସେ ଜଣେ ଅନାଥିନୀ ! ତା' ମନ ଭିତରେ ମନ୍ତ୍ରୀଙ୍କ କଥା ଶୁଭିଯାଉଥିଲା—"ଦେଖ, ଖୋଜା ବସିର ଘରକୁ ତମେ ଯିବ । ତାଙ୍କ ସ୍ତ୍ରୀଙ୍କ ପାଖରୁ ଯାହାହେଲେ ଜିନଷଟିଏ ଆଣିବ । ଏତିକି କରିପାରିଲେ ମୁଁ ତୁମକୁ ମନଇଚ୍ଛା ପୁରସ୍କାର ଦେବ ।" ସିଏ ନିଶ୍ଚୟ ଏ କାମରେ ମାତ୍ କରିଦେବ । ସେ ଯେମିତି ହେଉ ଖୋଜାବସିର୍ ଘରୁ ଗୋଟାଏ କିଛି ଜିନଷ ନେଇଆସିବ ।

ସେ ସିଧା ଘରଭିତରକୁ ପଶିଯାଉଥିଲା । ସଙ୍ଗେ ସଙ୍ଗେ ଜଗୁଆଳ ତାକୁ ଅଟକାଇଦେଲା । ଚିତ୍କାର ଉଠିଲା ସେ—ଆରେ ଅମଙ୍ଗଳିଆ, ଏ କ'ଣ କରୁଚୁ ? ଖୋଜାବସିର ବହୁତ ମାନ୍ୟ ମଣିଷ । ସେ ଧନୀ, ଦାନୀ । ତାଙ୍କ

Digitized by srujanika@gmail.com

ଘରୁ ଭିକ ମୁଠାଏ ପାଇବ ବୋଲି ମୁଁ ଆସିଥିଲି, ମତେ ତଡ଼ ଦେଉଛୁ । ଧର୍ମ ସହିବନି, ଆରେ ଧର୍ମ ସହିବନି ।

ସେ ସ୍ତ୍ରୀଲୋକଟି ଜଗୁଆଳକୁ ଠେଲିଦେଲା । ସ୍ତ୍ରୀ ଲୋକ ହୋଇ ପୁରୁଷକୁ ଠେଲିଲେ ଯାହାହୁଏ । ପଥରକୁ ଗୋଇଠା ମାରିଲେ ପଥରର କିଛି କ୍ଷତି ହୁଏନି, ନିଜର ଗୋଡ଼ କାଟେ । ଆଣ୍ଠି ରହିଗଲା ଜଗୁଆଳ—"ଆଲୋ, ହେ ବୁଢ଼ୀ, ଏମିତି କଆଁ ହେଉଛୁ? ଏ ଲୋକେ ମୋ ମାଲିକ ରଜାଙ୍କ ସଙ୍ଗେ କଥାଭାଷା ହେଉଛନ୍ତି । ଏଇକ୍ଷଣି ଭିତରକୁ କେହି ଯାଇପାରିବେନି । ତୁ ଯା... ପଛେ ଆସିବୁ ।"

ସେ ସ୍ତ୍ରୀଲୋକଟି ପୁଣି ଜଗୁଆଳକୁ ଠେଲିବାକୁ ଆସିଲା, ଆଉ ତଳେ ଧୋ' କରି ପଡ଼ିଗଲା । କାନ୍ଦିବାର ଅଭିନୟ କଲା । କହିଲା, "ଆରେ... ଆରେ...ଦେଖରେ ଦେଖ । ଭଦର ଲୋକମାନେ ଦେଖ... । ଏ ରାଇଜରେ ଧରମ ନାହିଁ କି କରମ ନାହିଁ । ମୁଁ ଗୋଟିଏ ମାଇପିଲୋକ । ମୋ' ଉପରେ ଏ ମରଦଟା ହାତ ଉଠାଇଲା । ମୋତେ ତ ମାରିପକାଇଲା । ହେ ହେ ଧରମ ଦେବତା, ମୋ ଜୀବନ ଗଲା; ମୋ ଟିକି ଟିକି ଛୁଆଟିମାନେ କ'ଣ କରିବେ ଯେ? ସେମାନେ ତ ଭାସିଯିବେ । ସେମାନେ ତ ଛେଉଣ୍ଡ ହୋଇଯିବେ । ହଇରେ ଜଗୁଆଳ ଟୋକା, ତୋର ଏଡ଼େ ସାହାସ? ସିଏ ତଳେ ପଡ଼ିଥାଏ । ଗୋଡ଼ହାତ ଘୁଞ୍ଚୁଥାଏ । ଗଡ଼ୁଥାଏ । ମରିଗଲିଲୋ... ମାରିପକାଇଲାଲୋ, ଇ...ହିଁ...ହିଁ ହେଉଥାଏ ।

ବେଶ୍ ଗୋଟାଏ ପାଟିତୁଣ୍ଡ ହେଲା । ଖୋଜାବସିରଙ୍କ ସ୍ତ୍ରୀ ଏ ଖବର ଶୁଣିଲେ । ସେ ସଙ୍ଗେ ସଙ୍ଗେ ଚାକରମାନଙ୍କୁ ପଠାଇଲେ—ଯାଅ କ'ଣ ହୋଇଛି ଦେଖିଆସ । ଚଞ୍ଚଳ ଆସିବ । ଚାକରମାନେ ଦଉଡ଼ିଗଲେ । ବୁଢ଼ୀଟିଏ ଗଡ଼ୁଛି ଦେଖିଲେ । ପଚାରିଲେ, "ହେ କିଏ ତୁ? କ'ଣ ହେଇଛି?"

"ଦେଖ, ମୁଁ ଜଣେ ଗରିବ ମାଇକିନା, ଭିକ ମାଗି ଚଳେ । ଶୁଣିଲି ଖୋଜାବସିର ଧନୀ ସୌଦାଗର । ଖୁବ୍ ଦାନ ଖଇରାତ କରନ୍ତି । ଏହାଙ୍କ ଘରକୁ ଗଲେ କିଛି ଧନ ଦରବ ମିଳିବ । ମୁଁ କିଛିଦିନ ସୁବିଧାରେ ଚଳି-ଯିବି । ଆଉ ଏଠିକି ଆସି ଦେଖୁଛି ବିପରୀତ । ଏମିତି ଜଗୁଆଳ ଏଠି ଅଛି ଯେ, ସିଏ ମୋତେ ଧକ୍କା ମାରି ଜୀବନ ନେବାକୁ ବସିଛି । ଓ...ହୋ... ହୋ... । ମୁଁ ତ ମରିଯାଉଥିଲି । ଭାଗ୍ୟକୁ ବଞ୍ଚିଯାଇଛି । କିଏ ଜାଣେ ଏ

Digitized by srujanika@gmail.com

ଯୋଉ ମାଡ଼, ଏଥିରେ ଆଉ କେତେଦିନ ବଞ୍ଚିବି କି ବଞ୍ଚିବିନି । ମୁଁ ମରି-ଗଲେ ମୋ ପିଲାଏ ଅନାଥ ହୋଇଯିବେ । ସେମାନେ ଅରକ୍ଷ ହୋଇଯିବେ । ସେମାନଙ୍କୁ କିଏ ପୋଷିବ ? ଓ···ହୋ···ହୋ··· ବହୁତ କାନ୍ଦୁଛି । ହାହାତ ମୋ'ର କଷ୍ଟରେ ଫାଟିଯାଉଛି ।"

ଚାକରମାନେ ବର୍ତ୍ତମାନ ଜଗୁଆଳକୁ ଚଢ଼ାଉକଲେ, "କିରେ, ତୁ ଏ କ'ଣ କଲୁ ? ଧର୍ମାଳୋକ ପରି ଦାନ କରିବା କଥା । ଧନ ଆଣିଛନ୍ତି କି ପାଇଛନ୍ତି ଗରିବଙ୍କୁ ଦାନ କରିବେ ବୋଲି । ତୁ ଏକଥା ବୁଝିପାରିଲୁନି ? ତୁ କାହୁଁ ବୁଝିବୁ—ତୁ ତ ଗୋଟାଏ ହତଭଗା ଲୋକ ।"

ଜଗୁଆଳଟି ସବୁକଥା ବର୍ଣ୍ଣନା କଲା । କହିଲା, "ବୁଝି ବିଚାରି ତମେ ଯାହା କହୁଛ ଠିକ୍ । କିନ୍ତୁ ନବୁଝି କହିଲେ ଭଲହେବନି । ଏ ବୁଢ଼ୀ ବଡ଼ ମିଛୁଆଣି । ସେ ଖାଲି କଞ୍ଚା ମିଛଗୁଡ଼ାଏ କହୁଚି । ଆଉ ତା'ରି କଥାରେ ଭସି-ଯାଇ ତୁମେ ସବୁ ମୋତେ ଗାଳିଦଉଚ—ଇଏତ ବହୁତ ଅନ୍ୟାୟ କଥା !"

ଚାକରମାନେ ଯାଇ ମାଲିକାଣୀଙ୍କୁ ଏକଥା କହିଲେ । ସେ ବିଚାରି ବଡ଼ ଦୟାଶୀଳା । କାହାରି ଦୁଃଖ ଦେଖିପାରନ୍ତିନି । ସେ ସଙ୍ଗେ ସଙ୍ଗେ ଚାକର-ମାନଙ୍କୁ କହିଲେ, "ଦେଖ, ସେ ବଡ଼ ଦୁଃଖୀ ଲୋକ । ସେ ପ୍ରକାର ଲୋକଙ୍କୁ ସାହାଯ୍ୟ କରିବା ଉଚିତ । ଗରିବକୁ ସାହାଯ୍ୟ କଲେ ଭଗବାନ ଖୁସି ହୁଅନ୍ତି । ସେମାନଙ୍କ ପ୍ରତି ନିଷ୍ଠୁର ହେଲେ ଭଗବାନ ଦୁଃଖିତ ହୁଅନ୍ତି । ଦେବତା-ମାନେ ଅଭିଶାପ ଦିଅନ୍ତି ।"

ଚାକରମାନେ ଦଉଡ଼ିଗଲେ । ଦେଖିଲେ ବୁଢ଼ୀଟା ଚେତା ହରାଇ ପଡ଼ିଚି । ସେ କ'ଣ ସତରେ ଅଚେତ ହୋଇଯାଇଥିଲା ? ନା, ସେ ଛଳନା କରୁଥାଏ । ଚାକରମାନେ ଗୋଟାଏ ଦାମିକା କପଡ଼ାରେ ତାକୁ ଗୁଡ଼ାଇ ସୌଦାଗରଆଣୀ ପାଖକୁ ନେଲେ । ସେ ବିଚାରି ବୁଢ଼ୀର ସେବା ଯତ୍ନ କଲେ । କିନ୍ତୁ ସମସ୍ତ ଚନ୍ଦନ ଅତରରେ ତା' ମୁହଁ ପଖାଳିଦେଲେ । ଶେଷକୁ ବୁଢ଼ୀ ଆଖି ଖୋଲିଲା । ସେ ସଙ୍ଗେ ସଙ୍ଗେ ତା' ଜଭରି ଖେଳ ବି ଦେଖାଇଲା । ସେ ଗାଳିଦେଲା ସେ ଜଗୁଆଳକୁ । ପ୍ରଶଂସା କରୁଥାଏ ଖୋଜାବସିରଙ୍କ ସ୍ତ୍ରୀଙ୍କୁ । ବୁଢ଼ୀ କହୁଥାଏ, "ମାଲିକାଣୀ, ଆଜି ମୋର ସବୁ ସରିଯାଇଥାନ୍ତା । ସେ ଜଗୁଆଳଟା ଅଧର୍ମୀ ଲୋକଟାଏ । ଏତେବଡ଼ ଧାର୍ମିକଲୋକ ତୁମେ—ଏପରି ଗୋଟାଏ ଗଜା-ମୂଳିକ କିଆଁ ରଖିଚ ? ମାଲିକାଣୀ ଗୋ, ମୁଁ ଆଜି ସିନା ଭିକ ମାଗୁଚି—

Digitized by srujanika@gmail.com

ଏହା ମୋ ମନ୍ଦଭାଗ୍ୟ କରାଇଛି । ମୁଁ ସହରରେ ଜଣେ ହୋଇ ଚଳୁଥିଲି । ମୋ'ର କ'ଣ ନଥିଲା ! ଧନ ରତ୍ନରେ ଘର ମୋର ପୂରିଥିଲା । ଗୋଡ଼କୁ ହାତକୁ ଚାକର ଖଞ୍ଜା ହୋଇଥିଲେ । ଆଜି ମୁଁ ବାରଦ୍ୱାର ହେଉଛି । ଇଏ ମୋର କପାଳର ଖେଳ···ମାଲିକାଣୀ, ଇଏ ମୋର କପାଳର ଖେଳ । ମୋ' ପିଲାଏ ଆଜି ଛିଣ୍ଡା ଲେଙ୍ଗୁଟି ପିନ୍ଧୁଛନ୍ତି; ଅଥଚ ସେମିତି କପଡ଼ା ଆମ ଘରର ଚାକର ବି ପିନ୍ଧୁନଥିଲେ । ଇଏ କମ୍ ଅପମାନର କଥା, କମ୍ ହୀନମାନର କଥା !"

"ମୋର ସବୁ ସମ୍ପଦ ଯାଇଛି । ଯିଏ ମୋତେ ରାଣୀ କରି ବସାଇ-ଥିଲେ, ସେ ନାହାନ୍ତି । ସିଏ ଥିଲେ ମୁଁ ଦାଣ୍ଡକୁ କାହିଁ ବାହାରନ୍ତି ? ଆସନ୍ତି ଏଠିକି କାହିଁକି ? ଶେଷକୁ କପାଳ ମୋତେ ଭିକାରୁଣୀ କରାଇଲା । ଆଉ ଏଇପରି ହୀନକପାଳୀ ଯେ, ବାରଲୋକଙ୍କ ହାତରେ ମାଡ଼ଖୁଆଇଲା । ହାୟରେ ମୋ' ଫଟାକପାଳ ! ଶେଷକୁ ଏଇୟା ଘଟିଲା ! ମୁଁ ମରିଯାଇ-ଥିଲେ ଭଲହୋଇଥାଆନ୍ତା ମାଲିକାଣି ! ବଞ୍ଚିକରି ସାତହୀନସ୍ତା ହେଉଛି । ମୋ' ପିଲାଗୁଡ଼ିକ ହେଲେ ମରିଯାଆନ୍ତେ ! କିଏ ନହେଲେ ସେମାନଙ୍କୁ ନେଇଯାଆନ୍ତା କି ! ତା' ହେଲେ ମୁଁ କୂଅ ପୋଖରୀ ଦେଖନ୍ତି; କି ମହୁରା ଖାଇ ଜୀବନଟା ହରାଇଦିଅନ୍ତି । ଏତେ ଦୁଃଖ ଅପମାନରେ ଘାଣ୍ଟି ସନ୍ତୁଳି ହୁଅନ୍ତିନି ।"

ବୁଢ଼ୀ ଏ ସମସ୍ତ କହି କହି ଏପରି ଅଭିନୟ କଲା ଯେ, ସୌଦାଗରଆଣୀ କଥାଟାକୁ ସମ୍ପୂର୍ଣ୍ଣ ସତ ବୋଲି ଧରିନେଲେ । ତାଙ୍କ ଆଖି ଲୁହରେ ଛଳ ଛଳ ହୋଇଗଲା । ସେ କହିଲେ, "ବୁଢ଼ୀ ମାଉସୀ ! ତମ ଉପରେ ସେ ଜଗୁଆଳ କେତେ କଦର୍ଥନା କଲା । ସେସବୁ ପାଇଁ ଆମକୁ ମାଫ୍ କରିଦିଅ । ମାଲିକ ଆସନ୍ତୁ, ମୁଁ ତାଙ୍କୁ କହିବି । ତମର ଗୋଟାଏ ବ୍ୟବସ୍ଥା କରାଇବି । ତମେ ଆଉ କେବେ ହଇରାଣ ହେବନି । ଇଏ ଗୋଟାଏ କଥାନା ! ଖୋଜା ଆସିଲେ ତମକୁ ସୁନାରୁପା ଅନେକ ଦିଆଇବି ।"

"ମାଲିକାଣୀ···" ବୁଢ଼ୀ ବଡ଼ କରୁଣ ଆଖିରେ ଚାହିଁରହିଲା । "ହଁ··· ତମେ ଟିକେ ଅପେକ୍ଷା କର ମାଉସି ! ଏ ଘରେ ଅନେକ ଧନରତ୍ନ ଅଛି । ବହୁଲୋକ ଏଠୁ ଧନରତ୍ନ ନେଇ ସୁଖରେ କାଳ କାଟୁଛନ୍ତି । ତମେ ବି ସେମିତି ସୁଖରେ ରହିବ । ତମକୁ ଆଉ ଭିକ ମାଗିବାକୁ ପଡ଼ିବନି । ମାତ୍ର

Digitized by srujanika@gmail.com

ତମେ ଟିକେ ଅପେକ୍ଷା କର ! ଏ ଧନରେ ମୋର ନିଜର କିଛି ଅଧିକାର ନାହିଁ । ଏ ସମ୍ପତ୍ତି ମୋ ସ୍ୱାମୀଙ୍କର । ସିଏ ନକହିଲା ଯାଏଁ ମୁଁ ତାକୁ ଛୁଇଁ-ପାରିବିନି !"

ବୁଢ଼ୀ ସେଇଠି ବସିରହିଲା । ଅପେକ୍ଷା କରି ରହିଲା ସଞ୍ଜ ହେବାଯାଏ । ଖୋଜା ବସିର୍ ସେ ଯାଏଁ ଆସିଲେନି । ବୁଢ଼ୀ କହିଲା, "ମାଲିକାଣି ! ତମର କୋଟି ପରମାୟୁ ହେଉ । ସୌଦାଗର ଏ ଯାଏଁ ଆସିଲେନି, ମୋ ପିଲାଏ ଆଜି ଭୋକ ଉପାସରେ ମରିବେ । ବଡ଼ଘର ବୋଲି ଆସିଥିଲି ଯେ ବଡ଼ ବଡ଼ ଜିନିଷ ପାଇଲି । ମାଡ଼ ପାଇଲି । ମୋ' ପିଲାଏ..."

ସୌଦାଗରିଆଣୀ ତା'ଠୁ ଆହୁରି ବ୍ୟସ୍ତ । ସେ ବାରମ୍ବାର ଖୋଜା ବସିର ଆସିବା ବାଟକୁ ଚାହୁଁଥିଲେ । ଆସିଯାଆନ୍ତେ କି—ବୁଢ଼ୀଟିର ସବୁ ଦୁଃଖ ଦୂରହୋଇଯାଆନ୍ତା !

ବୁଢ଼ୀ ଏଣେ ବ୍ୟସ୍ତ ହେଉଛି । ସୌଦାଗରିଆଣୀ କହିଲେ, "ବୁଢ଼ୀ ମାଉସି ! ତମ ଦୁଃଖରେ ମୁଁ ଦୁଃଖୀ । ହେଲେ, ଏଠି ମୋର ବୋଲି କିଛି ନାହିଁ । ଏଇ ଯୋଉ ଶାଢ଼ିଖଣ୍ଡିକ ପିନ୍ଧିଛି ସେ ଖଣ୍ଡି ମୋର, ମୁଁ ତମକୁ ସେଇ ଶାଢ଼ିଟି ଦଉଛି । ତମେ ବଜାରରେ ତାକୁ ବିକିଲେ ବେଶ୍ ଦି'ପଇସା ପାଇବ । ସେଥିରେ ଆଜି ଚଳିବ । କାଲିକି ଆସିବ । ମୁଁ ସୌଦାଗରଙ୍କୁ କହିଥିବି । ତମର କିଛି ଗୋଟାଏ ସୁବିଧା ନିଶ୍ଚୟ କରିବା ।"

ସୌଦାଗରିଆଣୀ ନିଜର ଶାଢ଼ିଟି ବଦଳାଇ ଦେଲେ । ଆଉ ଖଣ୍ଡେ ପିନ୍ଧିଲେ, ଏ ଖଣ୍ଡିକ ଦେଲେ ବୁଢ଼ୀକି । ବୁଢ଼ୀର ମନ ତ ଉଡ଼ିଲା । ସିଏ ଆକାଶ ଚନ୍ଦ୍ର ହାତରେ ପାଇଛି । ସେ ଦଉଡ଼ିଲା ମନ୍ତ୍ରୀ ପାଖକୁ । ସୌଦାଗରି-ଆଣୀଙ୍କ ଶୁଖିଲା ମୁହଁରେ ଟିକେ ହସ ଖେଳିଗଲା—ଓହୋ, ସେ ଜଣେ ଗରିବଲୋକକୁ ସାହାଯ୍ୟ କରିପାରିଲେ !

ଏ ଭିତରେ ଖୋଜା ଓ ରଜାଙ୍କ କଥାଭାଷା ସରିଗଲା । ଖୋଜା ପ୍ରାର୍ଥନାକୁ ଗଲେ । ରଜା ଏକାକୀ ଥାଆନ୍ତି । ମନ୍ତ୍ରୀ ଆଉ ସମୟ ଅପେକ୍ଷା କଲେନି, ସେ ସିଧା ରଜାଙ୍କ ପାଖକୁ ଗଲେ । କହିଲେ, "ମହାରାଜ, ମୋତେ କ୍ଷମାକରନ୍ତୁ । ମୋ' ହାତରେ ଏ ଶାଢ଼ି କାହାର ଜାଣନ୍ତି ? ଏ ଶାଢ଼ି ହେଉଛି ଖୋଜା ବସିର ସ୍ତ୍ରୀର ! ଏଇଥିରୁ ବୁଝନ୍ତୁ ତା' ସ୍ତ୍ରୀ କି ପ୍ରକାର ସ୍ତ୍ରୀ ହୋଇଥିବ ।" ରଜା ଖୁବ୍ ଦୁଃଖିତ ହେଇଗଲେ । ଆଉ ମନ୍ତ୍ରୀ ତାଙ୍କଠୁ

Digitized by srujanika@gmail.com

ବଦାୟ୍ ନେଇ ଗଲେ ।

ପ୍ରାର୍ଥନା ସାରି ଫେରିଆସିଲେ ବସିର । ରଜା ତାଙ୍କୁ ମନ୍ତ୍ରୀଙ୍କ ଷଡଯନ୍ତ୍ର କୌଣସି କଥା କହିଲେନି । ବସିର ରଜାଙ୍କ ଉଆସରେ ସତରେ ରହିଲେ । ତା' ଆରଦିନ ସକାଳୁ ରଜା କହିଲେ, "ବୁଝିଲନା ବସିର, କାଲି ପୁଲିସ୍ ଦଳେ ଚୋରଙ୍କୁ ଧରିଲେ, ଆଉ ଏଇ ଶାଢ଼ିଟା ସେମାନେ ପାଇଛନ୍ତି ।" ସେ ବସିରଙ୍କୁ ଶାଢ଼ିଟା ଦେଖାଇଲେ ।

ଖୋଜା ଶାଢ଼ିଟାକୁ ଦେଖି ଦେଖି ଚମକିପଡ଼ିଲେ । ତାଙ୍କ ମୁହଁର ସମସ୍ତ ରଙ୍ଗ ଧୋଇହୋଇ ସଫାହୋଇଗଲା । ସତେ ଯେପରି ସେ ମୁହଁଟା ଗୋଟେ ମଲାକଇଁର ପାଖୁଡ଼ା ।

"ଏ ଶାଢ଼ିଟା ଆମ ଘରର । ବୋଧହୁଏ ମୁଁ ବାରମ୍ବାର୍ ଘରୁ ଦୂରରେ ରହୁଥିବାରୁ ଘରେ କ'ଣ କ'ଣ ଘଟୁଚି ଜାଣିପାରୁନି ।"

"ଆରେ ବୋକା" ରଜା କହିଲେ, "ତୋ ଘରେ ତ ଏତେ ଏତେ କଳଙ୍କ ଲାଗିଛି—ତୁ କ'ଣ ବଡ଼ ବଡ଼ କଥା କହୁଚୁ ? ତୋ ସ୍ତ୍ରୀ ତ ମନ୍ଦ ଆଚରଣ କରୁଚି । ତୋ ଭଳି ଲୋକର ବନ୍ଧୁତା ମୋର ଦରକାରନାହିଁ ।"

ଖୋଜା ବସିରଙ୍କ ମୁଣ୍ଡରେ ବଜ୍ରପଡ଼ିଲା । ସେ କିନ୍ତୁ କଥାଟାକୁ ବେଶ୍ ଅନୁମାନ କରିନେଲେ । ସେ ତାଙ୍କ ସ୍ତ୍ରୀଙ୍କୁ ଜାଣନ୍ତି—ତାଙ୍କ ପ୍ରତି ସନ୍ଦେହ କରିଯାଇନପାରେ । ଅତି ଶାନ୍ତ, ସରଳ ସେ । ତେବେ ଏ ଶାଢ଼ି ପଛରେ କିଛି ଗୋଟାଏ ଷଡ଼ଯନ୍ତ୍ର ଅଛି । ସେଇ ମନ୍ତ୍ରୀ ଏ କାମ କରିଥିବେ । ସେ ରଜାଙ୍କୁ ଅନେକ ପ୍ରକାରେ ବୁଝାଇଲେ । ରଜା ବୁଝିଲେନାହିଁ, ବରଂ ଅଧିକ ବିରକ୍ତ ହେଲେ । ଶେଷକୁ ଆଦେଶଦେଲେ, 'ଖୋଜାକୁ ଫାଶୀଦିଅ ।'

ଖୋଜାଙ୍କୁ ବହୁତ ଲୋକ ଶ୍ରଦ୍ଧା କରନ୍ତି । ତା'ଛଡ଼ା ତାଙ୍କର ଅନେକ ଚାକରବାକର ଥାଆନ୍ତି । ସେମାନେ ସମସ୍ତେ ଖୋଜା ଓ ତାଙ୍କର ପରିବାର ପାଇଁ ସବୁକଥା କରିବାକୁ ତିଆରିଥାଆନ୍ତି । ଖୋଜା ତ ସବୁରି ଭଲକରନ୍ତି, ତାଙ୍କୁ ସାହାଯ୍ୟ କରିବାକୁ କିଏ ଅବା ପଛେଇବ ?

ଖୋଜାଙ୍କର ଚାକରପିଲାଟିଏ ଥାଏ । ଏ ପିଲାଟି ତା'ର ମାଲିକଙ୍କ ସଙ୍ଗରେ ସବୁବେଳେ ଥାଏ । ରଜାଙ୍କ ଆଦେଶ ଶୁଣି ସେ ପିଲାଟିର ମୁହଁ ଶୁଖିଗଲା । ସେ କ'ଣ କରିବ କିଛି ଭାବିନପାରି କାନ୍ଦକାନ୍ଦ ଘରକୁ ଦଉଡ଼ିଲା । ମାଲିକାଣୀଙ୍କି ସବୁକଥା କହିଲା ।

ମାଲିକାଣୀ ଶୁଣି କହିଲେ, "ହେ ଭଗବାନ, ଏ କ'ଣ କଲ ? ମୁଁ ଶାଢ଼ିଟା

Digitized by srujanika@gmail.com

ଦେଇ ଭିକାରୁଣୀକି । ଭଗବାନ୍ ତାଙ୍କୁ ସାହାଯ୍ୟ କରନ୍ତୁ—ଏଇ ମୋର ଉଦ୍ଦେଶ୍ୟ । ତା'ର ଫଳ କ'ଣ ଏଇଆ ହେଲା !" ସେ ଗୁଡ଼ାଏ ସୁନା-ମୋହର ପିଲଟି ହାତରେ ଦେଲେ । କହିଲେ, "ଫାଶୀବାଲାଙ୍କୁ ଦେବୁ । ସେମାନେ ହଠାତ୍ ଖୋଜାଙ୍କୁ ମାରିବେନି । ବିଳମ୍ବ କରିବେ । ମୁଁ ଦେଖେ କ'ଣ ହେଉଚି ।" ବୁଢ଼ୀଟି ଦୁଃଖିତ ମନରେ ରଜାଙ୍କ ଉଆସ ଆଡ଼କୁ ଚାଲିଲେ ।

ପିଲଟି ସେ ସୁନାତକ ନେଇ ଘାତକମାନଙ୍କୁ ଦେଲା । ସେମାନେ ଖୋଜାଙ୍କୁ ସଙ୍ଗେ ସଙ୍ଗେ ମାରିଲେ ନାହିଁ । ଅତୀତରେ ଖୋଜାଙ୍କଠାରୁ ସେମାନେ ବହୁତ ଉପକାର ପାଇଛନ୍ତି—ଆଜିର ଏ ବିପଦରେ ଟିକେ ସାହାଯ୍ୟ କରିବେନି !

ସୌଦାଗରିଆଣୀ ରଜାଙ୍କ ଉଆସରେ ପହଞ୍ଚିଲେ । ସେ ପରଦା ଆଡ଼ୁଆଳରେ ଥାଇ କହିଲେ, "ଧର୍ମାବତାର, ମୋତେ ରକ୍ଷାକରନ୍ତୁ । ମୋତେ ନ୍ୟାୟ ବିଚାର ହଅନ୍ତୁ ।"

—"କ'ଣ ହୋଇଚି ତୁମର ?"

—"ହଜୁର ଆପଣଙ୍କ ମନ୍ତ୍ରୀ ମୋ ପ୍ରତି ଖୁବ୍ ଅନ୍ୟାୟ କରିଛନ୍ତି ।"

ରଜା ଏକଥା ଶୁଣି ଆଶ୍ଚର୍ଯ୍ୟ ହେଲେ । ସେ ସଙ୍ଗେ ସଙ୍ଗେ ମନ୍ତ୍ରୀଙ୍କୁ ତାଙ୍କ ପାଖକୁ ଡକାଇଲେ, କାରଣ ମନ୍ତ୍ରୀ ଆଗରୁ ଜାଲ ବିଛାଇ ସେ ପାଖରେ ଲଣ୍ଡଭଣ୍ଡ ହେଉଥାଆନ୍ତି । ସେ ଭାବୁଥିଲେ, ସୌଦାଗରଙ୍କୁ ଏଥର ଶେଷ କରିଦେବେ । ସୌଦାଗର ଫାଶୀ ପାଇବ, ତା' ହେଲେ ସେ ନିଷ୍କଣ୍ଟକ ହେବେ । ସେଇଥିପାଇଁ ସେ ଜଗିରହିଥିଲେ—କାଳେ କୋଉ ଉପାୟରେ ଖୋଜା ଖସିଯିବ ।

ଏ ଖବର ପାଇ ମନ୍ତ୍ରୀଙ୍କ ଆଶ୍ଚର୍ଯ୍ୟର ସୀମା ରହିଲାନି । ସେ ସ୍ତ୍ରୀ-ଲୋକଟି କହୁଥିଲେ, "ମୁଁ ଏଇ ମନ୍ତ୍ରୀଙ୍କ ଘରେ ଗଲା ପନ୍ଦରବର୍ଷ ହେଲାଣି କାମ କରୁଛି ହଜୁର ! ଇଏ ମୋର ପନ୍ଦରବର୍ଷର ଦରମା ଏଯାଏଁ ଦେଇ-ନାହାନ୍ତି । କାଲି ମାଗିଲି, ସେ ମୋତେ ହାଣିବ ମାରିବ କହିଲେ ।"

ରଜା ମନ୍ତ୍ରୀଙ୍କ ଆଡ଼କୁ ଅନାଇଲେ । ମନ୍ତ୍ରୀ କହିଲେ, "ମହାରାଜ, ଏ ମାଇପିଟା ଖାଣ୍ଟି ମିଛ ବଖାଣୁଛି । ସେ ମୋ ଘରେ କାମ କରିବା ତ ଦୂରର କଥା..."

"ହଜୁର ମୋତେ ନ୍ୟାୟମିଳୁ !" ସ୍ତ୍ରୀଲୋକଟି କହୁଥିଲା ।"

—"ହଜୁର, ମୁଁ ଆପଣଙ୍କ ମୁଣ୍ଡ ଛୁଇଁ କହିପାରେ, ଏ ମାଇପିକି ମୁଁ

Digitized by srujanika@gmail.com

ଚହ୍ନେନ । ଏହାକୁ ମୁଁ କେବେହେଲେ ଦେଖିନ ।”

“ମହାରାଜ, ଆପଣଙ୍କ ମୁଣ୍ଡଛୁଇଁ ଶପଥ କରି ଏ ମନ୍ତ୍ରୀ ମସ୍ତବଡ଼ ଅପରାଧ କରିଛନ୍ତି । ସେ ମିଛ କହୁଛନ୍ତି । ସେ ଯାହା କହୁଛନ୍ତି ଲେଖିଦିଅନ୍ତୁ ।”

ମନ୍ତ୍ରୀ ଏଥର ଉଠିପଡ଼ିଲେ । ସେ ସ୍ତ୍ରୀଲୋକଟି ପାଖକୁ ଗଲେ । ତାକୁ ଭଲକରି ଦେଖିନେଲେ । ଆଉ ତା’ପରେ ଲେଖିଦେଲେ ଯେ, “ମୁଁ ଅମୁକ, ଅମୁକ ଦେଶର ମନ୍ତ୍ରୀ···ଆଜିଦିନ ରାଜ ଦର୍ବାରଙ୍କୁ ସାକ୍ଷୀରଖି ଲେଖି-ଦେଉଅଛି ଯେ, ଏଇ ନାରୀକୁ ମୁଁ କେବେହେଲେ ଦେଖିନାହିଁ କି ଜାଣେ-ନାହିଁ । ଏକଥା ମିଛହେଲେ ମୁଁ କଠିନ ସଜା ପାଇବି ।” ମନ୍ତ୍ରୀ ଏତିକି ଲେଖି ସେ କାଗଜଖଣ୍ଡିକ ରଜାଙ୍କ ହାତକୁ ବଢ଼ାଇଦେଲେ ।

ତା’ପରେ ସେ ସ୍ତ୍ରୀଲୋକଟି କହିଲେ, “ମହାରାଜ, ମୋର ଦୋଷ କ୍ଷମାକରିବେ । ମୁଁ ହେଉଛି ଖୋଜା ବସିରଙ୍କ ସ୍ତ୍ରୀ । ଏ ମନ୍ତ୍ରୀ ମୋ ସ୍ୱାମୀଙ୍କ ବିରୁଦ୍ଧରେ ଗୁରୁତର ଷଡ଼ଯନ୍ତ୍ର କରିଛନ୍ତି; କିନ୍ତୁ ଭଗବାନ ଜାଣନ୍ତି ଏ ଷଡ଼ଯନ୍ତ୍ରର ଫଳ ନିଜେ ଷଡ଼ଯନ୍ତ୍ରକାରୀକୁ ଭୋଗିବାକୁ ହୋଇଥାଏ ।” ତା’ପରେ ସେ ରଜାଙ୍କୁ ସମୁଦାୟ କଥାଟି କହିଲେ—ଭିକାରୁଣୀକୁ ସେ ଦୟାକରି ଯୋଡ଼ି ଶାଢ଼ି ଦେଇଥିଲେ ସେହି ଶାଢ଼ି ନେଇ ମନ୍ତ୍ରୀ ଖେଳ ଖେଳିଛନ୍ତି । ମନ୍ତ୍ରୀ କହୁଛନ୍ତି ଯେ ସେ ତାଙ୍କୁ ଜାଣନ୍ତିନି, ଅଥଚ ତାହାଙ୍କ ଚରିତ୍ର ଉପରେ ନିର୍ଲଜ୍ଜ ଦୋଷାରୋପ କରିବାକୁ ସେ ସଂକୋଚ ବୋଧକରୁନାହାନ୍ତି ।

ରଜା ଏକଥା ଶୁଣି ବୁଝିପାରିଲେ ଯେ ଖୋଜା ବସିରଙ୍କ ପ୍ରତି ବଡ଼ ଅନ୍ୟାୟ ହୋଇଯାଇଛି । ସେ ତାଙ୍କ ଦୂତକୁ ପଠାଇ ଖୋଜାଙ୍କୁ ମୁକୁଳାଇ ଆଣିଲେ । ମନ୍ତ୍ରୀଙ୍କୁ ଘଟଣା ପଚାରିଲେ । ମନ୍ତ୍ରୀ ମୁହଁ ତଳକୁ କଲେ । ସେ କାର୍ଯ୍ୟରେ ତାହାଙ୍କୁ ସାହାଯ୍ୟ କରିଥିବା ସେଇ ସ୍ତ୍ରୀଲୋକକୁ ଡକରାହେଲା । ପଚରିଲେ ଏକଥା ସେ କିଛି ମାନିଲାନି; ମାତ୍ର କେତେ ପାହାର ବାଜିଲା ପରେ ସତକଥାତକ କହିଲା । ସେ ମନ୍ତ୍ରୀଙ୍କ କଥା ଅନୁସାରେ ଯାହା ଯାହା କରିଥିଲା ସବୁ କହିଲା । ସେ ଭାବୁଥିଲା, ମନ୍ତ୍ରୀ ତାକୁ ବହୁତ ଟଙ୍କା ପଇସା ଦେବେ, ତାଙ୍କ ହାତରେ ବହୁତ କ୍ଷମତା ।

ରଜା ଠିକ୍ ବୁଝିଲେ । ସେ ଖୋଜାଙ୍କ ସ୍ତ୍ରୀଙ୍କୁ କ୍ଷମାମାଗିଲେ ଓ ଖୋଜାଙ୍କୁ ଦେଶର ମନ୍ତ୍ରୀ କଲେ । ସେ ମନ୍ତ୍ରୀ, ଆଉ ସେ ବୁଢ଼ୀକି ଫାଶୀ କାଠରେ ଝୁଲାଇଲେ ।

———

Digitized by srujanika@gmail.com

## ସ୍କୁଲ ଛାତ୍ରଛାତ୍ରୀଙ୍କର ଅତି ପ୍ରିୟ ବହି ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ଅଲିଭର ଟୁଇଷ୍ଟ
ଦୁଇଟି ନଗରୀର କାହାଣୀ
ଡେଭିଡ୍ କପରଫିଲଡ୍
ଅନେକ ଆଶା
ନିକୋଲାସ୍ ନିକଲ୍‌ବି
ଚକ୍ରାନ୍ତକାରୀ
କୋଡ଼ିଏବର୍ଷ ପରେ
ମଣ୍ଟିକ୍ରିଷ୍ଟୋର ରାଜା
କର୍ସିକାନ୍ ଦୁଇଭାଇ
ବିଚିତ୍ର ଡାକ୍ତର
ମଣ୍ଡରୋଳର ଉପକଥା
ରାଜା ସଲୋମନଙ୍କ ହୀରାଖଣି
ଟମ ସଏର୍
ହକଲବରୀ ଫିନ୍‌ର କାହାଣୀ
ରାଜପୁତ୍ର ଓ ଭିକାରୀ
ପଂପେଇନଗରୀର ଶେଷଦିନ
ଅଶୀଦିନରେ ପୃଥିବୀ ପରିକ୍ରମଣ
ହେଞ୍ଜୁର ରୁପର୍ଟ
ଜେଣ୍ଡାଦୁର୍ଗର ବନ୍ଦୀ
ସୁଇସ୍ ରବିନ୍‌ସନ୍
ରତ୍ନଦ୍ୱୀପ
ଭୌତିକ ବୋତଲ
ପ୍ରବାଳଦ୍ୱୀପ
ଅଦୃଶ୍ୟମାନବ
ଟାଇମ୍ ମେସିନ୍
ଚନ୍ଦ୍ରପୃଷ୍ଠରେ ପ୍ରଥମମାନବ
ଗଲିଭରର ଭ୍ରମଣକାହାଣୀ
ସାଇଲାସ୍ ମାରନର୍
ରବିନ୍‌ସନ୍ କ୍ରୁଶୋ
ରବିନ୍ ହୁଡ୍
ଟମକାକାଙ୍କ କେବିନ୍
ମୁଦି ଓ ଗୋଲାପ
ଚନ୍ଦ୍ରକାନ୍ତମଣି
ସେରଲକ୍ ହୋମସ୍ କାହାଣୀ
ଦେବମାନବ ହରକ୍ୟୁଲିସ୍
ଭୌତିକ କୁକୁର

ପାପ ଓ ପ୍ରାୟଶ୍ଚିତ୍ତ
ବିପନ୍ନ ନାବିକର କାହାଣୀ
ରାଜା ଆର୍ଥରଙ୍କ ଯୋଦ୍ଧାଗଣ
ଆନନ୍ଦ ମଠ
ମୃଚ୍ଛକଟିକ ଓ ମୁଦ୍ରାରାକ୍ଷସ
ଶକୁନ୍ତଳା
ସେକସ୍‌ପିଅର କାହାଣୀ : ୧ମ, ୨ୟ, ୩ୟ
ପିଲାଙ୍କ କଥାସରିତ ସାଗର
ଟଲଷ୍ଟୟ କାହାଣୀ · ୧ମ, ୨ୟ, ୩ୟ
ହୋମର୍ କାହାଣୀ
ଆଣ୍ଡରସନ୍‌ଙ୍କ କାହାଣୀ
ଗର୍କୀ କାହାଣୀ : ୧ମ, ୨ୟ
ଫକୀରମୋହନଙ୍କ କାହାଣୀ ; ୧ମ, ୨ୟ
ମୋପାସାଁ କାହାଣୀ: ୧ମ, ୨ୟ, ୩ୟ, ୪ର୍ଥ
ପ୍ରେମଚନ୍ଦ କାହାଣୀ: ୧ମ, ୨ୟ, ୩ୟ, ୪ର୍ଥ
ଆରବଦେଶର କାହାଣୀ
ସିନ୍ଦବାଦ କାହାଣୀ
ଆଲାଦ୍ଦୀନର କୁହୁକଦୀପ
ମହାକବି କାଳିଦାସ କାହାଣୀ ୧ମ, ୨ୟ
ପିଲାଙ୍କ ଛ'ମାଣ ଆଠଗୁଣ୍ଠ
ଗ୍ରୀମ୍‌ସଙ୍କ କାହାଣୀ · ୧ମ, ୨ୟ
ବୀରବଲ କାହାଣୀ
ରିପଭାନ୍ ଉଇଙ୍କଲ
ଦୁଃଖ ପରେ ସୁଖ
ଜାତକ କାହାଣୀ : ୧ମ, ୨ୟ, ୩ୟ, ୪ର୍ଥ
ବେତାଳ କାହାଣୀ : ୧ମ, ୨ୟ
ବାଇବେଲ କାହାଣୀ · ୧ମ, ୨ୟ
ରାମାୟଣ କାହାଣୀ
ମହାଭାରତ କାହାଣୀ
ଈଶପ କାହାଣୀ
ଗ୍ରୀସ୍‌ଦେଶର ପୁରାଣ କାହାଣୀ
ରୋମରାଜ୍ୟର ପୁରାଣକାହାଣୀ
ଆଲିବାବା କାହାଣୀ
ବିଚିତ୍ର ଦେଶରେ ଏଲିସ
ରୁସ୍ତମ କାହାଣୀ
କୃଷ୍ଣସୁନ୍ଦର

ଏହା ଛଡ଼ା ଆହୁରି ଅନେକ ଭଲ ବହି ଯାହା ସବୁ ଦେଶର ପାଠକଙ୍କୁ ସବୁବେଳେ ମୁଗ୍ଧ କରିଛି।

ପ୍ରକାଶକ — ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

Digitized by srujanika@gmail.com